R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୩୭
ତିଥି : ଦ୍ୱିତୀୟା
୦୨ ଜୁନ୍ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 237
02 June 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ହାଜତ ମୃତ୍ୟୁ ଥାର୍ଡ ଡିଗ୍ରୀ ମାମଲା

# ୪ ଥାନାର ଏଚ୍‌ଆର୍‌ପିସି ତଦନ୍ତ

ଭୁବନେଶ୍ୱର, ୦୧।୬ (ସବ୍ୟୁ) : ୪ ଥାନାରେ ପୋଲିସ ଦ୍ୱାରା ହୋଇଥିବା ନିର୍ଯାତନା ମାମଲା ଓ ହାଜତ ମୃତ୍ୟୁ ମାମଲା ତଦନ୍ତ ମାନବିକ ଅଧିକାର ସୁରକ୍ଷା ପ୍ରକୋଷ୍ଠ (ଏଚ୍‌ଆର୍‌ପିସି) ଦ୍ୱାରା କରାଯିବ । ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏହି ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ଅନୁଯାୟୀ କବିସୂର୍ଯ୍ୟନଗର ଥାନା ମାମଲା ୩୪୨/୨୦୨୬ ଏବଂ ବୈଦନାଥପୁର ଥାନା ଅପମୃତ୍ୟୁ ମାମଲା ୪୧୨-୨୦୨୬ର ନିରପେକ୍ଷ ତଦନ୍ତ ଏଚ୍‌ଆର୍‌ପିସି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ବାରଙ୍ଗ ଥାନା ଅପମୃତ୍ୟୁ ମାମଲା ୧୯/୨୦୨୬ ଏବଂ କଟକ ସଦର ଥାନା ମାମଲା ୩୬୧/୨୦୨୬ର ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।



କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ଅଭିଯୁକ୍ତକୁ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା । ସେହିଭଳି ବାରଙ୍ଗ ଥାନାରେ ମଧ୍ୟ ଅଭିଯୁକ୍ତକୁ ଥାର୍ଡ ଡିଗ୍ରୀ ଦିଆଯିବାର ଅଭିଯୋଗ ଆସିଛି । ସମ୍ପୃକ୍ତ ଅଭିଯୁକ୍ତର ପରିବାର ଏ ନେଇ ଅଭିଯୋଗ କରିଥିଲେ । କେବଳ ସେତିକି ନୁହେଁ ସ୍ଥାନୀୟ ଗ୍ରାମବାସୀ ମଧ୍ୟ ବାରଙ୍ଗ ଥାନା ଘେରାଉ କରିବା ସହ ରାସ୍ତାରୋକ କରିଥିଲେ । ବାରଙ୍ଗ ଥାନା ଆଇଆଇସି ନିରଞ୍ଜନ ବେହେରାଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଥିବାବେଳେ ପୁରୀଘାଟ ଥାନା ଆଇଆଇସି ବିଶ୍ୱ ରଞ୍ଜନ ନାୟକଙ୍କୁ ବାରଙ୍ଗ ଥାନା ଆଇଆଇସି ଭାବେ ଅତିରିକ୍ତ (୯ ପୃଷ୍ଠାରେ)

### କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗ ମୃତ୍ୟୁ ମାମଲା

## ଏଏସ୍‌ପି ପ୍ରତ୍ୟାହୃତ, ତିନି ପୋଲିସ କର୍ମଚାରୀ ନିଲମ୍ବିତ

ବ୍ରହ୍ମପୁର, ୧।୬ (ସବ୍ୟୁ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଭିନ୍ନକ୍ଷମ ସୁଶାନ୍ତ ସାହୁଙ୍କ ହାଜତ ମୃତ୍ୟୁ ଘଟଣାରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ଘଟଣାର ପ୍ରାଥମିକ ତଦନ୍ତ ପରେ ଆଇଜି ଶେଖର ନିର୍ଦ୍ଦେଶ ଦେଇଛନ୍ତି ଯେ, କବିସୂର୍ଯ୍ୟନଗର ଥାନା ଇନଚାର୍ଜ ଏଏସପି ନୀତେଶ କୁମାର ମିଶ୍ରଙ୍କୁ ଜିଲ୍ଲା ପୋଲିସ ହେଡକ୍ୱାର୍ଟରକୁ ପ୍ରତ୍ୟାହୃତ କରାଯାଇଛି । ସେଠାରେ ତାଙ୍କ ସ୍ଥାନରେ ଅନ୍ୟ ଏକ ଉପଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଗଞ୍ଜାମ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଥାନାର ଏସଆଇ ସମୀର କୁମାର ରାଉତ, ବାଲିଚାଇ (୯ ପୃଷ୍ଠାରେ)

# ସୁପ୍ରିମ୍‌କୋର୍ଟରେ ୫ ଜଜ୍‌ଙ୍କୁ ମିଳିଲା ନିଯୁକ୍ତି

## କଲେଜିୟମ୍ ସୁପାରିସକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ

ନୂଆଦିଲ୍ଲୀ, ୧।୬ : ସୁପ୍ରିମକୋର୍ଟରେ ୫ ନୂଆ ବିଚାରପତି ନିଯୁକ୍ତି ହେବେ । ସୁପ୍ରିମକୋର୍ଟ କଲେଜିୟମ ଦ୍ୱାରା କରାଯାଇଥିବା ଏହି ସୁପାରିଶକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି । ନୂଆ ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୭ କୁ ବୃଦ୍ଧି ପାଇବ ।

ସୁପ୍ରିମକୋର୍ଟରେ ମଞ୍ଜୁରୀ ପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ହେଉଛି ୩୮ । କେନ୍ଦ୍ର ଆଇନ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଆଇନଜୀବି ଭେଙ୍କଟା ସୁବ୍ରମଣି ମେହେନାଙ୍କୁ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି । ସେହିଭଳି ବମ୍ବେ ହାଇକୋର୍ଟର ମୁଖ୍ୟ



ବିଚାରପତି ଜଷ୍ଟିସ୍ ସି ଚନ୍ଦ୍ରଶେଖର, ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ ସିଲ୍ ଲାଗୁ , ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜିବ ସଚଦେବା, ଜାମ୍ମୁ କାଶ୍ମିର ଓ ଲଦାଖର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁଣ ପାଲିଙ୍କୁ ଜଜ୍ ଭାବେ ନିଯୁକ୍ତି ଦିଆଯାଇଛି । ଏହାଫଳରେ ସୁପ୍ରିମକୋର୍ଟର ଜଜ୍ ୍‌ସଂଖ୍ୟ ବୃଦ୍ଧି ପାଇବ । ମେ ୨୭ ତାରିଖରେ ସୁପ୍ରିମକୋର୍ଟ କଲେଜିୟମ୍ ଏହି ୫ ଜଣଙ୍କ ନାମ ସୁପାରିଶ କରିଥିଲା ।

# ଅଗ୍ରସର ହେଉଛି ମୌସୁମୀ

ଭୁବନେଶ୍ୱର, ୧।୬ (ସବ୍ୟୁ): ରାଜ୍ୟରେ କିଛି ଦିନ ବ୍ୟବଧାନ ପରେ ପୁଣି ତାପମାତ୍ରା ବଢ଼ିଛି। ତେବେ ୫ଟି ସ୍ଥାନରେ ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ବାକି ସ୍ଥାନ ଗୁଡିକରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁ ନଥିଲେ ମଧ୍ୟ ଆର୍ଦ୍ରତା ବୃଦ୍ଧି ଯୋଗୁ ପ୍ରବଳ ଗରମ ସହିତ ଗୁଳୁଗୁଳି ଅନୁଭୂତ ହେଉଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବାରେ ଲାଗିଛି। ଆସନ୍ତା ୨ରୁ ୩ ଦିନ ଭିତରେ କେରଳ ଓ ତାମିଲନାଡୁ ଛୁଇଁବାର ସମ୍ଭାବନା ଅଛି। ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ଜାରି ରହିବ। ଏହାସହ କେତେକ ସ୍ଥାନରେ ଆର୍ଦ୍ରତା ବୃଦ୍ଧି ଯୋଗୁଁ ଗରମ ଗୁଳୁଗୁଳି ଅନୁଭୂତ ହେବ। ସୋମବାର ଖୋର୍ଦ୍ଧାରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୦.୭ ଡିଗ୍ରୀ, ତାଳଚେରରେ ୪୦.୫ ଡିଗ୍ରୀ, ନୟାଗଡ଼ରେ ୪୦.୨

### ଦୁଇଦିନରେ କେରଳ ଛୁଇଁବ ନାକେଦମ କରିବ ଗୁଳୁଗୁଳି

ଡିଗ୍ରୀ ଓ ଢ଼େଙ୍କାନାଳରେ ୪୦ ଡିଗ୍ରୀ ତାପମାତ୍ରା ରହିଛି। ଆଜି କେନ୍ଦୁଝରରେ କାଳବୈଶାଖୀ ପ୍ରଭାବରେ ୩୬ ମିଲିମିଟର ବର୍ଷା ହୋଇଥିବା ବେଳେ ରାୟଗଡ଼ାରେ ୮.୮ ମିମି ବର୍ଷା ହୋଇଛି ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ଜଳବାୟୁ ସ୍ଥିତି ସୁହାଉଛି। ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଆରବସାଗରର ଆଉ କିଛି ଅଞ୍ଚଳ, କେରଳ ଓ ତାମିଲନାଡୁର କିଛି ଅଞ୍ଚଳ ସମେତ ଦକ୍ଷିଣ-ପଶ୍ଚିମ, ଦକ୍ଷିଣ କେନ୍ଦ୍ରୀୟ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ଆଉ କିଛି ଅଞ୍ଚଳ ଓ ବାକି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ଅଞ୍ଚଳକୁ ଆସନ୍ତା ୨ରୁ ୩ ଦିନ ଭିତରେ ମୌସୁମୀ ପ୍ରବେଶ କରିପାରେ। ଏହା ସହିତ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାଶ୍ୱବର୍ତ୍ତୀ ଝାଡ଼ଖଣ୍ଡ ଓ ଓଡ଼ିଶା ମଧ୍ୟରେ ଏକ ଟ୍ରଫ ଲାଇନ ରହିଛି। ଏହା ପ୍ରଭାବରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହୋଇପାର ।

ମଙ୍ଗଳବାର କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲା ପାଇଁ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାରେ ପ୍ରବଳ ବର୍ଷା ସହ ପବନ ଜୋରରେ ବୋହିବ। ଏହି ସମୟରେ ପବନର (୯ ପୃଷ୍ଠାରେ)

### କେନ୍ଦ୍ର କୋଇଲା, ଖଣି ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଖଣି ଅଞ୍ଚଳରେ ସାଚୁରେସନ୍ ମୋଡ୍ ଯୋଜନାକୁ ଗୁରୁତ୍ୱ

ଭୁବନେଶ୍ୱର, ୦୧।୬ (ସବ୍ୟୁ) : ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡ଼ିଶାର ଅବଦାନକୁ ଆହୁରି ବୃଦ୍ଧି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି ।

ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ



ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ତେବେ, ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ ।

ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ । ଏହାସହିତ ଶାଶୁବୋହୂମାଳୀ ବକ୍‌ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଓଏମ୍‌ସିକୁ ପ୍ରଦାନ କରିବା ପାଇଁ ମଧ୍ୟ ସେ କହିଥିଲେ।

### ଶାଶୁବୋହୂମାଳୀ ବକ୍‌ସାଇଟ୍ ଓ ଠାକୁରାଣି ଲୁହାପଥର ବ୍ଲକ୍ ଓଏମ୍‌ସିକୁ ପ୍ରଦାନ ସପକ୍ଷରେ କେନ୍ଦ୍ରମନ୍ତ୍ରୀ

ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦରଭିତ୍ତି ଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରିବେଶ ସୁରକ୍ଷା (୯ ପୃଷ୍ଠାରେ)

### ବାଲିଅନ୍ତା ସୌମ୍ୟରଞ୍ଜନ ଭିଡ଼ ହିଂସା ହତ୍ୟା ମାମଲା

# ତଦନ୍ତ ଲାଗି ଏନ୍‌ଏଚ୍‌ଆର୍‌ସିର ୨ ଜଣିଆ ଟିମ୍

ଭୁବନେଶ୍ୱର, ୧।୬ (ସବ୍ୟୁ): ବାଲିଅନ୍ତା ସୌମ୍ୟରଂଜନ ଭିଡ଼ ହିଂସା ମୃତ୍ୟୁ ମାମଲାରେ ଭୁବନେଶ୍ୱରରେ ଜାତୀୟ ମାନବାଧିକାର କମିଶନ(ଏନଏଚ୍‌ଆରସି) ଟିମ୍ । ବାଲିଅନ୍ତା ବର୍ବର କାଣ୍ଡ ଘଟଣା । ଏନଏଚ୍‌ଆରସି ପାଖରେ ହାଜର ହେଲା ଜିଆରପି ରେଲୱେ ପୋଲିସ। ସୋମ୍ୟରଞ୍ଜନ କାମ କରୁଥିବା ସୁପରିଟେଣ୍ଡ ଅଫ ରେଲୱେ ପୋଲିସ ଅଫିସର କର୍ମଚାରୀ ହାଜର ହୋଇ ସୋମ୍ୟଙ୍କ ତଥ୍ୟ ରଖିଛନ୍ତି ।

ସୋମ୍ୟଙ୍କ ସର୍ଭିସ୍ ବୁକ୍ ରେକର୍ଡ ସହ

### ହାଜର ହୋଇ ତଥ୍ୟ ରଖିଲା ଜିଆରପି ରେଲୱେ ପୋଲିସ

### ଖୁବଶୀଘ୍ର ରେଲୱେ ଏସ୍‌ପି ଭବାନୀ ଶଙ୍କର ହାଜର ହେବେ

ତାଙ୍କର ସମସ୍ତ ଅଫିସିଆଲ୍ କାଗଜ ପତ୍ର ସହ ଆଣି ହାଜର (୯ ପୃଷ୍ଠାରେ)

# ଆମେରିକା ସହ ଆଲୋଚନା ସ୍ଥଗିତ ରଖିଲା ଇରାନ

ନୂଆଦିଲ୍ଲୀ, ୧।୬ : ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି । ଲେବାନନରେ ଅସ୍ତ୍ରବିରତି ଥିବାବେଳେ ଇସ୍ରାଏଲ ପକ୍ଷରୁ ପୁଣି ଆକ୍ରମଣ କରାଯାଇଛି । ଏହି ଦୃଷ୍ଟିରେ ଆମେରିକା ସହ ଶାନ୍ତି ଆଲୋଚନାକୁ ଇରାନ ସ୍ଥଗିତ ରଖିଛି । ଇରାନର ସରକାର ଗଣମାଧ୍ୟମ ପକ୍ଷରୁ ସୂଚନା ଦିଆଯାଇଛି ଯେ ତେହେରାନ ପକ୍ଷରୁ ଆମେରିକାରେ ହେବାକୁ ଥିବା ଆଲୋଚନାକୁ ସ୍ଥଗିତ ରଖାଯାଇଛି ।

ଆମେରିକା ଓ ଇରାନ ଉଭୟଙ୍କ ପାଇଁ ଏକ ଝଟ୍‌କା ହେଉଛି । ଉଭୟ ଇରାନ ଓ ଆମେରିକା କହିଛନ୍ତି ଯେ ଯେପର୍ଯ୍ୟନ୍ତ ଅସ୍ତ୍ରବିରତି ନ ହୋଇଛି ସେ ପର୍ଯ୍ୟନ୍ତ ବୁଝାମଣା ସ୍ଥଗିତ ରହିବ । ଆମରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଇରାନର ବାୟୁସେନା ପକ୍ଷରୁ ସପ୍ତାହେ ଧରି ଆକ୍ରମଣ କରାଯାଉଛି । ଡ୍ରୋନ୍‌ରେ ମଧ୍ୟ ଆକ୍ରମଣ ହେଉଛି । ଆମେରିକାର ଏମ୍‌କ୍ୟୁ-୧ ଡ୍ରୋନ୍‌କୁ ଇରାନର ସେନା ଖସାଇଛି । ଇରାନ ସେନା ମଧ୍ୟ ଆମେରିକାର କେତେକ ସାମରିକ ଘାଟିକୁ ଟାର୍ଗେଟ କରିଛି । ତେବେ ଇତି ମଧ୍ୟରେ ଇସ୍ରାଏଲ ସେନା ଲେବାନନ ଉପରେ ଆକ୍ରମଣ କରିଛି । ଯାହାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଥିବା ଅସ୍ତ୍ରବିରତିରେ ବିପଦ ଦେଖାଦେଇଛି । ତେବେ ଆମେରିକା ପକ୍ଷରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଓ ଲେବାନନର ରାଷ୍ଟ୍ରପତିଙ୍କ ସହ କୂଟନୈତିକ ବୁଝାମଣା ପାଇଁ ଉଦ୍ୟମ ହେଉଛି । ଆମେରିକା ପ୍ରସ୍ତାବ ଦେଇଛି ଯେ ହେଜେବୁଲ୍ଲା ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ ବନ୍ଦ କରୁ । ଏହାପରେ ଇସ୍ରାଏଲ ମଧ୍ୟ ଆକ୍ରମଣରୁ ନିବୃତ୍ତ ରହୁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ (୯ ପୃଷ୍ଠାରେ)

# ୧୧ରେ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକ

ଭୁବନେଶ୍ୱର, ୧।୬ (ସବ୍ୟୁ) : ଆସନ୍ତା ୧୧ ତାରିଖରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେବ । ଏଥିରେ ବିକଶିତ ଭାରତ ପାଇଁ ମାନବସମ୍ବଳକୁ ମୁଖ୍ୟ ଏଜେଣ୍ଡା କରାଯାଇଥିବାବେଳେ ଗତବର୍ଷ ନିଆଯାଇଥିବା ନିଷ୍ପତ୍ତି ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ରିପୋର୍ଟ ଦାଖଲ କରିବାକୁ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ସଚିବ ଅନୁ ଗର୍ଗ ବୈଠକରେ ସାମିଲ ହେବେ । ବୈଠକ ପୂର୍ବରୁ ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ସବୁ ବିଭାଗକୁ ଚିଠି ଲେଖି ନୀତି ଆୟୋଗର ଦଶମ ପରିଚାଳନା ପରିଷଦ ବୈଠକର ନିଷ୍ପତ୍ତିକୁ କେତେଦୂର ଅନୁପାଳନ କରାଯାଇଛି ତାହାର ଚୂଡାନ୍ତ ତଥ୍ୟ ଦେବାକୁ କହିଛନ୍ତି । ସୂଚନା ଅନୁଯାୟୀ ପରିଷଦ ବୈଠକରେ ୨୫ରୁ ଅଧିକ ନିଷତ୍ତି ନିଆଯାଇଥିଲା । ଶିଳ୍ପ ଓ ନଗର ଉନ୍ନୟନ ବିଭାଗକୁ ରାଜ୍ୟର ସର୍ବାଧିକ ପୁଞ୍ଜି ନିବେଶ ଆକୃଷ୍ଟ କରିବା ପାଇଁ ନିବେଶକ ଅନୁକୂଳ ନୀତି ପ୍ରଣୟନ ସମେତ ଅନ୍ୟ ଯେଉଁ କାର୍ଯ୍ୟ ଦିଆଯାଇତ୍‌ଲା ତାହାର ରିପୋର୍ଟ ଦେବାକୁ କୁହାଯାଇଛି ।

### ୩ରେ ପୁରୀରେ ତିନିଦିନିଆ ବ୍ରିକ୍ସ ସମ୍ମିଳନୀ

# ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ଦେଖିବ ବିଶ୍ୱ

ଭୁବନେଶ୍ୱର, ୧।୬ (ସବ୍ୟୁ): ଆସନ୍ତା ୩ ତାରିଖରେ ପୁରୀରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ହେବ । ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ଅନ୍ତର୍ଜାତୀୟ ବୈଠକ ରାଜ୍ୟରେ ଏବଂ ବିଶେଷ ଭାବେ ପୁରୀ ଠାରେ ଆୟୋଜନ ହେବା ନେଇ ସଭିଙ୍କ ପାଇଁ ଗର୍ବର ବିଷୟ । ଜୁନ୍ ୪ ତାରିଖରେ ଏହାର ଉଦଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ବ୍ରିକ୍ସ ରାଷ୍ଟ୍ରସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ ମଧ୍ୟ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କହିଥିଲେ,



ବ୍ରିକ୍ସ ହେଉଛି ବିଶ୍ୱର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ନେଇ ଗଠିତ ଏକ ପ୍ରମୁଖ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂଗଠନ ଏବଂ ଭୂ-ରାଜନୈତିକ ମଞ୍ଚ । ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ବ୍ରାଜିଲ୍, ରୁଷ୍, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ, ଇଜିପ୍ଟ, ସଂଯୁକ୍ତ ଆରବ ଏମିରେଟ୍ସ, ଇଥିଓପିଆ, ଇରାନ୍ ଓ ଇଣ୍ଡୋନେସିଆ । ସାମୂହିକ ଭାବେ ଏହି ଗୋଷ୍ଠୀ ବିଶ୍ୱ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଂଶ ଏବଂ ବିଶ୍ୱର ମୋଟ ଜାତୀୟ ଉତ୍ପାଦନର ଏକ-ତୃତୀୟାଂଶରୁ ଅଧିକ ଅଂଶର ପ୍ରତିନିଧିତ୍ୱ କରେ ।

ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧ୍ୟକ୍ଷତାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍‌ରାସ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଷୟିକ ବୈଠକ ୨୯-୩୦ ଏପ୍ରିଲ ୨୦୨୬ ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ପ୍ରଥମ ପ୍ରତ୍ୟକ୍ଷ ବୈଷୟିକ ବୈଠକ ୩-୫ ମଧ୍ୟରେ ଓଡ଼ିଶାର ପୁରୀସ୍ଥିତ ତାଜ୍ ପୁରୀ ରିସୋର୍ଟରେ ଅନୁଷ୍ଠିତ ହେବ ।

ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଆମ ରାଜ୍ୟକୁ ଆୟୋଜକ ଭାବେ ଚୟନ କରାଯାଇଛି । ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ପ୍ରତିନିଧି, ନୀତି-ନିର୍ଦ୍ଧାରକ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରିବେ । (୯ ପୃଷ୍ଠାରେ)

# ନିଟ୍-ୟୁଜିର ସିବିଟି ପରୀକ୍ଷାକୁ ସୁପ୍ରିମ୍‌କୋର୍ଟଙ୍କ ମନା

ନୂଆଦିଲ୍ଲୀ, ୧।୬ : ନିଟ୍ -ୟୁଜିର ପୁନଃ ପରୀକ୍ଷାକୁ କମ୍ପ୍ୟୁଟର -ବେଷ୍ଟ ଟେଷ୍ଟ(ସିବିଟି)ରେ କରିବା ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । କଲମ ଓ କାଗଜ ବଦଳରେ ସିବିଟି ମାଧ୍ୟମରେ କରିବାକୁ ଆବେଦନ ହୋଇଥିଲା । ତେବେ ଏହି ପୁନଃ ପରୀକ୍ଷାକୁ ପୂର୍ବ ପଦ୍ଧତିରେ କରିବା ପାଇଁ ଜଷ୍ଟିସ୍ ପିଏସ୍ ନରସିମା ଓ ଜଷ୍ଟିସ୍ ଅରବିନ୍ଦ କୁମାର ମନା କରିଦେଇଛନ୍ତି ଏବଂ ପରବର୍ତ୍ତୀ ଶୁଣାଣି ଜୁଲାଇରେ ହେବ ବୋଲି ଉଲ୍ଲେଖ କରିଛନ୍ତି ।

ଏହି ଖଣ୍ଡପୀଠରେ ଆରଜେଡି ସାଂସଦ ସୁଧାକର ସିଂଙ୍କ ସମେତ ଆଉ କେତେକ ନିଟ୍ ପରୀକ୍ଷା ନେଇ କରିଥିବା ଆବେଦନର ଶୁଣାଣି କରାଯାଇଥିଲା । ପୁନଃ ପରୀକ୍ଷା ସିବିଟି ମୋଡରେ କରିବାକୁ କୁହାଯାଇଥିଲା । ଜଷ୍ଟିସ୍ ନରସିମା କହିଥିଲେ ଯେ, କୋର୍ଟ ପୂର୍ବରୁ ଏଭଳି ଆବେଦନକୁ ଖାରଜ କରିଛନ୍ତି । ଏବେ ଏହି ମାମଲାକୁ ମଧ୍ୟ



### ଜୁଲାଇରେ ହେବ ପରବର୍ତ୍ତୀ ଶୁଣାଣି

ଖାରଜ କରୁଛୁ । ଜୁନ୍ ୨୧ ରେ ପୁନଃ ପରୀକ୍ଷା ହେବ । ଖଣ୍ଡପୀଠ କହିଥିଲେ ଯେ, ପରୀକ୍ଷା କରୁଥିବା କର୍ତ୍ତୃପକ୍ଷ ଏନେଇ ଅସୁବିଧାରେ ପଡିପାରନ୍ତି । ବର୍ତ୍ତମାନ ସ୍ଥିତିରେ ଏହି ବ୍ୟବସ୍ଥା କରିବାର ପ୍ରଶ୍ନ ଉଠୁନାହିଁ। କର୍ତ୍ତୃପକ୍ଷ ଏହି ଅନୁରୂପ ଆହ୍ୱାନର ମୁକାବିଲା ଲାଗି ପଦକ୍ଷେପ ନେଉଛନ୍ତି । ପରୀକ୍ଷାକୁ ବାତିଲ କରାଯାଇଛି । ତାକୁ ପୁନର୍ବାର କରାଯିବ । କର୍ତ୍ତୃପକ୍ଷ ଏ ନେଇ ପୂର୍ବରୁ ଉଦ୍ୟମ କରିଛନ୍ତି । ଏଭଳି ଚାପ ପୂର୍ବରୁ କରାଯାଇଥିଲା ତାହାକୁ ଖାରଜ କରାଯାଇଛି । ଗ୍ରୀଷ୍ମକାଳୀନ ଅବକାଶ ପରେ ଏହି ମାମଲାର ଶୁଣାଣି କରାଯିବ । ଜଷ୍ଟିସ୍ ନରସିମା ଆଉ ଏକ ସେଟ୍‌ର ଜାଚିକା ମଧ୍ୟ ଏ ନେଇ ଯାଞ୍ଚ କରିଥିଲେ । ସେଥିରେ କେନ୍ଦ୍ର ସରକାର ଓ ଏନଟିଏ ପରୀକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଜାଣିବାକୁ ଚାହିଁଥିଲେ । ମେ ୩ ରେ ନିଟ୍ - ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁଁ ବାତିଲ ହୋଇଥିଲ । ଏହାପରେ ଯେଉଁ ପୁନଃ ପରୀକ୍ଷା ହେବ ସିବିଟି ମାଧ୍ୟମରେ କରିବାକୁ ଦାବି ହୋଇଥିଲା । ମାତ୍ର କୋର୍ଟ ଏହାକୁ ଗ୍ରହଣ କରିନାହାଁନ୍ତି ।



## ସୌନ୍ଦର୍ଯ୍ୟ ପ୍ରତିଭାର ମାପକାଠି ନୁହେଁ

କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୬ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଲୁକ୍‌କୁ ନେଇ ସୋସିଆଲ ମିଡିଆରେ ହେଉଥିବା ଟ୍ରୋଲିଂ ଏବଂ ବଡି ଶେମିଂ ବିରୋଧରେ ମତ ରଖିଛନ୍ତି ଅଭିନେତ୍ରୀ ମାଧୁରୀ ଦୀକ୍ଷିତ । ଏକ ସାକ୍ଷାତକାରରେ ମାଧୁରୀ ଐଶ୍ୱର୍ଯ୍ୟା ଜଣେ ଗ୍ଲୋବାଲ ଷ୍ଟାର ଏବଂ ପୂର୍ବତନ ମିସ୍ ୱାର୍ଲ୍ଡ ଭାବେ ସେ ଦେଶର ଗୌରବ ବଢ଼ାଇଛନ୍ତି ବୋଲି ମତ ଦେଇଛନ୍ତି । ତେଣୁ କୌଣସି ବି ମହିଳାଙ୍କ ସଫଳତାକୁ ତାଙ୍କର ଓଜନ, ପୋଷାକର ସାଇଜ୍ କିମ୍ବା ବୟସ ଆଧାରରେ ମପାଯାଇପାରିବ ନାହିଁବୋଲି ମାଧୁରୀ ଦୃଢ଼ୋକ୍ତି ସହକାରେ ମତ ଦେଇଛନ୍ତି । କେବଳ ବାହ୍ୟ ସୌନ୍ଦର୍ଯ୍ୟକୁ ନେଇ କରାଯାଉଥିବା ଏଭଳି କଟାକ୍ଷ ଆଜିର ଯୁବପିଢ଼ିଙ୍କ ପାଖକୁ ଏକ ଭୁଲ୍ ବାର୍ତ୍ତା ପଠାଉଛି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ସମୟରେ ଉପସ୍ଥିତ ଥିବା ଯୁବ ଅଭିନେତ୍ରୀ ତୃପ୍ତି ଡିମ୍ରି ମଧ୍ୟ ଐଶ୍ୱର୍ଯ୍ୟାଙ୍କ ସମେତ ଅଭିନେତ୍ରୀ ଅନନ୍ୟା ପାଣ୍ଡେ (ଯିଏକି ନିଜ ଫିଲ୍ମ 'ଚାନ୍ଦ ମେରା ଦିଲ'ର ଏକ ଡାନ୍ସ ସିନ୍ ପାଇଁ ଟ୍ରୋଲ ହୋଇଥିଲେ) ଙ୍କୁ ସମର୍ଥନ କରିଥିବା ଦେଖିବାକୁ ମିଳୁଛି । ସେହିଭଳି ଡିଜିଟାଲ ମିଡିଆର ପ୍ରଭାବ ଏବଂ ବଦଳୁଥିବା ରିଭ୍ୟୁ ସଂସ୍କୃତି ଉପରେ ଚିନ୍ତାପ୍ରକଟ କରି ମାଧୁରୀ କହିଛନ୍ତି ଯେ, ଆଜିକାଲି ଲୋକେ ମୋବାଇଲ୍ ସ୍କ୍ରିନରେ ମାତ୍ର ୩ ସେକେଣ୍ଡ ସ୍କ୍ରୋଲ୍ କରି ନିଜର ମତାମତ ବଦଳାଇ ଦେଉଛନ୍ତି, ଯାହାକୁ ସ୍ୱୀକାର କରି କଳାକାରମାନଙ୍କୁ ଆଗକୁ ବଢ଼ିବାକୁ ହେବ । ତେବେ ସୂଚନା ଅନୁସାରେ ମାଧୁରୀ ଦୀକ୍ଷିତ, ତୃପ୍ତି ଡିମ୍ରି, ଧାରଣା ଦୁର୍ଗା ଏବଂ ରବି କିଷନଙ୍କ ଅଭିନୀତ ଏହି ଡାର୍କ କମେଡି ଫିଲ୍ମ 'ମାଁ ବହନ' ଆସନ୍ତା ଜୁନ୍ ୪ ରୁ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେବାକୁ ଯାଉଛି ଏବଂ ଏହାର ପ୍ରମୋସନ ସମୟରେ ହିଁ ଉଭୟ ଅଭିନେତ୍ରୀ ସୋସିଆଲ ମିଡିଆ ଟ୍ରୋଲିଂ ଓ କଳାକାରଙ୍କ ମାନସିକ ଚାପ ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ।



## ଇବୋଲା ଭାଇରସ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଇବୋଲା ଭାଇରସକୁ 'ଗ୍ଲୋବାଲ ହେଲଥ୍ ଇମରଜେନ୍ସି' ବା ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯିବା ପରେ ଭାରତ ସରକାର ମଧ୍ୟ ଦେଶରେ ସତର୍କତା ବଢ଼ାଇଛନ୍ତି । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ବିଶ୍ୱର ପ୍ରାୟ ୧୦ଟି ଆଫ୍ରିକୀୟ ଦେଶରେ ଇବୋଲାର କୋପ ଦେଖିବାକୁ ମିଳିଛି, ଯେଉଁଠାରେ ଏହାର 'ବୁଣ୍ଡିବୁଗ୍ୟୋ' ଭେରିଏଣ୍ଟ ଯୋଗୁଁ ସଂକ୍ରମିତଙ୍କ ସଂଖ୍ୟା ୯୦୦ ଟପିଥିବା ସୂଚନା ରହିଛି । ଇବୋଲା ଏକ ଅତ୍ୟନ୍ତ ମାରାତ୍ମକ ଏବଂ ସଂକ୍ରାମକ 'ହେମୋରେଜିକ ଫିଭର' (ରକ୍ତସ୍ରାବ ଜ୍ୱର) ଅଟେ । ଏହା ସଂକ୍ରମିତ ବ୍ୟକ୍ତି ବା ବାଦୁଡ଼ି ଓ ମାଙ୍କଡ଼ ଭଳି ଜଙ୍ଗଲୀ ଜୀବଙ୍କ ରକ୍ତ, ଲାଳ, ଝାଳ ଏବଂ ଅନ୍ୟାନ୍ୟ ଶାରୀରିକ ତରଳ ପଦାର୍ଥର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟାପିଥାଏ । ଏହା ବାୟୁ ଦ୍ୱାରା ବ୍ୟାପୁ ନଥିଲେ ମଧ୍ୟ ଏହାର ମୃତ୍ୟୁ ହାର ଅଧିକ ଥିବାରୁ ଏହାକୁ ଦୁନିଆର ସବୁଠାରୁ ଭୟଙ୍କର ରୋଗ ଭାବେ ଗଣାଯାଏ । ଯାହାର ପ୍ରାଥମିକ ଲକ୍ଷଣ ସାଧାରଣ ଜ୍ୱର ଭଳି ହୋଇଥାଏ ଏବଂ ଏଥିପାଇଁ ସଚେତନତା ହିଁ ଏକମାତ୍ର ଶ୍ରେଷ୍ଠ ପ୍ରତିକାର ଅଟେ । ସୂଚନା ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ହଠାତ୍ ପ୍ରବଳ ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା, ଅତ୍ୟଧିକ ଦୁର୍ବଳତା ଓ କ୍ଲାନ୍ତି, ମାଂସପେଶୀ ଓ ଗଣ୍ଠି ବିନ୍ଧା, ଗଳା ବସିଯିବା ଏବଂ ଭୋକ ନଲାଗିବା ଭଳି ସମସ୍ୟା ଦେଖାଦେଇଥାଏ । ରୋଗ ବଢ଼ିଲେ ବାନ୍ତି, ଝାଡ଼ା, ପେଟ ବ୍ୟଥା, ଡିହାଇଡ୍ରେସନ ଏବଂ ଚର୍ମରେ ନାଲିପଡିବା ବା ଚକଡ଼ା ଦାଗ ହୋଇଥାଏ । ପରିସ୍ଥିତି ଜଟିଳ ହେଲେ ବାରମ୍ବାର ବାନ୍ତି-ଝାଡ଼ା ହେବା ସହ ନାକ ଏବଂ ମାଢ଼ିରୁ ରକ୍ତସ୍ରାବ ହେବା, ବାନ୍ତି ବା ମଳରେ ରକ୍ତ ପଡ଼ିବା, ଏବଂ ମାନସିକ ଭ୍ରମ ବା ଚେତାଶୂନ୍ୟ ହେବା ଭଳି ସଂକେତ ମିଳିଥାଏ । ତେବେ ଏହାର ଲକ୍ଷଣକୁ ଆଦୌ ଅଣଦେଖା ନକରି ତୁରନ୍ତ ସତର୍କତା ଅବଲମ୍ବନ କରିବା ଉଚିତ ଏବଂ ଡାକ୍ତରଙ୍କ ପରାମର୍ଶ ନେଇଯାଆନ୍ତୁ ।

## ଡେଙ୍ଗୁ କମାଇବ ମଶା

ମଶା ଜନିତ ମାରାତ୍ମକ ରୋଗ ବିରୋଧରେ ଲଢ଼େଇ କରିବା ପାଇଁ ଗୁଗଲ୍ ସହ ଜଡ଼ିତ ଏକ ହେଲଥ୍ ଟେକ୍ କମ୍ପାନୀ ଆମେରିକାରେ ପ୍ରତିବର୍ଷ ପ୍ରାୟ ୩.୨ କୋଟି ସ୍ୱତନ୍ତ୍ର ପ୍ରଜାତିର ମଶା ଛାଡ଼ିବାକୁ ଯୋଜନା ପ୍ରସ୍ତୁତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ବାୟୋଲୋଜି ଏବଂ ଆଧୁନିକ ଟେକ୍ନୋଲୋଜିର ମିଶ୍ରଣରେ ପ୍ରସ୍ତୁତ ଏହି ବିଶେଷ ପୁରୁଷ ମଶାଗୁଡ଼ିକ ଶରୀରରେ 'ୱଲବାଚିଆ' ନାମକ ଏକ ବ୍ୟାକ୍ଟେରିଆ ପ୍ରବେଶ କରାଯାଇଛି । ଏହାକୁ କାଲିଫର୍ଣ୍ଣିଆ ଏବଂ ଫ୍ଲୋରିଡା ଭଳି ଅଞ୍ଚଳରେ ଛଡ଼ାଯିବାର ଯୋଜନା ରହିଛି । ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ, ପୁରୁଷ ମଶାମାନେ ସାଧାରଣତଃ ମଣିଷଙ୍କୁ କାମୁଡ଼ନ୍ତି ନାହିଁ । ତେଣୁ ଯେତେବେଳେ ଏହି ପୁରୁଷ ମଶାଗୁଡ଼ିକ ବାହାରେ ଥିବା ଜଙ୍ଗଲୀ ମାଈ ମଶାମାନଙ୍କ ସହ ପ୍ରଜନନ କରିବେ, ସେତେବେଳେ ବ୍ୟାକ୍ଟେରିଆ କାରଣରୁ ସେମାନଙ୍କ ଅଣ୍ଡା ଫୁଟିବ ନାହିଁ । ଯାହାଦ୍ୱାରା ଧୀରେ ଧୀରେ ବିପଜ୍ଜନକ ମଶାମାନଙ୍କ ବଂଶବୃଦ୍ଧି ହ୍ରାସ ପାଇବ ଏବଂ ଡେଙ୍ଗୁ ଓ ଜିକା ଭଳି ଘାତକ ସଂକ୍ରମଣରୁ ରକ୍ଷା ମିଳିପାରିବ । ଯଦିଓ ଏହି ସମ୍ପୂର୍ଣ୍ଣ ପ୍ରକଳ୍ପଟି ବର୍ତ୍ତମାନ ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିର ସମୀକ୍ଷାଧୀନ ରହିଛି, ତଥାପି ଆବଶ୍ୟକୀୟ ମଞ୍ଜୁରୀ ମିଳିବା ପରେ ଏହି ସ୍ୱତନ୍ତ୍ର ମଶାଗୁଡ଼ିକୁ ପ୍ରକୃତି ମଧ୍ୟକୁ ଛଡ଼ାଯିବା ସହ ଏହି ଅଭିନବ ମିଶନର ଶୁଭାରମ୍ଭ କରାଯିବ ।




## ସୋସିଆଲ କୋଟ୍ସ



ଲୋକମାନେ ଇନଷ୍ଟାଗ୍ରାମ ଓବସେସ୍ଡ ରହୁଛନ୍ତି । ହେଲେ ଏଥିରେ ୯୦ ପ୍ରତିଶତ କଥା କାହାଣୀ ହୋଇଥାଏ ଯେଉଁଥିରେ କିଛି ସତତ୍ୟା ନଥାଏ । ଅଧିକାଂଶ ଗୁଜବ ହୋଇଥାଏ ।

ବବି ଦେଓଲ, ଅଭିନେତା



ପୁରୁଣା ଦିନ ଗୁଡିକ ମନେ ପଡିଲେ ଖୁବ କଷ୍ଟ ହୁଏ । ତାରକ ମେହତା ସେଟରେ ମୋତେ ଜବରଦସ୍ତ ଅଶ୍ଳୀଳ ପୋଷାକ ପିନ୍ଧା ଯାଉଥିଲା, ଯାହା ମୋତେ ଆଦୌ ପସନ୍ଦ ନଥିଲା । ଅନେକଥର ମନା କରିଛି ହେଲେ କିଛି ଫରକ ପଡିନି ।

ନେହାଲ ଭୋଦଲିଆ, ଅଭିନେତ୍ରୀ



ମୋତେ ସୋସିଆଲ ମିଡିଆରେ ଅନେକ ଦିନରୁ ଟ୍ରୋଲିଂର ଶିକାର ହେବାକୁ ପଡୁଛି । ଏହା ବିରୋଧରେ ମୁଁ ଥାନାକୁ ଯାଇଥିଲି । କ୍ରିମିନାଲ ମାମଲା ବି ରୁଜୁ କରିଥିଲି । ହେଲେ ଥାଲାପତି ବିଜୟଙ୍କ ସରକାର ଗଠନ ପରେ ଏହି ମାମଲା କ୍ରିମିନାଲ କେସ ନୁହେଁ ବରଂ ମାନହାନିର କେସ ବୋଲି ମୋତେ ନୋଟିସ ମିଳିଥିଲା ।

ଜୁଲି, ଅଭିନେତ୍ରୀ

## ହାଃହାଃ

ସ୍ତ୍ରୀ: ଶୁଣୁଛ, ବିବାହ ପୂର୍ବରୁ ତୁମେ ମୋତେ କେତେ ଉପହାର ଦେଉଥିଲ, ଏବେ କାହିଁକି ଦେଉନାହଁ ?

ସ୍ୱାମୀ: ଆରେ ପାଗେଳି, କେବେ କେଉଁ ମାଛଧରାଳି ମାଛ ଧରିସାରିଲା ପରେ ତାକୁ ଥୋପ ଖାଇବାକୁ ଦିଏ କି ?

## ଇତିହାସ

୧୭୪୬- ରୁଷ୍ ଏବଂ ଅଷ୍ଟ୍ରେଲିଆ କେତେକ ବୁଝାମଣା ଉପରେ ସ୍ୱାକ୍ଷର କରିଥିଲେ ।

୧୭୮୦- କ୍ୟାଥୋଲିକ୍ ବିରୋଧି ପ୍ରଦର୍ଶନକାରୀମାନେ ଲଣ୍ଡନ ବିଧାନସଭା ଉପରେ ଆକ୍ରମଣ କରିଥିଲେ ।

୧୮୫୧- ଆମେରିକାରେ ପ୍ରଥମକରି ମାଇନେ ପ୍ରାନ୍ତରେ ମଦ୍ୟପାନ ନିଷେଧ ଆଇନ ଲାଗୁ କରାଗଲା ।

୧୯୦୯- କ୍ରମାଗତ ତୃତୀୟ ଥର ପାଇଁ ଆଲ୍‌ଫ୍ରେଡ୍ ଡେକିନ୍‌ଙ୍କୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ରୂପେ ଚୟନ କରାଯାଇଥିଲା ।

୧୯୫୩- ବ୍ରିଟିଶ ରାଜସିଂହାସନରେ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କର ରାଜ୍ୟାଭିଶେଷ ହୋଇଥିଲା । ଏହାପରେ ସେ ବ୍ରିଟେନ୍, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ସମେତ କମନେଓ୍ୱଲ୍‌ଥ ଦେଶଗୁଡ଼ିକର ରାଣୀ ହୋଇଥିଲେ ।

୨୦୧୪- ତେଲେଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା ।

## ଭାଇରାଲ ଏସି ଅଟୋ

ଭାରତରେ ଜାରି ରହିଥିବା ପ୍ରଚଣ୍ଡଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗୁରୁଗ୍ରାମର ଏକ ଅଟୋ ରିକ୍ସାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଯାତ୍ରୀଙ୍କ ଆରାମ ପାଇଁ ଏକ ଏସି ଲଗାଯାଇଛି । ଇନଷ୍ଟାଗ୍ରାମରେ ସେୟାର କରାଯାଇଥିବା ଏହି ରିଲ୍‌ରେ ଏକ ନୀଳ ରଙ୍ଗର ଅଟୋ ଦେଖିବାକୁ ମିଳୁଛି ଏବଂ ଏହାର ସବୁଠାରୁ ବିଶେଷ କଥା ହେଉଛି ଏଥିରେ ସବୁଜ ରଙ୍ଗର ନମ୍ବର ପ୍ଲେଟ୍ ଲାଗିଛି, ଯାହା ଏହା ଏକ ଇଭି ହୋଇଥିବା ସୂଚାଉଛି । ସେହିଭଳି ଏହି ଅଟୋରେ ଏସି ଲଗାଯାଇଥିବା ନେଇ ମଧ୍ୟ ଭିଡିଓରେ ସୂଚନା ଦିଆଯାଇଛି । ଦେଶର ବିଭିନ୍ନ ଭାଗରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଏହି ଅପଗ୍ରେଡେଡ୍ ଅଟୋକୁ ଦେଖି ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଏହାକୁ "ସାର୍ବଜନୀନ ପରିବହନର ଭବିଷ୍ୟତ" ବୋଲି ମତ ଦେଇଛନ୍ତି । ସମସ୍ତେ ଅଟୋ ମାଲିକଙ୍କର ଏଭଳି ପ୍ରୟାସକୁ ଖୁବ ପସନ୍ଦ ଓ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।




## ମାଂସ କଚୋଡ଼ି



ସାମଗ୍ରୀ- ମଇଦା-୫୦୦ ଗ୍ରାମ୍, ହାଡ଼ ନଥିବା ମାଂସ-୨୫୦ଗ୍ରାମ୍, କଟା ପିଆଜ-୩ଟା, ରସୁଣ, ଅଦା, ଗରମମସଲା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ତେଲ, ଲୁଣ ପରିମାଣ ଅନୁସାରେ ।

ପ୍ରଣାଳୀ- ପିଆଜ, ଅଦା, ରସୁଣକୁ ବାଟିଦିଅନ୍ତୁ । ଅଲଗାକରି ମାଂସକୁ ବାଟିଦିଅନ୍ତୁ । କଡ଼େଇରେ ତେଲଦେଇ ବଟା ମସଲାକୁ କଷନ୍ତୁ । ମସଲା ଅଧାକଷା ହୋଇଗଲେ ଏଥିରେ ମାଂସ ପକାଇ ଭାଜନ୍ତୁ । ଏହାପରେ ଲଙ୍କାଗୁଣ୍ଡ ଓ ସମସ୍ତ ଗୁଣ୍ଡମସଲା ପକାଇ କଷନ୍ତୁ । ମଇଦାକୁ ଭଲଭାବେ ଚକଟି ଦିଅନ୍ତୁ । ଏହି ଚକଟା ମଇଦାରେ ମଣ୍ଡାପିଠା ଭଳି ଖୋଳକରି ମାଂସମସଲା ପୁର ଦିଅନ୍ତୁ । ଏହି ପିଠାକୁ ଅଳ୍ପ ଚାପି ତେଲରେ ଛାଣିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମାଂସକଚୁଡ଼ି ।



**ମେଷ:** ଅଯଥାଭୟ, କର୍ମକ୍ଷେତ୍ରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଶତ୍ରୁସମସ୍ୟା, ଅର୍ଥସମସ୍ୟା, ଦାମ୍ପତ୍ୟ ସୁଖ, ଦୂରଯାତ୍ରା ସଫଳ, କିଛି କାର୍ଯ୍ୟରେ ବିବାଦ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶାରୀରିକ କଷ୍ଟ, ନୂତନ କାର୍ଯ୍ୟରେ ବିଳମ୍ବ, ଯାତ୍ରାରେ ସତର୍କ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ପତ୍ତିବିବାଦ, ଦୂରଯାତ୍ରା, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** କର୍ମକ୍ଷେତ୍ରେ ଲାଭ, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ, ଖୁସିଖବର, ଦୂରଯାତ୍ରାରେ ସଫଳ, କାର୍ଯ୍ୟରେ ବିଳମ୍ବ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**କର୍କଟ:** ଧନଲାଭ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ନୂତନ କର୍ମନିଯୁକ୍ତି, ଦୂରଯାତ୍ରା ସଫଳ, ଅଯଥା ବିବାଦ, ମାନସିକ ଶାନ୍ତି, ସମ୍ପତ୍ତିଖୁସି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା-ମା' ବିମଳା ।

**ସିଂହ:** କର୍ଣ୍ଣପୀଡ଼ା, ବ୍ୟବସାୟରେ ସ୍ୱଳ୍ପ ଲାଭ,ଦୂରଯାତ୍ରାର ଶୁଭଆଲୋଚନା, ଶତ୍ରୁସମସ୍ୟା, ଦ୍ରବ୍ୟନଷ୍ଟ ହେବାକାର୍ଯ୍ୟ ବିଳମ୍ବ, ଦାମ୍ପତ୍ୟସୁଖ, ପୁତ୍ରପାଇଁ ଚିନ୍ତା, ବିଦ୍ୟାରେ ସଫଳ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଶରୀର କଷ୍ଟ, ନୂତନ କର୍ମଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ସନ୍ତୁଷ୍ଟ, ପୁରାତନ ବନ୍ଧୁଦର୍ଶନ, ଶତ୍ରୁଦ୍ୱାରା ପିଡ଼ିତ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ବିଦ୍ୟାରେ ଅସଫଳ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ଭୁବନେଶ୍ୱରୀ ।

**ତୁଳା:** କାର୍ଯ୍ୟରେ ସଫଳ, ମାନସିକ ଶାନ୍ତି, ବନ୍ଧୁଲାଭ, ଉଚ୍ଚଆଶା ସଫଳ, ଅନୁଷ୍ଠାନରୁ ଲାଭ, କିଛି କ୍ରୟବିକ୍ରୟ, ଶତ୍ରୁ ପରାଜିତ, ଅର୍ଥଚିନ୍ତା, ବ୍ୟବସାୟରେ ସନ୍ତୁଷ୍ଟ, ସନ୍ତାନଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ବିଛା:** ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ଶାନ୍ତି, ଦୂରଯାତ୍ରାରେ ଲାଭ, ଅର୍ଥଲାଭ, ସମ୍ପତ୍ତି ଗଣ୍ଡଗୋଳ, ପୁରାତନ ବିବାଦ ସମାଧାନ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-କୁବେର ଭଗବାନ ।

**ଧନୁ:** ଦ୍ରବ୍ୟଲାଭ, କର୍ମକ୍ଷେତ୍ରେ ପଦବୀଲାଭ, ଶତ୍ରୁ ପରାଜିତ, ବିବାଦମୁକ୍ତ, ଅନୁଷ୍ଠାନରୁ ଲାଭ, ନୂତନ ବ୍ୟବସାୟ, ତୀର୍ଥଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନଖୁସି, ବିଦ୍ୟାରେ ସଫଳତା, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧବଳ, ସଂଖ୍ୟା-୧୦, ଆରାଧନା-ମା' ଭଗବତୀ ।

**ମକର:** କାର୍ଯ୍ୟରେ ଅଶାନ୍ତି, ଅଯଥା ଖର୍ଚ୍ଚ, ହେବାକାର୍ଯ୍ୟ ବିଳମ୍ବ, ଅର୍ଥସମସ୍ୟା, ମାନସିକ ଅବସାଦ, ଦୂରଯାତ୍ରା ସଫଳ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁସମସ୍ୟା, ବିଦ୍ୟାରେ କଷ୍ଟ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' ଲୋକମାତା ।

**କୁମ୍ଭ:** ଯାତ୍ରାରେ ଶୁଭ, ଖୁସିଖବର, ଅର୍ଥଲାଭ, ସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ନୂତନ ସମାଚାର, ବ୍ୟବସାୟରେ ଲାଭ, ଶତ୍ରୁସମସ୍ୟା, ମାନସିକ ଶାନ୍ତି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**ମୀନ:** ପାରିବାରିକ ଶାନ୍ତି, କର୍ମେ ନିଯୁକ୍ତି, ଶୁଭଖବର, ସମସ୍ୟା ସମାଧାନ, ଦେବଦର୍ଶନ, ନୂତନ ବ୍ୟବସାୟ, ବାକିଧନ ପ୍ରାପ୍ତି, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ସନ୍ତାନ ଖୁସି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ବାଟମଙ୍ଗଳା ।

ଜ୍ୟେଷ୍ଠ କୃଷ୍ଣପକ୍ଷ ଦ୍ୱିତୀୟା
୨.୬.୨୦୨୬, ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ମୁଖ୍ୟମନ୍ତ୍ରୀଙ୍କ ୧୮ ତମ ପାଳି ଅଭିଯୋଗ ଶୁଣାଣି

# ବର୍ତ୍ତମାନ ଅଭିଯୋଗ ଶୁଣାଣି ଆମ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ସୋମବାର ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ ତମ ପାଳି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି। ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି।

ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ମୁଖ୍ୟମନ୍ତ୍ରୀ ସୋମବାର ସକାଳେ ପ୍ରଥମେ ଆସି



ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।

ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି। ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,

> ▸▸ ୧୭ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୯୬ ପ୍ରତିଶତ ଅଭିଯୋଗର ସମାଧାନ
>
> ▸▸ ୧୩ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶାସନ ସଚିବ ଓ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଲେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ୨୦୨୫-୨୬ରେ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ନୂଆ ରେକର୍ଡ; ୮.୪୬ ବିଲିୟନ୍ ଡଲାର ଆୟ

ଭୁବନେଶ୍ୱର, (ସବ୍ୟୁ): ଭାରତ ୨୦୨୫-୨୬ ଆର୍ଥିକ ବର୍ଷରେ ୭୩,୮୯୦.୪୬ କୋଟି ଟଙ୍କା (୮.୪୬ ବିଲିୟନ ଡଲାର) ମୂଲ୍ୟର ୧୯,୭୨,୦୧୮ ମେଟ୍ରିକ୍ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହା ପ୍ରତିକୂଳ ବଜାର ବ୍ୟବସ୍ଥା ସତ୍ତ୍ୱେ ପରିମାଣ ଏବଂ ମୂଲ୍ୟ ଦୃଷ୍ଟିରୁ ସର୍ବକାଳୀନ ଓ ସର୍ବାଧିକ । ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ବିକାଶ କର୍ତ୍ତୃପକ୍ଷ (ଏମ୍.ପି.ଇ.ଡି.ଏ)ର ଅଧ୍ୟକ୍ଷ ଶ୍ରୀ ପି ଜବାହରଙ୍କ ସୂଚନା ଅନୁଯାୟୀ, ପରିମାଣ ଏବଂ ମୂଲ୍ୟ ଉଭୟ ଦୃଷ୍ଟିରୁ ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନି ସାମଗ୍ରୀ ତାଲିକାର ଶୀର୍ଷରେ ଥିଲା, ଯେତେବେଳେ ଆମେରିକା ଏବଂ ଚୀନ୍ ଭାରତୀୟ ସାମୁଦ୍ରିକ ଖାଦ୍ୟର ସର୍ବାଧିକ ଆମଦାନୀକାରୀ ଥିଲେ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଫ୍ରୋଜେନ୍ ଚିଙ୍ଗୁଡ଼ି ପ୍ରମୁଖ ଉତ୍ପାଦ ଭାବରେ ରହିଆସିଛି, ଯାହା ୪୯,୦୩୭.୯୩ କୋଟି ଟଙ୍କା (୫,୬୨୪.୪୮ ନିୟୁତ ଆମେରିକୀୟ ଡଲାର) ଆୟ କରିଛି। ଏହା ମୋଟ ପରିମାଣର ୪୦.୧୯% ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନିରୁ ମୋଟ ଆମେରିକୀୟ ଡଲାର ଆୟର ୬୬.୫୨% ଅଟେ । ଏହି ସମୟ ମଧ୍ୟରେ, ଚିଙ୍ଗୁଡ଼ି ରପ୍ତାନି ଟଙ୍କା ମୂଲ୍ୟରେ ୧୩.୧୬% ଏବଂ ଡଲାର ମୂଲ୍ୟରେ ୮.୬୪% ବୃଦ୍ଧି ପାଇଛି।

୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବ ମୋଟ ୭,୯୨,୬୪୭ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନି ହୋଇଥିଲା । ସବୁଠାରୁ ବୃହତ୍ତମ ବଜାର ଯୁକ୍ତରାଷ୍ଟ୍ର ଆମେରିକା ହୋଇଥିବାରୁ ୨,୫୬,୧୨୮ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ଆମଦାନୀ କରିଥିଲା ଓ ଏହା ପରେ ଚୀନ୍ ୧,୬୯,୫୦୫ ମେଟ୍ରିକ ଟନ୍, ୟୁରୋପୀୟ ସଂଘ ୧,୩୫,୫୯୯ ମେଟ୍ରିକ ଟନ୍, ଦକ୍ଷିଣ ପୂର୍ବ ଏସିଆ ୮୩,୮୧୦ ମେଟ୍ରିକ ଟନ୍, ଜାପାନ ୪୦,୭୭୬ ମେଟ୍ରିକ ଟନ୍, ମଧ୍ୟପ୍ରାଚ୍ୟ ୩୦,୪୭୮ ମେଟ୍ରିକ ଟନ୍ ଏବଂ ଅନ୍ୟାନ୍ୟ ସମସ୍ତ ଦେଶ ମିଳିତ ଭାବରେ ୭୬,୩୫୧ ମେଟ୍ରିକ ଟନ୍ ରପ୍ତାନି କରିଥିଲେ । ଏଲ୍. ଭାନାମେଇ ଏବଂ ବ୍ଲାକ୍ ଟାଇଗର୍ ଚିଙ୍ଗୁଡ଼ିର ରପ୍ତାନି ପରିମାଣ ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ପାଇଛି।

ଦ୍ୱିତୀୟ ସର୍ବାଧିକ ରପ୍ତାନି ହୋଇଥିବା ଫ୍ରୋଜେନ୍ ମାଛ ୫,୬୫୮.୩୭ କୋଟି ଟଙ୍କା (୬୪୩.୭୦ ନିୟୁତ ଡଲାର) ଆୟ କରିଛି ଓ ତୃତୀୟ ସର୍ବାଧିକ ରପ୍ତାନି ହୋଇଥିବା ଶୁଖୁଆ ଟ.୫,୦୭୯.୦୯ କୋଟି (୫୭୭.୪୪ ନିୟୁତ ଡଲାର) ଆୟ କରିଛି ଏବଂ ଟଙ୍କା ମୂଲ୍ୟ ଦୃଷ୍ଟିରୁ ୭୮.୦୫% ରପ୍ତାନି ଧାରା ସହିତ ଅର୍ନ୍ତଜାତୀୟ ବଜାରରେ ଏହାର ଉଚ୍ଚ ଚାହିଦାକୁ ଦର୍ଶାଇଛି। ଫ୍ଲୋଜେନ୍ ସ୍କିଡ୍ ରପ୍ତାନି ୧,୦୨,୦୬୦ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି, ଯାହା ଟ. ୪,୪୯୩.୮୦ କୋଟି (୫୧୩.୮୪ ନିୟୁତ ଡଲାର) ଆୟ କରିଛି । ଏହି ସମୟରେ, ଫ୍ରୋଜେନ୍ କଟଲଫିସ୍ ପରିମାଣ ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ପାଇଛି, ପରିମାଣରେ ୧୩.୩୨% ଏବଂ ମୂଲ୍ୟରେ ୧୬.୨୫%, ଯାହାର ରପ୍ତାନି ୬୭,୧୫୭ ମେଟ୍ରିକ୍ ଟନ୍ ହୋଇଛି ଯାହାର ମୂଲ୍ୟ ଯଥାକ୍ରମେ ୩୩୧.୯୬ ନିୟୁତ ଡଲାର ଥିଲା ଓ

ଶୀତଳିକୃତ ସାମଗ୍ରୀର ରପ୍ତାନି ଟ. ୬୨୨.୩୧ କୋଟି (୭୧.୨୭ ନିୟୁତ ଡଲାର) ଆୟ କରିଛି । ଜୀବନ୍ତ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ମୂଲ୍ୟ ଡଲାର ଅନୁସାରେ (୬୨.୪୩ ନିୟୁତ ଡଲାର) ୧୧.୪୬% ବୃଦ୍ଧି ପାଇଛି।

### ୪୮ ଜାତୀୟ ରାଜପଥ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ

# ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ରୋଡ୍ ନେଟ୍‌ୱାର୍କକୁ ସମୃଦ୍ଧ କରିବା କ୍ଷେତ୍ରରେ ଆମେ ଆଗେଇ ଚାଲିଛୁ । ସମସ୍ତଙ୍କ ମିଳିତ ସହଯୋଗରେ ବିଗତ ବର୍ଷ ତୁଳନାରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛୁ । ତେବେ ଏହି ଧାରାକୁ ବଜାୟ ରଖିବା ଏବଂ ପ୍ରକଳ୍ପଗୁଡ଼ିକୁ ଅଧିକ ଦ୍ରୁତ ଗତିରେ ଆଗେଇ ନେବା ଲାଗି ଆମକୁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି ।



ସୋମବାର ୫୦ କୋଟିରୁ ଉର୍ଦ୍ଧ୍ୱବ୍ୟୟ ଅଟକଳରେ ୪୮ଟି ଜାତୀୟ ରାଜପଥର ଅଗ୍ରଗତି ନେଇ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଇଂଜିନିୟରମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି । ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ।

ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ,ୟୁଟିଲିଟି ସିଫଟିଂ, ସଠିକ୍ ପ୍ଲାନିଂ ଓ ଡିଜାଇନ୍ ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ ଆମକୁ ଅଧିକ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ । ବୈଠକରେ ୩୦ଟି ଚାଲୁ ରହିଥିବା ପ୍ରକଳ୍ପ, ୧୪ଟି କାର୍ଯ୍ୟାଦେଶ ହେବାକୁ ଥିବା ପ୍ରକଳ୍ପ ଏବଂ ୪ଟି ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା । ଏଥି ମଧ୍ୟରେ ଭଞ୍ଜନଗରରୁ ଆସ୍କା ରୋଡ୍, ରିଆମାଳ ବାଇପାସ୍ ରୋଡ୍, ବ୍ରହ୍ମପୁର ବାଇପାସ୍, ଖରିଆର ରୋଡ୍ ଆରଓବି, ପୁରୀ-ମାଟିଆପଡ଼ା ଆର୍‌ଓବି, ନୟାଗଡ଼ ବାଇପାସ୍, କେସିଙ୍ଗା ଆର୍‌ଓବି, ମାଲକାନଗିରି-ମୋଟୁ ରାସ୍ତାରେ ଥିବା ହାଇଲେବୁଲ୍ ବ୍ରିଜ, କନ୍ଦରପୁର-ବାଲିକୁଦା ରାସ୍ତା, କୋଟପାଡ଼ ବାଇପାସ ରାସ୍ତା, କୁଆଖିଆ-ମଙ୍ଗଳପୁର ରାସ୍ତା, ଟିଟିଲାଗଡ଼ ବାଇପାସ୍ ରାସ୍ତା, ବୈତରଣୀ ନଦୀରେ ହାଇଲେବୁଲ୍ ବ୍ରିଜ, ନବରଙ୍ଗପୁର ବାଇପାସ, ତେଲ ନଦୀରେ ହାଇଲେବୁଲ୍ ବ୍ରିଜ, ଝାରସୁଗୁଡ଼ା ବାଇପାସ ରାସ୍ତା, ରାଇରଙ୍ଗପୁର ବାଇପାସ୍, ଦଶପଲ୍ଲା ବାଇପାସ୍ ଆଦି ଚାଲୁଥିବା ପ୍ରକଳ୍ପ ରହିଥିଲା । ଏଥି ସହିତ କାର୍ଯ୍ୟାଦେଶ ହେବାକୁ ଥିବା ଏବଂ ଟେଣ୍ଡର ପ୍ରକ୍ରିୟାରେ ଥିବା ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

> ଖୁବ୍‌ଶୀଘ୍ର ୧୭୨୧ କୋଟି ମୂଲ୍ୟର ୪୯ ପ୍ରକଳ୍ପର ହେବ ଲୋକାର୍ପଣ

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

କୁଜଙ୍ଗ ,(ସବ୍ୟୁ): ବିଦ୍ୟୁତ୍ ଆଘାତରେ ଜନୈକ ଯୁବକଙ୍କର ମୃତ୍ୟୁ ଘଟିଛି । କୁଜଙ୍ଗ ଥାନା ଅନ୍ତର୍ଗତ ମଲ୍ଲାସାହି ଗ୍ରାମରେ ବିଦ୍ୟୁତ୍ କାମ କରୁଥିବା ବେଳେ ଏହି ଅସ୍ୱାଭାବାବିକ ଘଟଣା ଘଟିଥିଲା । ବିଶ୍ୱନାଥଙ୍କ ନାମକ ବିଦ୍ୟୁତ୍ କର୍ମଚାରୀ ବାଡ଼ିରେ ବିଦ୍ୟୁତ୍ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତର ଶୀକାର ହୋଇଥିଲେ । ଘଟଣାସ୍ଥଳରେ ବିଦ୍ୟୁତ୍ ଆଘାତ ପାଇ ତାଙ୍କର ମୃତ୍ୟୁ ହୋଇଥିବାର କୁହାଯାଉଛି । ତାଙ୍କର ହାତ ଏବଂ ଅନ୍ୟ ସ୍ଥାନଗୁଡିକ ଜଳିଯାଇଛି । ତୁରନ୍ତ ବିଶ୍ୱନାଥଙ୍କୁ କୁଜଙ୍ଗ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ହେଲେ ଡାକ୍ତରମାନେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ଦୁଇଟି ସନ୍ତାନ ତାଙ୍କର ଅଛନ୍ତି ଓ ତାଙ୍କ ପନୀ ବିଦ୍ୟୁତ୍ ବିଭାଗର ମାସିକିଆ ପାଉଣା ଆଦାୟ କରନ୍ତି ବୋଲି କୁହାଯାଇଛି । କୁଜଙ୍ଗଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଛି ।

### ୩୦ ବର୍ଷ ପରେ ମାମଲାର ଟ୍ରାଏଲ୍ ଯୋଗୁଁ ହାଇକୋର୍ଟ କ୍ଷୁବ୍ଧ

# ଭିଜିଲାନ୍ସ କରିଥିବା ମାମଲା ରଦ୍ଦ

କ ଟ କ , ( ସ ବୁ ୍ୟ) : ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍‌ରେ ଟ୍ୟୁବ୍‌ୱେଲ୍ ବସାଇବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ଦ୍ୱାରା ରୁଜୁ ହୋଇଥିବା ମାମଲାର ବିଳମ୍ବିତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଭିଷଣ କ୍ଷୁବ୍ଧ ହୋଇଛନ୍ତି। ଗୋଟେ ମାମଲାରେ ଏଫଆଇଆର ରୁଜୁ ହେବାର ୩୦ବର୍ଷ ପରେ ଟ୍ରାଏଲ୍ ଆରମ୍ଭ ହେଉଛି । ଏତେ ବିଳମ୍ବରେ ଆରମ୍ଭ ହେଉଥିବା ଟ୍ରାଏଲ୍‌କୁ କେବେ ବୈଧ(ଫେୟାର) ଟ୍ରାଏଲ୍ କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ଏହି ମାମଲାକୁ ରଦ୍ଦ କରି ଦେଇଛନ୍ତି । ପ୍ରଭାତ କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ୧୯୯୦-୯୧ ମସିହାରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଛୋଟ ଏବଂ ମଧ୍ୟମ ଧରଣର ଚାଷୀଙ୍କୁ ସହାୟତା ପାଇଁ ସମ୍ପୂର୍ଣ୍ଣ ମାଗଣାରେ ରଘୁନାଥପୁର ବ୍ଲକ୍‌ରେ ୧୫୦ଟି ଟ୍ୟୁବ୍‌ୱେଲ ବସାଇବା ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ୨ଲକ୍ଷ ୪୯ ହଜାର ଟଙ୍କା ମଞ୍ଜୁର କରାଯାଇଥୁଲା । ପ୍ରତ୍ୟେକ ଚାଷୀଙ୍କୁ ଏଥିପାଇଁ ୩ହଜାର ଟଙ୍କା ପ୍ରଦାନ କରାଯାଉଥିଲା । ପ୍ରଥମେ ବ୍ଲକ୍‌ରେ ୮୩ଜଣ ଚାଷୀଙ୍କୁ ଚୟନ କରଯାଇଥିଲା । ୧୯୯୩ ମସିହା ଫେବ୍ରୁଆରୀ ୨ ତାରିଖରେ କଟକ ଭିଜିଲାନ୍ସରେ ଏକ ଅଭିଯୋଗ ହୋଇଥିଲା । ଯେଉଁଥିରେ ପାଇପ୍ ବସା ନଯାଇ ଏହି ପ୍ରକଳ୍ପର ଦେଢ଼ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ୮୩ଟିରୁ ମାତ୍ର ୩୩ଟି ଟ୍ୟୁବ୍ ୱେଲ ବସାଯାଇଛି। ଏହି ୩୩ଟି ପାଇଁ ଯେଉଁ ପିଲିସି ପାଇପ୍ ବସଯାଇଛି ତାହା ମଧ୍ୟ ନିୟମ ବହିର୍ଭୁତ ଭାବେ କରାଯାଇଛି । ଏହି ଆଧାରରେ ଆବେଦନକାରୀଙ୍କ ସମେତ ୫୬ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହାପରେ ଅଭିଯୁକ୍ତମାନଙ୍କୁ ହାଜର ପାଇଁ ଭିଜିଲାନ୍ସ ପକ୍ଷରୁ ସମନ କରାଯାଇଥିଲା । ୨୦୦୭ ମସିହାରେ ସ୍ୱତନ୍ତ୍ର ଭିଜିଲାନ୍ସଙ୍କ ଅଦାଲତକୁ ଏହି ମାମଲାକୁ ପଠାଇ ଦିଆଗଲା । ଏହି ଅଭିଯୋଗରେ ଆବେଦନକାରୀ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ରଦ୍ଦ ପାଇଁ ହାଇକୋର୍ଟକୁ ୨୦୨୪ ମସିହାରେ ଆସିଥିଲେ। ଏଥିରେ ଆବେଦନକାରୀ ବିଳମ୍ବରେ ବିଚାର ଆରମ୍ଭ ହୋଇଥିବା ମାମଲାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାକୁ ଭିଜିଲାନ୍ସ ପକ୍ଷରୁ ବିରୋଧ ମଧ୍ୟ କରାଯାଇଥିଲା । ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ କହିଛନ୍ତି ଯେ, ଗୋଟେ ମାମଲରେ ଭିଜିଲାନ୍ସ ୧୯୯୩ ମସିହା ଜୁନ୍ ୩୦ରେ ଏଫଆଇଆର କଲା । ଏହାର ଚାରି ବର୍ଷ ପରେ ଅର୍ଥାତ ୧୯୯୭) ମସିହା ଜୁନ୍ ୩୦ରେ କଗ୍‌ନିଜାନ୍ସ ନିଆଗଲା। ଏହାର ୬ବର୍ଷ ପରେ ଅର୍ଥାତ ୨୦୦୭ ଫେବ୍ରୁଆରୀ ୨ରେ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତକୁ ପଠାଗଲା ।

## ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ : ଯୁବକ କୋର୍ଟ ଚାଲାଣ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ସାରୋଇ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିବା ଯୁବକକୁ ଧର୍ମଶାଳା ପୁଲିସ ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଶନିବାର ସକାଳେ ସାରୋ ଛକ ନିକଟରେ ଯୁକ ଜଣକ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ବନ୍ଧୁକ ଦେଖାଇ ଭୟଭିତ କରି ସେମାନଙ୍କ ଠାରୁ ଲୁଟ ଉଦ୍ୟମ ଚଳାଇଥିଲା। ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ତାକୁ କାବୁ କରି ପୁଲିସ ଜିମ୍ମା ଦେଥିଲେ। ଧର୍ମଶାଳା ପୁଲିସ ତାକୁ ଥାନାକୁ ଆଣି ଅଟକ ରଖିବା ସହ ପଚରା ଉଚରା ଚଳାଇଥିଲା। ତେବେ ଉକ୍ତ ଯୁବକ ଜଣକ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଧିନସ୍ଥ ପୁରୁଣା ସ୍କୁୟାର ଅଂଚଳର ସୀମାଂଚଳ ରାଓଙ୍କ ପୁଅ ଆର ଆଦିତ୍ୟ ରାଓ (୨୫) ବୋଲି ଜଣାପଡିଛି। ପଚରା ଉଚରା ଓ ତଦନ୍ତ ପରେ ଭୁବନେଶ୍ୱର ଅଂଚଳର ଏକାଧିକ ଥାନାରେ ଆଦିତ୍ୟ ନାମରେ ଏକାଧିକା ମାମଲା ରହିଥିବା ଜଣାପଡିଥିଲା।








ଭୁବନେଶ୍ୱରରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି.କିଶନ ରେଡ୍ଡୀଙ୍କ ସହିତ ଲୋକସେବା ଭବନରେ ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ସାଇବର ଠକେଇ ସମାଜର ପ୍ରଭୁତ କ୍ଷତି କରୁଛି, ଅଭିଯୁକ୍ତର ଜାମିନ୍ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ): ସାଇବର ଠକେଇ ସମାଜର ବ୍ୟାପକ ଭାବେ କ୍ଷତି ପହଞ୍ଚାଉଥିବାବେଳେ ଏଭଳି ସଙ୍ଗୀନ ଘଟଣାରେ ସମ୍ପୃକ୍ତ ଜଣେ ସାଇବର ଠିକ ଅଭିଯୁକ୍ତ ମନୋରଞ୍ଜନ ରାଉତର ଜାମିନ୍ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଜାମିନ୍ ମାମଲାର ଶୁଣାଣି କରି ସାଇବର ଠକାମି ସମାଜର ପ୍ରଭୂତ କ୍ଷତି ପହଞ୍ଚାଉଛି ବୋଲି ମତ ଦେବାସହ ଅଭିଯୁକ୍ତକୁ ଜାମିନ୍ ପାଇଁ ମନା କରି ଦେଇଛନ୍ତି। ତେବେ ଅଭିଯୁକ୍ତ ଚାହିଁଲେ ନିମ୍ନ ଅଦାଲତରେ ପୁନର୍ବାର ଜାମିନ୍ ପାଇଁ ଆବେଦନ କରିପାରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

୨୦୨୫ ଜୁନ୍ ୨୬ ତାରିଖ ଦିନ ସୁସିମ୍ କୁମାର ଦଳବେହେରା ଫେସ୍‌ବୁକ୍‌ରେ ଷ୍ଟକ୍ ମାର୍କେଟ ସମ୍ପର୍କରେ ସର୍ଚ୍ଚ କରୁଥିଲେ। ଏହି ସର୍ଚ୍ଚ ପରେପରେ ତାଙ୍କ ହ୍ୱାଟ୍ସ ଅପ୍ ନମ୍ବରକୁ ଏକ ମେସେଜ୍ ଆସିଲା। ନିଜକୁ ଅଞ୍ଜଳି ମେହେଟା ବୋଲି ପରିଚୟ ଦେଇ ଷ୍ଟକ୍ ମାର୍କେଟ୍ ସମ୍ପର୍କରେ ସବିଶେଷ ସୂଚନା ଦେବାଲାଗି କହିଲେ। ଏକ 'ଆର୍‌ସିଏଲ୍ ସ୍ମାର୍ଟ କେନ୍ଦ୍ରରେ ସୁସିମ୍‌କୁ ଯୋଗ କରିଦେଲେ। ଏହି ଗ୍ରୁପ୍ ଜରିଆରେ ଶ୍ରୀଧର ରଙ୍ଗରାଜନ ନାମକ ଜଣେ ବ୍ୟକ୍ତିଙ୍କ ସହ ସୁସିମ୍‌ଙ୍କର ପରିଚୟ ହୋଇଥିଲା। ଏହାପରେ ସୁସିମ୍‌ଙ୍କଠାରୁ ଆଧାର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ନିଆଯାଇଥିଲା। ଏହା ଜରିଆରେ ସୁସିମ୍ ୨୦୨୫ ଜୁଲାଇ ୧୧ରୁ ୨୦୨୫ ସେପ୍ଟେମ୍ବର ୧୩ ତାରିଖ ମଧ୍ୟରେ ତଥାକଥିତ ଷ୍ଟକ ମାର୍କେଟ୍‌ରେ ୨କୋଟି ୧ଲକ୍ଷ ୫୦ ହଜାର ଟଙ୍କା ବିନିଯୋଗ କରିଥିଲେ । କିନ୍ତୁ ଏହି ବିନିଯୋଗ ଅର୍ଥ ତାଙ୍କ ହ୍ୱାଟ୍ସ୍ ଅପ୍ ଗ୍ରୁପ୍ ରେ ଦେଖାଇଲା ନାହିଁ । ସେ ଏ ସଂକ୍ରାନ୍ତରେ ଆଉ କୌଣସି ରିପ୍ଲାଏ ମଧ୍ଯ ପାଇଲେ ନାହିଁ । ସେ ସାଇବର ଠକଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ କଟକ କ୍ରାଇମ୍‌ବ୍ରାଞ୍ଚ୍ ଶାଖାରେ ଅଭିଯୋଗ କରିଥିଲେ । ସେ ବିନିଯୋଗ କରିଥିବା ୨କୋଟି ଟଙ୍କା ଭିତରୁ ୧୯ଲକ୍ଷ ୬୧ ହଜାର ଟଙ୍କା ମନୋରଞ୍ଜନ ରାଉତଙ୍କ ଆକାଉଣ୍ଟକୁ ଆସିଥିବା କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ଆଧାରରେ କ୍ରାଇମ୍ ବ୍ରାଞ୍ଚ୍ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଥିଲା।

## ଦୁଇ ଦିନିଆ କୁଳପତି ସମ୍ମିଳନୀ ଉଦ୍‌ଯାପିତ

# ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଉଚ୍ଚଶିକ୍ଷାର ବିକାଶ ଲାଗି ଅତ୍ୟନ୍ତ ଜରୁରୀ : ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ଅନେକ ବିଶ୍ୱବିଦ୍ୟାଳୟ ଜମି ଜବରଦଖଲ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ, ଭବିଷ୍ୟତରେ ଆଉ କୌଣସି ଜମି ଜବରଦଖଲ ନହେବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି । ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । ଏ ସମ୍ପର୍କରେ କୁଳପତିମାନେ ସତର୍କ ରହିବା ସହିତ ଭବିଷ୍ୟତରେ ଜବରଦଖଲ ରୋକିବା ପାଇଁ ଆବଶ୍ୟକୀୟ ପ୍ରଭାବଶାଳୀ ବ୍ୟବସ୍ଥା କରିବାକୁ ହେବ । ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ଆୟୋଜିତ ଦୁଇଦିନିଆ ସମ୍ମିଳନୀର ଉଦଯାପନୀ ସମାରୋହରେ ରାଜ୍ୟପାଳ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏହା କହିଛନ୍ତି ।



ଏହି ଅବସରରେ ସୋମବାର ଲୋକଭବନର ଅଭିଷେକ୍ ହଲରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ, ସରକାର ଜବରଦଖଲ ଜମି ଉଦ୍ଧାର ପାଇଁ ନିଜ ଭୂମିକା ଗ୍ରହଣ କରିବେ । ବିଶ୍ୱବିଦ୍ୟାଳୟ କ୍ୟାମ୍ପସଗୁଡ଼ିକୁ ସ୍ଥାୟୀ ଓ ସ୍ୱାବଲମ୍ବୀ କରିବା ପାଇଁ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଯେଉଁ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ସୁବିଧା ନାହିଁ, ସେ ବିଶ୍ୱବିଦ୍ୟାଳୟଗୁଡିକ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍‌ର ସହଯୋଗରେ ଆଗକୁ ବଢିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ସ୍କିଲିଂ କାର୍ଯ୍ୟକ୍ରମର ସଫଳତା କେବଳ ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନୁହେଁ, ବରଂ ଚାକିରି ବା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଉପରେ ନିର୍ଭର କରିବା ଉଚିତ ।

ଶାସନ ସଂସ୍କାର, ଗବେଷଣା ଏବଂ ନବସୃଜନ, ଆନ୍ତର୍ଜାତୀୟକରଣ, ନିଯୁକ୍ତିଯୋଗ୍ୟତା, ଡିଜିଟାଲ୍ ରୂପାନ୍ତର, ଶିଳ୍ପ ସହଭାଗିତା ଏବଂ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟାନ୍ୱୟନ ଉପରେ ସମ୍ମିଳନୀରେ ହୋଇଥିବା ଆଲୋଚନାକୁ ବାସ୍ତବରେ କାର୍ଯ୍ୟରେ ପରିଣତ କରିବା ଉଚିତ । କୁଳାଧିପତି ଭାବରେ ଓଡ଼ିଶାରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଦୃଢ଼ ପ୍ରତିବଦ୍ଧତାକୁ ରାଜ୍ୟପାଳ ସମର୍ଥନ କରିଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରଓ୍ୱାଲ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମେୟର

# ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ):ଆସନ୍ତା ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ



କାର୍ଯ୍ୟର ଅଗ୍ରଗତି ନେଇ ଆଜି ସକାଳ ୧୦ ଘଟିକା ସମୟରେ ମାନ୍ୟବର କଟକ ମେୟର ଶ୍ରୀ ସୁବାସ ସିଂହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ସମୀକ୍ଷା କରିଥିଲେ। ସହରର ମୁଖ୍ୟ ଓ ଉପ-ଡ୍ରେନଗୁଡ଼ିକରେ ଚାଲୁଥିବା ପଙ୍କ ଉଦ୍ଧାର କାର୍ଯ୍ୟର ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିବା ସହିତ କାର୍ଯ୍ୟର ଗୁଣାତ୍ମକ ମାନ ଏବଂ ଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସହରର ସମସ୍ତ ଡ୍ରେନ ଓ ନାଳରୁ ପଙ୍କ ଓ ଆବର୍ଜନା ସଂପୂର୍ଣ୍ଣ ଭାବେ ଅପସାରଣ କରାଯିବା ଆବଶ୍ୟକ ବୋଲି ମେୟର ଶ୍ରୀ ସିଂହ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ସୁନିଶ୍ଚିତ ହେବା ସହିତ ସହରରେ ଜଳବନ୍ଦୀ ସମସ୍ୟାକୁ ବହୁ ପରିମାଣରେ ରୋକାଯାଇପାରିବ। ସେ ବିଭାଗୀୟ ଅଧିକାରୀମାନଙ୍କୁ ସଫେଇ କାର୍ଯ୍ୟରେ ଅଧିକ ତ୍ୱରାନ୍ୱିତ ଆଣିବା ସହିତ ପ୍ରତ୍ୟେକ ଡ୍ରେନର ନିୟମିତ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ସମୟରେ କୌଣସି ଅଞ୍ଚଳରେ ଜଳ ଜମା ହେବାର ପରିସ୍ଥିତି ଉପୁଜିବା ଉଚିତ ନୁହେଁ। ଯଦି କୌଣସି ସ୍ଥାନରେ ଜଳ ଜମା ହୁଏ, ତେବେ ତାହା ଯଥାଶୀଘ୍ର ନିଷ୍କାସିତ ହୋଇପାରିବ ସେଥିପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ କରିବାକୁ ସେ ଅଧିକାରୀ ମାନଙ୍କୁ କହିଥିଲେ।ଏହି ସମୀକ୍ଷା ଗସ୍ତ ସମୟରେ ସାନିଟେସନ୍ ବିଭାଗର ଡେପୁଟି କମିଶନର ଜ୍ଜୁଳି ଚରଣ ବେହେରା, ସୌମ୍ୟ ଦର୍ଶନ ବେହେରାଙ୍କ ସହ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ୱାର୍ଡରେ ଚାଲୁଥିବା ସଫେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମେୟରଙ୍କୁ ଅବଗତ କରାଇଥିଲେ।

# ଚଣାହଙ୍କା ତରବୋଇ ରାସ୍ତାରେ ରାହାଜାନୀ ଉଦ୍ୟମ

ବାଲିପାଟଣା , (ସବ୍ୟୁ) :ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ତରବୋଇ ଠାରେ ସୋମବାର ଅପରାହ୍ନ ରେ ରାହାଜାନୀ ଉଦ୍ୟମ ହୋଇଛି ।ବ୍ଲକ କାର୍ଯ୍ୟାଳୟରୁ କାମସାରି କୁଳନ୍ତିରା ତରବୋଇ ରାସ୍ତା ଦେଇ ବଦଳା ଶାସନକୁ ବାଇକରେ ଫେରୁଥିବା ବିକାଶ ସ୍ୱାଇଁ ଙ୍କୁ ତରବୋଇ ଠାରେ ଦୁଇଜଣ ବ୍ୟକ୍ତି ରାସ୍ତା ନିଛାଟିଆ ଥିବାରୁ ଅଟକାଇଥିଲେ ।ତାଙ୍କୁ ଯାହା ଅଛି ଦେଇଦେ ବୋଲି କହିଥିଲେ ।ଶ୍ରୀ ସ୍ୱାଇଁ ପୋଲିସକୁ ଫୋନ କରିବାକୁ ଉଦ୍ୟମ କରିବାରୁ ତାଙ୍କ ଠାରୁ ଫୋନ ଛଡ଼ାଇ ନେଇ ଫୋପାଡ଼ି ଦେଇଥିଲେ ।ଭୁଜାଲି କାଢ଼ି ଧମକାଇବା ବେଳେ ନିକଟରେ ଥିବା ଏକ ମନୋହାରୀ ଦୋକାନର ମାଲିକ ବାହାରି ଆସିବାରୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପୋଲିସକୁ କହିଲେ ମାରିଦେବୁ ବୋଲି ଧମକାଇ ପଳାଇ ଯାଇଥିଲେ ।ସେ ଦୁଇ ଜଣ ନରଦା ଗ୍ରାମର ସୁକର ଅଲ୍ଲୀଙ୍କ ପୁଅ ପରଭେଜ ଅଲ୍ଲୀ ଏବଂ ଜଗନ୍ନାଥ ଦାଶଙ୍କ ପୁଅ ଏସ ଦାଶ ବୋଲି ଜଣା ପଡ଼ିଛି । ଏ ସମ୍ପର୍କ ରେ ବିକାଶ ସ୍ୱାଇଁ ବାଲିପାଟଣା ଥାନା ରେ ଏତଲା ଦେବାପରେ ପୋଲିସ ଘଟଣାର ତଦନ୍ତ କରୁଛି ।

## ଆପୋଲୋ କର୍କଟ କେନ୍ଦ୍ରରେ ସେ ନୋ ଟୁ ସିକ୍ସ

# ଗର୍ଭାଶୟ କର୍କଟ ରୋକିବାକୁ ସଚେତନତା

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱବ୍ୟାପି ଅନ୍ତର୍ଜାତୀୟ ଏଚ୍‌ପିଭି ସଚେତନତା ଦିବସକୁ ଆଖି ଆଗରେ ରଖି ଭୁବନେଶ୍ୱର ଆପୋଲୋ କର୍କଟ କେନ୍ଦ୍ରରେ ସୋମବାର ସେ ନୋ ଟୁ ସିକ୍ସ ଶୀର୍ଷକ କାର୍ଯ୍ୟକ୍ରମରେ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ବରଂ ଏକ ବ୍ୟାପକ ଓ ସାର୍ବଜନୀନ । ଏଥିରେ ଆପୋଲୋ ହସପିଟାଲ ଭୁବନେଶ୍ୱରର ମୁଖ୍ୟ ପରିଚାଳନା ଅଧିକାରୀ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଯଦି ଆମେ ଶୀଘ୍ର ଏବଂ




ଗର୍ଭାଶୟ କର୍କଟ ରୋଗକୁ ଦୂର କରିବା ପାଇଁ ବ୍ୟାପକ ସଚେତନତା କରାଯାଇଛି । ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ସ୍କିନିଂ ଗର୍ଭାଶୟ କର୍କଟକୁ ଚିହ୍ନଟ କରିପାରିବ ବୋଲି ଭୁବନେଶ୍ୱର ଆପୋଲୋ କର୍କଟକେନ୍ଦ୍ରର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଟୀକାକରଣ, ନିୟମିତ ସ୍କିନିଂ ଏବଂ ପ୍ରାରମ୍ଭିକ କାର୍ଯ୍ୟକୁ ପ୍ରୋତ୍ସାହିତ କରି ଏହାକୁ ନିୟନ୍ତ୍ରଣକୁ ଆଣିହେବ । ଏହି ସଚେତନତା ଅଭିଯାନରେ ଛଅ ଛଅଟି ଏଚପିଭି ସଂଯୁକ୍ତ କର୍କଟ -ସର୍ଭାଇକାଲ୍, ଆନାଲ, ଯୋନି, ଭଲଭାର୍ , ପେନାଇଲ୍ ଏବଂ ଓରୋଫାରିଞ୍ଜିଆଲ୍ କର୍କଟକୁ ହାଇଲାଇଟ୍ କରେ । ଯାହା ଦର୍ଶାଏ ଯେ, ଏଚପିଭି କେବଳ ଏକ ନିର୍ଣ୍ଣାୟକ ଭାବରେ କାର୍ଯ୍ୟ କରିବା, ତେବେ ସର୍ଭାଇକାଲ୍ କର୍କଟକୁ ପ୍ରାୟତଃ ପ୍ରତିରୋଧ କରିପାରିବା । ସୀମିତ ସଚେତନତା ଆମର ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ରହିଛି । ଆପୋଲୋ କର୍କଟ କେନ୍ଦ୍ର ନିୟମିତ ସ୍କିନିଂ ଏବଂ ଟୀକାକରଣକୁ ପ୍ରାଥମିକତା ଦେବା ସହିତ ଏଚପିଭି ମାଧ୍ୟମରେ ଏହାକୁ ପ୍ରତିରୋଧ କରିପାରିବା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ, ଡା. ମନୀନ୍ଦ୍ର ନାୟକ, ଡା. ସନ୍ଦୀପ ମଜୁମଦାର, ଡା. ସମରେନ୍ଦ୍ର ଦାଶ, ଡା. ଆଦିତ୍ୟ ମିଶ୍ର, ଡା. ପ୍ରୀତିଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଟୀକାକରଣ, ସନ୍ତୁଳିତ ଆହାର, ବ୍ୟାୟାମ, ନିୟମିତ ସ୍କିନିଂ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସୋସିଆଲ ମିଡ଼ିଆ ଆକାଉଣ୍ଟଗୁଡ଼ିକରେ

# ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ବିନା ସତ୍ୟତାରେ ମିଥ୍ୟା ପ୍ରଚାର କରାଯାଉଛି : ଆଇନ ମନ୍ତ୍ରୀ

- ସତ୍ୟ ଖବରକୁ ବିଶ୍ୱାସ କରିବା ପାଇଁ ପରାମର୍ଶ ଦେଲେ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଲ
- ଦମ୍ପତି ରାଜେନ୍ଦ୍ର ମହାପାତ୍ର ଓ କୋମଳ ମହାପାତ୍ରଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କର କୌଣସି ସମ୍ପର୍କ ନାହିଁ

ଭୁବନେଶ୍ୱର (ସବ୍ୟୁ): ବିଗତ କିଛି ଦିନ ହେବ ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଢୁଥିବା ସୁନାମ ଓ ସ୍ୱଚ୍ଛ ଭାବମୂର୍ତ୍ତିକୁ ନଷ୍ଟ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ନ୍ୟସ୍ତ ସ୍ୱାର୍ଥ ରଖିଥିବା ବିରୋଧୀ ଗୋଷ୍ଠୀ ଓ ସୋସିଆଲ ମିଡିଆ ମାଫିଆଙ୍କ ଦ୍ୱାରା ଏକ ଯୋଜନାବଦ୍ଧ ଅପପ୍ରଚାର କରାଯାଉଛି । ଶ୍ରୀ ପ୍ରଧାନଙ୍କ ବ୍ୟକ୍ତିତ୍ୱ ଏବଂ ସାମାଜିକ ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ମନଗଢ଼ା ଓ ଭିତ୍ତିହୀନ ତଥ୍ୟ ସାଧାରଣରେ ପ୍ରସାର କରାଯାଉଛି, ଯାହା ପ୍ରକୃତ ଅନୁସନ୍ଧାନ ଓ ତଥ୍ୟ ଆଧାରରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହୋଇଛି । ଓଡ଼ିଶାର ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିବା ସହ ଘଟଣାର ପ୍ରକୃତ ସତ୍ୟାସତ୍ୟ ଖୁବ୍ ଶୀଘ୍ର ପଦାକୁ ଆସିବ ବୋଲି କହିଛନ୍ତି । ସେହିପରି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଲ ମଧ୍ୟ ଏ ସମ୍ପର୍କରେ ନିଜ ସୋସିଆଲ ମିଡିଆ ଆଇଡିରେ ଅପପ୍ରଚାରର ସବୁ ତଥ୍ୟ ଓ ପ୍ରମାଣ ରଖିବା ସହ ଅପପ୍ରଚାର ଠାରୁ ଦୂରେଇ ରହି ସତ୍ୟକୁ ବିଶ୍ୱାସ କରିବା ପାଇଁ କହିଛନ୍ତି । ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ହେଉଥିବା ଅପପ୍ରଚାର ଉପରେ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ବିରୋଧୀଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ସେ କହିଛନ୍ତି "କଂଗ୍ରେସ ଏବଂ କିଛି ନିର୍ଦ୍ଦିଷ୍ଟ ଦଳ ବିଭିନ୍ନ ସମୟରେ 'ଟୁଲ୍‌କିଟ୍' ବ୍ୟବହାର କରି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅପପ୍ରଚାର କରନ୍ତି ଓ ଅପଶବ୍ଦ ମଧ୍ୟ କୁହନ୍ତି । ଅତୀତରେ ଏଭଳି ହୀନ ପ୍ରୟାସ କରି ମଧ୍ୟ ସେମାନେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଆଜି ପୁଣି ଥରେ ସେହିଭଳି ଏକ ମିଥ୍ୟା ପ୍ରଚାର କରି କେନ୍ଦ୍ର ସରକାରଙ୍କୁ ବଦନାମ କରିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି । କିନ୍ତୁ ମୋର ଦୃଢ ବିଶ୍ୱାସ, ଏଥିରେ ସେମାନେ ପୂର୍ବଭଳି କେବେ ମଧ୍ୟ ସଫଳ ହେବେ ନାହିଁ।"

ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ ଚେତାବନୀ ଦେଇ କହିଛନ୍ତି ଯେ, ଏଭଳି ମିଥ୍ୟା ଅବତରଣ ଦ୍ୱାରା ଏକ କଦର୍ଯ୍ୟ ରାଜନୈତିକ ପରମ୍ପରା ସୃଷ୍ଟି କରାଯାଉଛି । ଯଦି ସୋସିଆଲ ମିଡ଼ିଆ ଆକାଉଣ୍ଟଗୁଡ଼ିକରେ ବିନା ସତ୍ୟତାରେ ଏଭଳି ମିଥ୍ୟା ଖବର ପ୍ରଚାର କରାଯିବ, ତେବେ ରାଜନୀତିର ଦିଗ କଳୁଷିତ ହେବ ଏବଂ ଭବିଷ୍ୟତରେ ଭଲ ଲୋକମାନେ ରାଜନୀତିକୁ ଆସିବାକୁ ସଙ୍କୋଚ କରିବେ । ଘଟଣାର ପ୍ରକୃତ ସତ୍ୟାସତ୍ୟ ଖୁବ୍ ଶୀଘ୍ର ପଦାକୁ ଆସିବ । ସେଥିପାଇଁ ଯେଉଁମାନେ ବିନା ସ୍ପଷ୍ଟତାରେ ସୋସିଆଲ ମିଡିଆରେ ଏଭଳି ଘଟଣାକୁ ନେଇ ଚର୍ଚ୍ଚା ବା ଆଲୋଚନା କରୁଛନ୍ତି, ସେମାନେ ଏଥିରୁ ଦୂରେଇ ରୁହନ୍ତୁ ଏବଂ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀଙ୍କ ବାବଦରେ ମିଥ୍ୟା ପ୍ରଚାର କରିବାରୁ ସମ୍ପୂର୍ଣ୍ଣ ବିରତ ରୁହନ୍ତୁ । ପ୍ରଥମେ ସୋସିଆଲ ମିଡିଆରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଜଣେ ମହିଳାଙ୍କ ଫୋଟୋକୁ ଭାଇରାଲ କରି ଦାବି କରାଯାଉଥିଲା ଯେ, ସେହି ମହିଳା ଜଣକ ହେଉଛନ୍ତି ନିଟ୍ ପେପର ଲିକ୍ ମାମଲାର ଅଭିଯୁକ୍ତ ମନୀଷା ମନ୍ଧାରେ । କିନ୍ତୁ ଯାଞ୍ଚ ପରେ ଏହି ଦାବି ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହୋଇଛି । ଫୋଟୋରେ ଥିବା ମହିଳା ଜଣକ ପ୍ରକୃତରେ ମହାରାଷ୍ଟ୍ର ବିଜେପି ଯୁବମୋର୍ଚ୍ଚାର ଉପାଧ୍ୟକ୍ଷ ତଥା ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ନିବେଦିତା ଏକବୋଟେ ଅଟନ୍ତି, ଯାହା ଉପରେ ସେ ମଧ୍ୟ ସୋସିଆଲ ମିଡିଆରେ ନିଜ ସ୍ପଷ୍ଟୀକରଣ ରଖିସାରିଛନ୍ତି ।

ସେହିପରି କ୍ରୋଏସିଆରୁ ପରିଚାଳିତ "McLeanToQuantico" ନାମକ ଏକ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଆମେରିକାର ମେଲରୋଜ୍‌ରେ ଥିବା ଏକ ଘର ସହ କେନ୍ଦ୍ରମନ୍ତ୍ରୀଙ୍କୁ ଯୋଡ଼ି ଆଉ ଏକ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା । ସରକାରୀ ରେକର୍ଡ ଅନୁଯାୟୀ, ମେଲରୋଜ୍‌ରେ ରହୁଥିବା ବ୍ୟବସାୟୀ ଦମ୍ପତି ରାଜେନ୍ଦ୍ର ମହାପାତ୍ର ଓ କୋମଳ ମହାପାତ୍ରଙ୍କ ସହ ମନ୍ତ୍ରୀଙ୍କର କୌଣସି ଆର୍ଥିକ ବା ବ୍ୟକ୍ତିଗତ ସମ୍ପର୍କ ନାହିଁ । ସେହିପରି ତାଳଚେରର ମାଣିକମରା ଅଞ୍ଚଳରେ ରହୁଥିବା ରାଜେନ୍ଦ୍ର କୁମାର ମହାପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ସହ ପରିଚିତ ଥିଲେ ମଧ୍ୟ ସେ ଜୀବନରେ କେବେ ଆମେରିକା ଯାଇନାହାନ୍ତି କିମ୍ବା ଆମେରିକା ମେଲରୋଜରେ ରହୁଥିବା ଦମ୍ପତିଙ୍କ ସହ ତାଙ୍କର କୌଣସି ସମ୍ପର୍କ ଥିବାର ଠୋସ୍ ପ୍ରମାଣ ନାହିଁ ବୋଲି ତଥ୍ୟ ସାମ୍ନାକୁ ଆସିଛି । । କେବଳ ନାମ ଓ ପଦବୀ ସମାନ ଥିବାରୁ ଏଭଳି ଭ୍ରମ ସୃଷ୍ଟି କରାଯାଇଛି । କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି, ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏବଂ ଗଣମାଧ୍ୟମର ଏକ ପ୍ରତିନିଧି ଦଳ ନିଜର ନ୍ୟସ୍ତ ସ୍ୱାର୍ଥ ରଖି ଶ୍ରୀ ପ୍ରଧାନ ଏବଂ ତାଙ୍କ ପରିବାରର ଭଲ ଛବି ନଷ୍ଟ କରିବା ପାଇଁ ଏଭଳି ମିଥ୍ୟା ଓ ମନଗଢ଼ା କାହାଣୀ ପ୍ରଚାର କରୁଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ପ୍ରସଙ୍ଗରେ ଅଯଥାରେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ ତଥା ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସିନିୟର ପ୍ରଫେସର ଡକ୍ଟର ଆର୍. ଜୟରାମନଙ୍କ ନାମକୁ ମଧ୍ୟ ଟଣାଯାଇଥିଲା । ଡକ୍ଟର ଜୟରାମନ ନିଜେ ଆଜି ଏକ ଭିଡିଓ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ମେଲରୋଜ୍ ଯାଇନାହାନ୍ତି କିମ୍ବା ମନ୍ତ୍ରୀ କିମ୍ବା ତାଙ୍କ ପରିବାରକୁ କେବେ ଭେଟିନାହାନ୍ତି । ଏହି ସମସ୍ତ ସ୍ପଷ୍ଟୀକରଣକୁ ନେଇ ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଲ ମଧ୍ୟ ଉଲ୍ଲେଖ କରିବା ସହ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ହେଉଥିବା ହୀନ ପ୍ରୟାସକୁ ନିନ୍ଦା କରିଛନ୍ତି ।

ନିଟ୍ ଓ ଅନ୍ୟାନ୍ୟ ପରୀକ୍ଷାକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବିରୋଧୀମାନେ ଏହା ଭୁଲିଯିବା ଉଚିତ ନୁହେଁ ଯେ, ଶ୍ରୀ ପ୍ରଧାନ ସର୍ବଦା ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି । ପରୀକ୍ଷାରେ ଅନିୟମିତତା ଜଣାପଡ଼ିବା ମାତ୍ରେ କେନ୍ଦ୍ରମନ୍ତ୍ରୀ କୌଣସି ତଥ୍ୟକୁ ନଚପାଇ ତୁରନ୍ତ ଏହାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିଥିଲେ । ବର୍ତ୍ତମାନ ସିବିଆଇ ଏହି ଘଟଣାରେ କିଛି ମୁଖ୍ୟ ସନ୍ଦିଗ୍ଧଙ୍କ ବିରୋଧରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିସାରିଛି ଏବଂ ପେପର ସେଟିଂ ଓ ଟ୍ରାନ୍ସଲେସନ କରୁଥିବା ବ୍ୟକ୍ତିମାନେ ହିଁ ଏଥିପାଇଁ ଦାୟୀ ବୋଲି ସ୍ପଷ୍ଟ ହୋଇଛି । ଶିକ୍ଷା ମାଫିଆଙ୍କ ଷଡ଼ଯନ୍ତ୍ରକୁ ରୋକିବା ପାଇଁ ଆସନ୍ତା ବର୍ଷ ଠାରୁ ଓଏମଆର ସିଟ୍ ବଦଳରେ ସମ୍ପୂର୍ଣ୍ଣ ସିବିଟି ମୋଡ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି, ଯାହା ତାଙ୍କର ସଚ୍ଛୋଟତାକୁ ପ୍ରମାଣିତ କରୁଛି । କଂଗ୍ରେସ ସରକାର ଅମଳରେ ପେପର ଲିକ୍ ମାମଲାକୁ ଚପାଇ ଦିଆଯାଉଥିବା ବେଳେ ବର୍ତ୍ତମାନର ମନ୍ତ୍ରୀଙ୍କ କାର୍ଯ୍ୟକାଳରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କେନ୍ଦ୍ରମନ୍ତ୍ରୀଙ୍କ ସମର୍ଥନରେ ଅନେକ ବ୍ୟକ୍ତିବିଶେଷ ଓ ଶିକ୍ଷାବିତମାନେ ଏକଜୁଟ ହୋଇଛନ୍ତି । ଏଭଳି ଭିତ୍ତିହୀନ ଓ କଳ୍ପନାକଳ୍ପିତ ଅପପ୍ରଚାର ଦ୍ୱାରା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱଚ୍ଛ ଛବିକୁ କେବେ ମଧ୍ୟ ମଳିନ କରାଯାଇପାରିବ ନାହିଁ ଏବଂ ଆଗାମୀ ଦିନରେ ଏହି ଷଡ଼ଯନ୍ତ୍ରକାରୀଙ୍କ ପ୍ରକୃତ ଚେହେରା ନିଶ୍ଚୟ ଦିବାଲୋକକୁ ଆସିବ । ସାଧାରଣ ଜନତାଙ୍କୁ ଏଭଳି ଗୁଜବ ଓ ବିଦେଶୀ ଆକାଉଣ୍ଟ ଦ୍ୱାରା ପ୍ରେରିତ ମିଥ୍ୟା ଖବର ପ୍ରତି ବିଭ୍ରାନ୍ତ ନହେବାକୁ ଅନୁରୋଧ କରାଯାଇଛି ।

# ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ହାତ ଖାଲି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର ଗିରିରୋଡ ନିକଟ ହିଲପାଟଣା ଅଞ୍ଚଳରେ ଜଣେ ଯୁବକ ନରସିଂହ ବେହେରାଙ୍କ ମୁଣ୍ଡକୁ ଫୁଲକୁଣ୍ଡ ଛେଚି ଗତକାଲି ହତ୍ୟା କରାଯାଇଥିଲା । ଗୋଶାଣିନୁଆଗାଁ ଥାନା ପୋଲିସ ନିଜ ପଟରୁ ୨୦୩/୨୬ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖିଥିଲା । ସନ୍ଧ୍ୟାରେ ଖବର ପାଇ ସଦର ଥାନା ଅନ୍ତର୍ଗତ ଭାବିନିପୁରର ସନ୍ତୋଷ ବେହେରା ଉକ୍ତ ଥାନାରେ ପହଞ୍ଚି ପୋଲିସ ନିକଟରେ ଥିବା ଫୋଟୋରୁ ନିଜ ଭାଇ ନରଶିଙ୍ଗ ବେହେରା ବୋଲି ଚିହ୍ନଟ କରିଥିଲେ । ସୋମବାର ପୋଲିସ ମୃତକଙ୍କ ସମ୍ପର୍କିତ ସମସ୍ତ ତଥ୍ୟ ପାଇ ମୃତଦେହ ତାଙ୍କ ଭାଇ ସନ୍ତୋଷ ବେହେରାଙ୍କୁ ହସ୍ତାନ୍ତର କରିଥିବା କହିଛି । ଅନ୍ୟପଟେ ଘଟଣାର ୨୪ ଘଣ୍ଟା ପରେ ବି ପୋଲିସକୁ ମିଳିପାରୁନାହିଁ । ଫଳରେ ପୋଲିସର ମୁଣ୍ଡବ୍ୟଥା ଏବେ ବଢ଼ିବାରେ ଲାଗିଛି । ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ନରଶିଙ୍ଗ ତାଙ୍କର କିଛି ବନ୍ଧୁଙ୍କ ସହ ସେଠାକୁ ଯାଇଥିବା ବେଳେ କୌଣସି କାରଣକୁ କେନ୍ଦ୍ରକରି ତାଙ୍କୁ ସଙ୍ଗବଦ୍ଧ ଭାବେ ଏକ ସିମେଣ୍ଟର ଫୁଲ କୁଣ୍ଡରେ ପିଟି ହତ୍ୟା କରାଯାଇଥିବା ସନ୍ଦେହ କରୁଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଅଧିକ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ଅଞ୍ଚଳରେ ସିସିଟିଭି କ୍ୟାମେରା ନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବାରେ ପୋଲିସ ପାଇଁ ଭାରି ମୁସ୍କିଲ ହୋଇପଡ଼ିଛି । ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରୁ ରକ୍ତଭିଜା ଫୁଲ ଡଙ୍ଗା, ମୃତକଙ୍କ ରକ୍ତଭିଜା କପଡା ସହ ଅନ୍ୟ କେତେକ ଜୈବ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ରସଲଗୁଡ ସ୍ଥିତ ଏସଏଫଏସଏଲକୁ ପଠାଇଛି । ଘଟଣାର ସମସ୍ତ ପରିପାର୍ଶ୍ୱିକ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି ।

# ଲୋୟାର ବସଷ୍ଟାଣ୍ଡର ଏକ ଦୋକାନରୁ ଚୋରି

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରରେ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ଗତକାଲି ରାତ୍ରରେ ଛତ୍ରପୁର ଲୋୟାର ବସଷ୍ଟାଣ୍ଡରେ ଥିବା ବିଜୟ ଭେରାଇଟି ଷ୍ଟୋରର ଚାବି ଭାଙ୍ଗି ଲୁଟ ହୋଇଛି । ଦୋକାନର ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି । ସୂଚନା ମୁତାବକ ଗତକାଲି ରାତ୍ରରେ ଦୋକାନୀ ଜଣକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଆଜି ସକାଳୁ ଆସି ଦେଖିଲା ବେଳକୁ ଦୋକାନର କବାଟ ଖୋଲା ରହିଛି । ଟଙ୍କା ପଇସା ସହ ଦୋକାନର ବିକ୍ରି ସାମଗ୍ରୀ ଚୋରି ହୋଇଛି । ଏନେଇ ଦୋକାନୀ ଜଣକ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଛତ୍ରପୁର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଖୋଳତାଳ ଜାରି ରଖିଥିଲା ।

# କବିସୂର୍ଯ୍ୟନଗରରେ ହାଜତ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ପୋଲିସ୍ ନିର୍ଯାତନାରେ ଜଣେ ୩୨ ବର୍ଷୀୟ ଯୁବକ ସୁଶାନ୍ତ ସାହୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଉଠିଛି । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ପାହାଡ଼ ନିକଟରେ ପଥର ବିସ୍ଫୋରଣ ମାମଲାରେ ତାଙ୍କୁ ଅନ୍ୟ ଜଣଙ୍କ ସହ ପୋଲିସ୍ ଶୁଶାନ୍ତଙ୍କୁ ଧରି ନେଇଥିଲା । ଜଣକୁ କୋର୍ଟକୁ ପଠାଯାଇଥିବା ବେଳେ ସୁଶାନ୍ତଙ୍କୁ କବିସୂର୍ଯ୍ୟନଗର ଥାନାରେ ପ୍ରାୟ ୭ ଦିନ ଧରି ବେଆଇନ ଭାବେ ଅଟକ ରଖି ନିର୍ମମ ଭାବେ ଆକ୍ରମଣ କରିବା ସହ ଥାନାରେ ତୃତୀୟ ଡିଗ୍ରୀ ନିର୍ଯାତନା ଦିଆଯାଇଥିଲା । ଶନିବାର ଦିନ ଗୁରୁତର ଅବସ୍ଥାରେ ଛାଡ଼ି ଦିଆଯାଇଥିଲା । ସୁଶାନ୍ତଙ୍କ ସ୍ତ୍ରୀ ମାମାଜିନୀ ପ୍ରଧାନ (୨୫) କହିଛନ୍ତି, ତାଙ୍କ ସ୍ୱାମୀ ଜଣେ ଭିନ୍ନକ୍ଷମ ଅଟନ୍ତି । ଏହାସେ%ଂ ମଧ୍ୟ ପରିବାର ଭରଣପୋଷଣ ପାଇଁ ସେ କାମ ପାଇଁ ବାହାରକୁ ଯାଇଥିଲେ । ସେଠାରେ ପୋଲିସ୍ ତାଙ୍କୁ ବିନା କାରଣରେ ମାରପିଟ୍ କରିଥିଲା । ତାଙ୍କ ଶରୀରରେ ଗରମ ପାଣି ଢାଳିବା ଏବଂ ଲଙ୍କା ଗୁଣ୍ଡ



ଲଗାଇବା ଭଳି ନିର୍ଯାତନା ଦିଆଯାଇଥିବା ସେ କହିଛନ୍ତି । ମେ'୩୧ ତାରିଖ ରାତି ପ୍ରାୟ ୮.୩୦ ଟାରେ ପୋଲିସ୍ ସୁଶାନ୍ତଙ୍କ ପିତା ଖଦାଳ ସାହୁ ଓ ଭାଇ ଶ୍ରୀକାନ୍ତ ସାହୁଙ୍କୁ ଥାନାକୁ ଡାକି ଏକ ଖାଲି କାଗଜରେ ଜୋର ଜବରଦସ୍ତି କରି ଦସ୍ତଖତ କରାଇ ଘରକୁ ଫେରାଇ ଦେଇଥିଲେ । ଘରକୁ ଫେରିଥିବା ସୁଶାନ୍ତଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା । ପରିବାର ଲୋକେ ତୁରନ୍ତ ତାଙ୍କୁ ଆସ୍କା ହସ୍ପିଟାଲ୍ ନେଇଥିଲେ, ସେଠାରେ ଡାକ୍ତର ବାଳ ଗୋପାଳ ବେହେରା ଚିକିତ୍ସା ବେଳେ ଆହତଙ୍କ ଗଭୀର ଆଘାତ ଲାଗିଥିବା କହିଥିଲେ । ସୁଶାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଦେଖିଥିଲେ । ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ୍ କଲେଜ୍ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସ୍ତ୍ରୀ' ମାମାଜିନୀ ଡିଆଇଜି ପୋଲିସ୍‌ଙ୍କୁ ଏକ ମେମୋରାଣ୍ଡମ୍ ଦେଇଥିଲେ । ଯେଉଁଥିରେ ସେ ଦର୍ଶାଇଥିଲେ ଯେ ମଇ ୨୫ ରୁ ୩୧ ତାରିଖ ପର୍ଯ୍ୟନ୍ତ ଥାନା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ଏବଂ ଅଭିଯୁକ୍ତ ଅଧିକାରୀ ନୀତିଶ କୁମାର ମିଶ୍ରଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଲ୍ଲେଖ ରହିଥିଲା । ଏହି ଘଟଣାର ଗୁରୁତରକୁ ନେଇ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ଗଞ୍ଜାମ ଏସପିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି ଏବଂ ଗଞ୍ଜାମ ଅତିରିକ୍ତ ଏସ୍ପି ଥାନା ପରିଦର୍ଶନ କରିଛନ୍ତି । ପୋଷ୍ଟମର୍ଟମ୍ ରିପୋର୍ଟ ଅପେକ୍ଷାରେ ରହିଛି ।

## ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର

# ଜିଲ୍ଲା ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହ

ବାରିପଦା, (ସବ୍ୟୁ) : ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ଜିଲ୍ଲା ସମ୍ମିଳନୀ ଓ ବନ୍ଧୁମିଳନ ସମାରୋହ ମହାସଭାର ସ୍ଥାୟୀ ସଭାପତି ଡା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରଘୁନାଥପୁର ସ୍ଥିତ ଶ୍ରୀଶ୍ରୀ ହରିହର ମନ୍ଦିର ପରିସରରେ ଏକ ଆଡମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ଉଦଳା ପୌରପାଳିକାର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ମୁଖ୍ୟବକ୍ତା, ଶିକ୍ଷାବିତ ତଥା କେନ୍ଦ୍ରୀୟ ବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଦାମୋଦର ପତି, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ବିଶିଷ୍ଟ ସମବାୟବିତ ରାଜକିଶୋର ଆଚାର୍ଯ୍ୟ, ରାଇରଙ୍ଗପୁର ବ୍ରାହ୍ମଣ ମହାସଭାର ମୁଖ୍ୟ ଦେବବ୍ରତ ରଥ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଇନ ଜୀବି ଅସିତ କୁମାର ଓତା ଓ ବିଜେପିର ମୁଖପାତ୍ର କବିବିଷ୍ଣୁ ଶତପଥୀ ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମହାସଭାର ସାଧାରଣ ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବ୍ରାହ୍ମଣ ନିଜର ଅସୀମ ତ୍ୟାଗ ଓ ମହାନୁଭବତା ବଳରେ ସମାଜରେ ଅଗ୍ରପୂଜ୍ୟ ହେବା ସହିତ ଜାତି,





ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ମଙ୍ଗଳକାମନା କରିଥାଏ ବୋଲି ମତବ୍ୟକ୍ତ କରି ସରକାର ପୂଜକ ବ୍ରାହ୍ମଣମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ସଂସ୍କୃତ ଭାଷାକୁ ରାଷ୍ଟ୍ର ଭାଷାର ମର୍ଯ୍ୟାଦା ତଥା ବିଭିନ୍ନ କ୍ଷେତ୍ରରେ ରହିଥିବା ସଂରକ୍ଷଣକୁ ଉଚ୍ଛେଦ କରି ସମସ୍ତଙ୍କୁ ମେଧା ଭିତ୍ତିରେ ଶିକ୍ଷା ଓ ଚାକିରୀ ତଥା ପଦୋନ୍ନତିର ସୁବିଧା ଦିଆଯାଉ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ବ୍ରାହ୍ମଣ ମହାସଭାର ମୁଖପତ୍ର ବ୍ରହ୍ମ ସନ୍ଦେଶ -୨୦୨୬କୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ । ଏହି ଅବସରରେ ବ୍ରାହ୍ମଣ ମହାସଭା ପକ୍ଷରୁ ଦୈନିକ ସମ୍ବାଦପତ୍ର "ସକାଳ'ର ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା ଓ ଦୈନିକ ସମ୍ବାଦପତ୍ର "ପ୍ରମେୟ'ର ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର ଚୌଧୁରୀଙ୍କୁ ମହାସଭା ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନାସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମାନପତ୍ରକୁ ମହାସଭାର ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଓ ସଦସ୍ୟା ସନ୍ଧ୍ୟାରାଣୀ ପଣ୍ଡା ପାଠ କରିଥିଲେ । ପରେ ମୁଖ୍ୟଅତିଥି ମନ୍ତ୍ରୀ ବ୍ରାହ୍ମଣମାନେ ସମାଜର ଆଦର୍ଶ ସ୍ଥାନୀୟ ଓ ସେମାନଙ୍କ ଭିତରେ ଥିବା ବ୍ରହ୍ମତ୍ୱକୁ ସୁପ୍ରତିଷ୍ଠିତ କରି ଏକାଠି ହେଲେ ତାଙ୍କର କୌଣସି ସମସ୍ୟା ରହିବ ନାହିଁ । ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟରେ ବ୍ରାହ୍ମଣ ସମାଜ ସହଯୋଗର ହାତ ବଢାଉ ବୋଲି ନିବେଦନ କରିଥିଲେ । ମୁଖ୍ୟବକ୍ତା ଶ୍ରୀମତୀ ପଣ୍ଡା ବ୍ରାହ୍ମଣମାନେ ସମାଜର ମେରୁଦଣ୍ଡ ବୋଲି ଉଲ୍ଲେଖ କରି ସେମାନଙ୍କ ନୀତି ନିଷ୍ଠ ଜୀବନ ଯାପନ ପାଇଁ ନିବେଦନ କରିଥିଲେ । ସମ୍ମାନୀତ ଅତିଥି ଓ ସମ୍ମାନୀତ ବକ୍ତାଗଣ ସେମାନଙ୍କ ନିଜ ନିଜର ବକ୍ତବ୍ୟରେ ବ୍ରାହ୍ମଣ ସମାଜର ଉଦାରତା ତଥା ବଦାନ୍ୟତା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ମହାସଭାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀ, ଉପ-ସଭାପତି ସିଦ୍ଧେଶ୍ୱର ଶତପଥୀ, ସାରଥୀ ଦାଶ, ସମ୍ପାଦକ ସଞ୍ଜୟ କୁମାର ଗୋସ୍ୱାମୀ, କୋଷାଧ୍ୟକ୍ଷ ସୁରେଶ କୁମାର ପାଣିଗ୍ରାହୀ, ସହ-ସମ୍ପାଦକ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ମଧ୍ୟ ବକ୍ତବ୍ୟ ପ୍ରଦାନ କରି ବ୍ରାହ୍ମଣମାନେ ପର୍ଶୁରାମଙ୍କ ଆଦର୍ଶକୁ ଅନୁକରଣ କରି ନିଜର ନିଷ୍ଠା, ସତ୍ୟବାଦିତା, ନିର୍ଭିକତା ଓ ତ୍ୟାଗକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସଭାପତି ଡା. ଦାଶ ବ୍ରାହ୍ମଣମାନେ ସେମାନଙ୍କର ଦିବ୍ୟତ୍ୱକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ରାହ୍ମଣ ମହାସଭାର ସଦସ୍ୟ ବିଜୟ କୁମାର ମହାପାତ୍ର, ଅଶ୍ୱିନୀ କୁମାର ପଣ୍ଡା, ସମ୍ବିତ କୁମାର ମହାପାତ୍ର, ଅସୀମ କୁମାର ଚକ୍ରବର୍ତ୍ତୀ, ହିମାଂଶୁ ଶେଖର ପ୍ରହରାଜ, ସଦସ୍ୟା ଭାସ୍ୱତୀ ପଣ୍ଡା, ସନ୍ଧ୍ୟାରାଣୀ ପଣ୍ଡା, ରୀକା ପଣ୍ଡା, ଭଗବତୀ ଦାଶ ପ୍ରମୁଖ ପରିଚାଳନା କରିଥିଲେ । ପରିଶେଷରେ ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ମହାସଭା ପକ୍ଷରୁ ସମସ୍ତ ପୂଜକ ବ୍ରାହ୍ମଣମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦେଶର କାରାଗାର ବ୍ୟବସ୍ଥା ଏବଂ ଜାମିନ ପ୍ରକ୍ରିୟାରେ

# ବ୍ୟାପକ ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ସଂସାଦ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ଦେଶର କାରାଗାର ବ୍ୟବସ୍ଥା ଏବଂ ଜାମିନ ପ୍ରକ୍ରିୟାରେ ବ୍ୟାପକ ସଂସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସାଂସଦ ଡଃ ପାଣିଗ୍ରାହୀ ଦେଶର ଜେଲଗୁଡ଼ିକରେ କ୍ଷମତାଠାରୁ ଅଧିକ କଏଦୀ ରହିବା, ବିଚାରାଧୀନ କଏଦୀଙ୍କ ସଂଖ୍ୟା ବୃଦ୍ଧି ଏବଂ ଜାମିନ ପ୍ରଦାନ ପ୍ରକ୍ରିୟାରେ ହେଉଥିବା ଅହେତୁକ ବିଳମ୍ବର ସ୍ଥାୟୀ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ବିସ୍ତୃତ ସ୍ମାରକପତ୍ର ପଠାଇଛନ୍ତି । ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର "ପ୍ରିଜନ୍ ଷ୍ଟାଟିଷ୍ଟିକ୍ସ ଇଣ୍ଡିଆ' ରିପୋର୍ଟର ସଦ୍ୟତମ ତଥ୍ୟକୁ ଆଧାର କରି ସାଂସଦ ଡଃ ପାଣିଗ୍ରାହୀ ଦେଶର ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ଥିବା ଗମ୍ଭୀର ତ୍ରୁଟିଗୁଡ଼ିକ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, ବର୍ତ୍ତମାନ ଭାରତର ୧,୩୩୩ଟି ସକ୍ରିୟ ଜେଲରେ ମୋଟ୍ ୪.୫୩ ଲକ୍ଷ କଏଦୀ ରଖିବାର କ୍ଷମତା ଥିବାବେଳେ ପ୍ରକୃତରେ ୫.୧୧ ଲକ୍ଷରୁ ଅଧିକ କଏଦୀ ରହିଛନ୍ତି, ଯାହାକି ଜାତୀୟ ସ୍ତରରେ କାରାଗାରଗୁଡ଼ିକର କ୍ଷମତାଠାରୁ ୧୧୨.୭% ଅଧିକ । ସଂସଦୀୟ ଗୃହ କମିଟିର ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଏବଂ ଜାମ୍ମୁ-କାଶ୍ମୀର ଭଳି ସ୍ଥାନରେ ଜେଲ୍ କର୍ମଚାରୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀର ୬୦% ରୁ ଅଧିକ ଖାଲି ପଡ଼ିଛି, ଯାହା ପ୍ରଶାସନିକ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଚିନ୍ତା ପ୍ରତିପାଦନ କରି ଡଃ ପାଣିଗ୍ରାହୀ କହିଛନ୍ତି ଯେ, ଗରିବ, ଆଦିବାସୀ ଓ ଆର୍ଥିକ ଅନଗ୍ରସର ଲୋକମାନେ ଆଇନଗତ ସଚେତନତା ଓ ଅର୍ଥ ଅଭାବରୁ ସାମାନ୍ୟ ଅପରାଧ ପାଇଁ ବର୍ଷ ବର୍ଷ ଧରି ଜେଲ୍ରେ ସଢୁଛନ୍ତି । ଆଇନର ମୂଳ ନୀତି ଜେଲ୍ ନୁହେଁ, ବରଂ ଜାମିନ ପ୍ରଦାନ । ଏବେ ବ୍ୟବହାରିକ କ୍ଷେତ୍ରରେ ଏହା ଓଲଟି ଯାଇଛି । ତୁରନ୍ତ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ପ୍ରସ୍ତାବ ସ୍ୱତନ୍ତ୍ର ଜାମିନ, ଖାଲି ପଦବୀ ପୂରଣ, ଦିଲ୍ଲୀ ଏବଂ ଜାମ୍ମୁ-କାଶ୍ମୀର ସମେତ ସମସ୍ତ ରାଜ୍ୟରେ ଜେଲ୍ କର୍ମଚାରୀଙ୍କ ୬୦% ଖାଲି ପଦବୀକୁ ଆଗାମୀ ୬ ମାସ ମଧ୍ୟରେ ମିଶନ ମୋଡରେ ପୂରଣ କରିବା, ଜେଲ୍ ଆଇନ ସେବା କ୍ଲିନିକର ସୁଦୃଢ଼ୀକରଣ, ୪୮ ଘଣ୍ଟା ମଧ୍ୟରେ ଜାମିନ ଆବେଦନ ଦାଖଲ ପ୍ରକ୍ରିୟା ବାଧ୍ୟତାମୂଳକ ଆଦି ବିଭିନ୍ନ ଦାବି ଏହି ସ୍ମାରକପତ୍ରର ମାଧ୍ୟମରେ ଜଣାଇଛନ୍ତି । ଡଃ ପାଣିଗ୍ରାହୀ ଆଶା ପ୍ରକଟ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଭାରତରେ ନ୍ୟାୟର ସହଜ ସୁଲଭତାକୁ ସଫଳ କରିବେ ।







# ପ୍ରେସ ଛକ ମାଛ ଗୋଦାମରେ ଅଗ୍ନିକାଣ୍ଡ, ବ୍ୟାପକ କ୍ଷୟକ୍ଷତି

କଟକ, (ସ୍ୱପ୍ର) : ସ୍ଥାନୀୟ ମଧୁପାଟଣା ଖାନନଗର ପ୍ରେସ ଛକ ମାଛ ଗୋଦାମରେ ରବିବାର ବିଳମ୍ବିତ ରାତ୍ରୀରେ ଏକ ବଡ ଧରଣର ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଳମ୍ବିତ ରାତି ହୋଇଥିବାରୁ ଏଥିରେ ଥିବା ସମସ୍ତ ୧୮ ଟି ମାଛ ଗୋଦାମ ଓ ପାଖରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ କାର୍ଯ୍ୟାଳୟ ପୋଡି ପାଉଁଶ ହୋଇଯାଇଛି । ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି ବୋଲି ଅନୁମାନ କରାଯାଉଛି । ମାଛ ଗୋଦାମର ବ୍ୟବସାୟୀ ପ୍ରମୋଦ ଭୋଳ, ମନୋଜ କୁମାର ବେହେରା, ସନ୍ତୋଷ ମହାପାତ୍ର, ସୁଶାନ୍ତ କୁମାର ବେହେରାଙ୍କ ସୂଚନା ମୁତାବକ ପ୍ରାୟ ୫୦ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଛି । ରବିବାର ବ୍ୟାପକ ମାଛ ବିକ୍ରୀ ହୋଇଥିଲା । ରବିବାର ବ୍ୟାଙ୍କ ବନ୍ଦ ଥିବା ହେତୁ ମାଛ ବିକ୍ରୀ ଟଙ୍କା ଗୋଦାମ ଘରେ ଗଚ୍ଛିତ ଥିଲା । ଏଣୁ ଏହି ଟଙ୍କା ସହ ମାଛ ଗୋଦାମର



୧୮ ବଖରା ଘର ଆସବାବପତ୍ର, ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଏହି ଗୋଦାମ ନିକଟରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ କାର୍ଯ୍ୟାଳୟ ମଧ୍ୟ ନିଆଁରେ ପୋଡି ଯାଇଛି । ଖବର ପାଇ ଅଗ୍ନିଶମ ଗାଡି ରାତ୍ର ୩ ଟା ୩୦ ମିନିଟ ସମୟରେ ଆସି ପହଞ୍ଚି ନିଆଁକୁ ଲିଭାଇଥିଲା । ହେଲେ ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା । ଖବର ପାଇ ସିଏମସି କମିଶନର କିରଣଦୀପ କୌର ସହୋତା, ମଧୁପାଟଣା ଆଇଆଇସି ଚିତ୍ତରଞ୍ଜନ ରାଉତ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ମେୟର ସୁବାସ ଚନ୍ଦ୍ର ସିଂହ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହିତ ମାଛ ବ୍ୟବସାୟୀଙ୍କୁ ଆଶ୍ୱାସନା ଦେଇଥିଲେ । କ୍ଷୟକ୍ଷତିର ଆକଳନ ପରେ କ୍ଷତିପୂରଣ ବ୍ୟବସ୍ଥା କରାଯିବା ବୋଲି ସୂଚନା ମିଳିଛି । ପ୍ରଶାସନ ଏହାର ତଦନ୍ତ କରି ବ୍ୟବସାୟୀଙ୍କ କ୍ଷୟକ୍ଷତି ଭରଣା କରିବାକୁ ପଞ୍ଚମୁଖୀ ମହାବୀର ମାଛ ବ୍ୟବସାୟୀ ସଂଘ ଦାବି କରିଛି ।

# ସ୍ତ୍ରୀଙ୍କୁ ଅପହରଣ, ସ୍ୱାମୀଙ୍କୁ ଧମକ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ବ୍ୟକ୍ତିଙ୍କ ସ୍ତ୍ରୀକୁ ଅପହରଣ କରିବା ସହ ବନ୍ଧୁକ ଦେଖାଇ ଧମକ ଦେବା ମାମଲାରେ ବଡ଼ବଜାର ଥାନା ପୁଲିସ ପୁରୀ ଜିଲାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ପୁରୀ ଜିଲା ତାଳବଣିଆ ଥାନା ଅନ୍ତର୍ଗତ କୁମୁଟିପାଟଣା ଜଗନ୍ନାଥ କଲୋନୀର ରଶ୍ମି ରଞ୍ଜନ ପଣ୍ଡା ଓ ରଫ ଗୁଡୁ । ସୂଚନାପ୍ରକାରେ, ବ୍ରହ୍ମପୁରର ଜଣେ ଯୁବକ କିଛି ମାସ ତଳେ ପୁରୀର ଜଣେ ଯୁବତୀଙ୍କୁ ବ୍ରହ୍ମପୁରର କୁଠାରୀ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହର ୧୫ ଦିନ ପରେ ସେ ନିଜ ସ୍ତ୍ରୀଙ୍କ ସହ ବାଙ୍ଗାଲୋର ଚାଲିଯାଇଥିଲେ। ସେଠାରେ ସେ ଏକ ହୋଟେଲରେ କାମ କରୁଥିଲେ । ବାଙ୍ଗାଲୋରରେ ଏକ ଘରଭଡା ନେଇ ନିଜ ସ୍ତରୀ ସହ ରହୁଥିଲେ। ସେଠାରେ ରହିବା ସମୟରେ ତାଙ୍କ ସ୍ତ୍ରୀ ପୁରୀର ଗୁଡୁ ପଣ୍ଡା ସହ ସମ୍ପର୍କରେ ଥିବାଅଭିଯୋଗକାରୀ ଯୁବକ ଜଣଙ୍କ ଜାଣିବାକୁ ପାଇଥିଲେ । ମେ ୧ ତାରିଖରେ ଯୁବକ ଜଣଙ୍କ କାମ କରିବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ସେହି ଭଡାଘରୁ ସମସ୍ତ ସୁନା ଓ ରୁପା ଅଳଙ୍କାର ଧରି କେଉଁଆଡ଼େ ପଳାଇଥିଲେ । ଯୁବକ ଜଣଙ୍କ ଘରକୁ ଫେରି ନିଜ ସ୍ତ୍ରୀକୁ ନପାଇ ଖୋଜାଖୋଜି କରିଥିଲେ। ଯୋଗାଯୋଗ ବିଫଳ ହେବା ପରେ ଘଟଣାକୁ ନେଇ ସେ ବାଙ୍ଗାଲୋରର ମାଇକ୍ରୋ ଲେଆଉଟ୍ ଥାନାରେ ଏକ ଏତଲା ଦେଇଥିଲେ । ଏହାର ଗୋଟିଏ ଦିନ ପରେ ଅଭିଯୁକ୍ତ ଗୁଡୁ ପଣ୍ଡା ଅଭିଯୋଗକାରୀ ଯୁବକଙ୍କୁ ଫୋନ୍ କରି ତାଙ୍କ ସ୍ତ୍ରୀ ଏବେ ତା' ପାଖରେ ଅଛି ବୋଲି କହିଥିଲା। ସୁନା ଅଳଙ୍କାର ମାଗିଲେ ପରିବାର ଲୋକଙ୍କୁ ବନ୍ଧୁକରେ ଗୁଳି କରି ମାରିଦେବାକୁ ଧମକ ଦେଇଥିଲା । ଘଟଣାକୁ ନେଇ ଯୁବକ ଜଣଙ୍କ ବ୍ରହ୍ମପୁର ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୁଲିସ ଅଭିଯୁକ୍ତ ଗୁଡୁଙ୍କୁ କାବୁ କରିବା ସହ ଅଭିଯୋଗକରୀ ଯୁବକଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରିଥିଲା । ସେମାନଙ୍କ ନିକଟରୁ ପୁଲିସ ବିବାହ ନିମନ୍ତ୍ରଣ ପତ୍ର, ଉଭୟଙ୍କ ମିଳିତ ରଙ୍ଗୀନ ବିବାହ ଫଟୋ, ଆଧାର କାର୍ଡ, ସୁନା କିଣା ବିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି ।

# ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଖୋ-ଖୋ ଓ ଆର୍ଚେରୀ ସମର କ୍ୟାମ୍ପ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ପ୍ରସିଦ୍ଧ ବେଲଗଡ଼ିଆ ପ୍ୟାଲେସ୍ ପରିସରରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୦ ଦିନିଆ "ସମର କ୍ୟାମ୍ପ-୨୦୨୬" ଉଦ୍‌ଯାପିତ ହୋଇଯାଇଛି। ଗତ ମେ ମାସ ୫ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଆର୍ଚେରୀ ଏବଂ ଖୋ-ଖୋ ଖେଳର ତାଲିମ ପ୍ରଦାନ କରାଯାଉଥିଲା । ସମାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜ ଦେଓ, ସମ୍ମାନିତ ଅତିଥି ଭାବେ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜ ଦେଓ ଯୋଗଦେଇ ସଫଳ ଶିବିରାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହିତ ଟାଟା ଆର୍ଚେରୀ ଏକାଡେମୀର ବିଶିଷ୍ଟ କୋଚ୍ ପ୍ରେମ ପୂର୍ତ୍ତି ଏବଂ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉଭୟ ଶିବିର ସହ ଉଦଯାପନୀ କାର୍ଯ୍ୟକ୍ରମକୁ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ସଫଳତାର ସହ ପରିଚାଳନା କରିଥିଲେ। ଏହି ଗ୍ରୀଷ୍ମକାଳୀନ ଶିବିରରେ ସ୍ଥାନୀୟ ଅଞ୍ଚଳର ୩୫ଜଣ ଆର୍ଚେରୀରେ ଓ ୪୦ଜଣ ଖୋ-ଖୋ ଖେଳର ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଆର୍ଚେରୀ କୋଚ୍ ତରଣୀସେନ ନାୟକ ଓ ଫୁଲମଣି ପାଲେୟା ଏବଂ ଖୋ-ଖୋ କୋଚ୍ ଅର୍ଜୁନ ସିଂ, ଘାସିରାମ ମାଝୀ ଓ କ୍ଷୀରୋଦ ହେମ୍ବ୍ରମ ପ୍ରମୁଖ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏକାଡେମୀର କର୍ମଚାରୀ ଚନ୍ଦନ ସିଂ, ରୋହିତ କୁମାର ନାୟକ, ରଞ୍ଜିତ ରାଉତଙ୍କ ସମେତ ସମସ୍ତ ସପୋର୍ଟିଂ ଷ୍ଟାଫ୍ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଜାତୀୟ ରଗ୍‌ବୀ ପ୍ରିମିୟାର ଲିଗରେ ସ୍ଥାନ ପାଇଥିବା ପାର୍ବତୀ ହାଁସଦା, ସନ୍ଧ୍ୟାରାଣୀ ଟୁଡୁ ଓ ସୁନିତା ହାଁସଦାଙ୍କୁ ରାଜ ପରିବାର ତରଫରୁ ୫ହଜାର ଟଙ୍କା ଲେଖାଏଁ ପ୍ରସ୍ତାହନ ରାଶି ପ୍ରଦାନ କରାଯାଇଥିଲା ।




**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ-୪, ଖୋର୍ଦ୍ଧା, ଅଞ୍ଚଳ-୧, ଭୁବନେଶ୍ୱର

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଏସିବି ଓଡଗାଁ ଶାଖା<br>ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
| --- | --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ଅର୍ଚ୍ଚନା ଜୁଏଲାରୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ,** ସ୍ୱାମୀ: ୰ ଶଶୀ ଭୂଷଣ ଆଚାରୀ, **ୟୁନିଟ୍**- ସା: ଲକ୍ଷ୍ମୀ ବଜାର, ପୋ/ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଓଡ଼ିଶା, **ବାସସ୍ଥାନ**- ସା: ଶ୍ରୀ ରାମ ଲେନ୍, ଲକ୍ଷ୍ମୀ ବଜାର, ପୋ/ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ୰ ଶଶୀ ଭୂଷଣ ଆଚାରୀ,** | **ଶଶୀ ଭୂଷଣ ଆଚାରୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା/ତହସିଲ: ଓଡଗାଁ, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, **୧)** ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର ୦.୦୩ ଡିସିମିଲି, **୨)** ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର ୦.୦୨ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୫ ଡିସିମିଲି,** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣି ସାହୁ, ପଶ୍ଚିମ: ଇନ୍ଦୁମତି ମହାପାତ୍ର, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୧୨.୦୩.୨୦୨୬ | ୩୦.୦୫.୨୦୨୬ | ୨୯.୦୫.୨୦୨୬ ସୁଦ୍ଧା ଟ.୧୪,୩୩,୭୬୬/- + ସହିତ ତା.୩୦.୦୫.୨୦୨୬ରୁ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଇତ୍ୟାଦି |
| **ଗ୍ୟାରେଣ୍ଟିଦାତାଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ଅରୁଣ ଶଙ୍କର ଆଚାରୀ (ବିବାହିତ ପୁଅ),** ପିତା: ୰ ଶଶୀ ଭୂଷଣ ଆଚାରୀ, **୨) ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ (ସ୍ତ୍ରୀ),** ସ୍ୱାମୀ: ୰ ଶଶୀ ଭୂଷଣ ଆଚାରୀ ଏବଂ **୩) ଶ୍ରୀମତୀ ବି. ଅନ୍ନଦା ରାଣୀ ଆଚାରୀ (ବିବାହିତା ଝିଅ),** ପିତା: ୰ ଶଶୀ ଭୂଷଣ ଆଚାରୀ, ସମସ୍ତଙ୍କ ଠିକଣା- ସା: ଶ୍ରୀ ରାମ ଲେନ୍, ଲକ୍ଷ୍ମୀ ବଜାର, ପୋ/ଥାନା: ଓଡଗାଁ, ଜିଲ୍ଲା: ନୟାଗଡ, ଓଡ଼ିଶା | | | | |

ସ୍ଥାନ: ଖୋର୍ଦ୍ଧା
ତାରିଖ : ୦୧.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ପ୍ରହସନ ପାଲଟିଛି : ନରସିଂହ



ବଲାଙ୍ଗିର,(ସବ୍ୟୁ): ନିକଟରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ । ବୈଠକରେ ଜିଲ୍ଲାବାସୀ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ରକ୍ଷା ପାଇପାରିବେ ସେହିପରି ନିଷ୍ପତ୍ତି ହୋଇଥାଏ । କିନ୍ତୁ ଦେଖାଯାଉଛି ଜିଲ୍ଲାର ଲୋକଙ୍କର ପକ୍ଷ ଯେଉଁମାନେ ରଖିବା କଥା ସେମାନେ ବୈଠକରେ କ୍ରମାଗତ ଅନୁପସ୍ଥିତ ରହୁଛନ୍ତି । ଜିଲ୍ଲାର ବିଧାୟକ ତଥା ରାଜ୍ୟ ସରକାରରେ ମନ୍ତ୍ରୀ ଥିବା ଜନପ୍ରତିନିଧିମାନେ ଏହି ବୈଠକମାନଙ୍କୁ ଗୌଣ ମନେ କରି ନିଜ ନିଜର ପ୍ରତିନିଧିମାନଙ୍କୁ ପଠାଉଛନ୍ତି । ଯେଉଁମାନେ କି କେବଳ ଚୁପ ରହି ଅଧିକାରୀମାନଙ୍କର କଥା ଶୁଣୁଛନ୍ତି । ଏଥିରେ ଜିଲ୍ଲାବାସୀ ଭୋଗୁଥିବା ପ୍ରାକୃତିକ ବିପର୍ଯ୍ୟୟରୁ କେମିତି ରକ୍ଷା ପାଇପାରିବେ ବୋଲି ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ଦୁଇ ଦିନ ତଳେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ବୈଠକ ସାଧାରଣରେ ଏକ ପ୍ରହସନ ପାଲଟି ଗଲାଣି ବୋଲି ଶ୍ରୀ ମିଶ୍ର ଏକ ପ୍ରେସ ବିବୃତି ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି ।

## ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ସଚିବ

# ମାଁ ସମଲେଶ୍ୱରୀଙ୍କ ପୀଠରେ ମହାନଦୀ ଆଳତିର ହେବ ଟ୍ରାଏଲ୍ ରନ୍

ସମ୍ବଲପୁର,(ସବ୍ୟୁ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ବଳୱନ୍ତ ସିଂ ସମ୍ବଲପୁର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ଓ ଐତିହାସିକ ସ୍ଥଳୀର ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ପ୍ରସିଦ୍ଧ ଲକ୍ଷ୍ମୀନାଥ ବେଜବରୁଆ ବାସଭବନ, ଭିକ୍ଟୋରିଆ ଟାଉନ୍ ହଲ୍ ଏବଂ ବୀର ସୁରେନ୍ଦ୍ର ସାଏ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ଏହାପରେ ସମ୍ବଲପୁରର ଅନ୍ୟତମ ଐତିହାସିକ ପ୍ରାସାଦ 'ରାଜା ବାଖରୀ' ପରିଦର୍ଶନ କରି ଏହାର ସ୍ଥିତି ପରଖିବା ସହ ସହରରେ ଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟକୁ ଯାଇଥିଲେ। ସନ୍ଧ୍ୟା ସମୟରେ ପର୍ଯ୍ୟଟନ ସଚିବ ଶ୍ରୀ ସିଂ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠକୁ ଯାଇ ସେଠାରେ ନବନିର୍ମିତ ୱାଟରବଡି ଶୋ' ସହ 'ମହାନଦୀ ଆଳତି'ର ପ୍ରାରମ୍ଭିକ ପରୀକ୍ଷଣ ବା ଟ୍ରାଏଲ୍ ରନ୍ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଆସନ୍ତାକାଲି ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ପର୍ଯ୍ୟଟନ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଏମସିଏଲ୍ ମୁଖ୍ୟାଳୟ ନିକଟରେ ପ୍ରସ୍ତୁତ ହେଉଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଯାଞ୍ଚ କରିବେ। ଏହାସହ ହୀରାକୁଦ ଡ୍ୟାମ୍ ଅଞ୍ଚଳ ପରିଦର୍ଶନ କରିବେ। ସେଠାରେ ଆରାଇଭାଲ୍ ପ୍ଲାଜା, ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ ଏବଂ ହୀରାକୁଦ ଜଳଭଣ୍ଡାର ସାଇଟ୍ ପରିଦର୍ଶନ କରିବା ସହ ପ୍ରସିଦ୍ଧ ଜବାହର ପାର୍କର ଯୋଜନାବଦ୍ଧ ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଏବଂ ଆର୍କିଟେକ୍ଟ ଦଳଙ୍କ ସହ ସବିଶେଷ ଆଲୋଚନା



କରିବେ। ଏହାସହ ହୀରାକୁଦ ରିଂରୋଡ୍ ଏବଂ ସେଠାରେ ନିର୍ମାଣ ହେବାକୁ ଥିବା ଆଇକନିକ୍ ବ୍ରିଜ୍ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କ ସହ ମଧ୍ୟ ଉଚ୍ଚସ୍ତରୀୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନରେ କର୍ଡୋଲା ଶିଳ୍ପୀ ଗ୍ରାମ ପରିଦର୍ଶନ କରି ସେଠାକାର କଳା ଓ ସଂସ୍କୃତିର ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ପଥରସେନୀ ମନ୍ଦିର, ଡୁଙ୍ଗୁରୀ ଖଣି ଅଞ୍ଚଳ ପରିଦର୍ଶନ କରିବା ସହ ସେଠାରେ ପ୍ରସ୍ତାବିତ 'ଟୟ ଟ୍ରେନ୍ ପ୍ରକଳ୍ପ' ଏବଂ ଏକ ସମ୍ଭାବ୍ୟ 'କ୍ରୁଜ୍ ଟର୍ମିନାଲ୍' ପ୍ରତିଷ୍ଠା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ସମ୍ବଲପୁରରୁ ବରଗଡ଼ ଯାଇ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ରାଜମହଲ ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ଗ୍ରାମୀଣ ଅଞ୍ଚଳର ପରିଦର୍ଶନ ସାରି ସମ୍ବଲପୁର ଫେରି ରାତ୍ରିଯାପନ କରିବେ। ଶେଷରେ ବୁଧବାର ସକାଳେ ସମ୍ବଲପୁରରୁ ଭୁବନେଶ୍ୱର ମୁଖ୍ୟାଳୟ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବା ସମୟରେ ବାଟରେ ପ୍ରସିଦ୍ଧ ଭୀମମଣ୍ଡଳୀ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ତେବେ ସଚିବଙ୍କ ଏହି ୨ଦିନିଆ ସମ୍ବଲପୁର ଗସ୍ତ ଓ ପରିଦର୍ଶନ କାର୍ଯ୍ୟକ୍ରମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପକୁ ଏକ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି।

## କେନ୍ଦ୍ର ସମବାୟ ବ୍ୟାଙ୍କ ହିସାବରକ୍ଷକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋକସରା,(ସବ୍ୟୁ): କୋକସରା ବ୍ଲକ କୋକସରା କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟରତ ହିସାବରକ୍ଷକ (ଆକାଉଣ୍ଟେଣ୍ଟ) କର୍ମଚାରୀ ଦିବସ କୁମାର ପ୍ରଧାନୀଙ୍କ କାର୍ଯ୍ୟକାଳ ରବିବାର ଶେଷ ହୋଇଥିବା ବେଳେ ତାଙ୍କୁ କେନ୍ଦ୍ର ସମବାୟ ବ୍ୟାଙ୍କ ଓ କୃଷି ସମବାୟ ସମିତିର ପ୍ରତିନିଧି ଓ କର୍ମଚାରୀ ମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶ୍ରୀ ରାଉତ କୋକସରା କେନ୍ଦ୍ର ସମବାୟ ବ୍ୟାଙ୍କରେ ଜଣେ କର୍ତ୍ତବ୍ୟନିଷ୍ଠ, ନିଷ୍ଠାପର ଓ ମେଳାପୀ କର୍ମଚାରୀ ଭାବେ ଚାଷି ମହଲରେ ଜଣାଶୁଣା ଥିଲେ। ବିଭିନ୍ନ କାର୍ଯ୍ୟ ନେଇ ବ୍ୟାଙ୍କକୁ ଆସୁଥିବା ଚାଷି ଓ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ତାଙ୍କର ଅବଦାନ ରହିଛି। ରବିବାର ତାଙ୍କର ଅସର ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝୀ, ସମ୍ମାନିତ ଅତିଥି ଭାବେ ପେକ୍ସ ସମ୍ପାଦକ ଯୁଗଳ କିଶୋର ନାଏକ, ରଞ୍ଜନ ପାଣିଗ୍ରାହୀ, ବିକାଶ ରଞ୍ଜନ ପଣ୍ଡା, ପଦ୍ମନ ବାଗ, କ୍ଷମାନିଧି ବାଗ, ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପ୍ରଧାନୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ର ସମବାୟ ସମିତିର କର୍ମଚାରୀ ଭାରତ ପ୍ରଧାନୀ, ଭାବଗ୍ରାହୀ ପ୍ରଧାନୀ, କୁଳମଣି ନାଏକ, କପିଳ ମାଝୀ, ଗିରିସୁତା ସୁନାନୀ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ବିଦାୟ ସମ୍ବର୍ଦ୍ଧନା ସହ ତାଙ୍କର କାର୍ଯ୍ୟକାଳରେ ସହକର୍ମୀଙ୍କ ପ୍ରତି ଥିବା ଭଲ ପାଇବାର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।

## ସମ୍ବଲପୁରରେ ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ହଲ ଠାରେ ସମ୍ବଲପୁରର ସୁପରିଚିତ ଗାୟକ ତଥା ଦନ୍ତ ଚିକିତ୍ସକ ଡ଼ା. ରେମଣ୍ଡ ଲୋ ' ଙ୍କ ଆନୁକୁଲ୍ୟରେ ଏକ ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ଚଳଚ୍ଚିତ୍ର ଜଗତର ଲତା ମଙ୍ଗେସକର, ଆଶା ଭୋଁସଲେ, ମୁକେଶ, ମହମ୍ମଦ ରଫୀ, କିଶୋର କୁମାର ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସେମାନେ ଗାଇଥିବା ଗୀତ ମଧ୍ୟରୁ ପ୍ରସିଦ୍ଧ ଗୀତ ଗୁଡିକ ସ୍ଥାନୀୟ ଗାୟକ ଗାୟିକା ଗାନ କରିଥିଲେ। ସୁନାମଧନ୍ୟ ଗାୟିକା ସଙ୍ଗୀତା ମିଶ୍ର, ଡା. ରେମଣ୍ଡ ଲୋ', କଳ୍ପନା ସାହୁ, ଦେବାଶିଷ ହୋତା, ମାନସ ଷଡ଼ଙ୍ଗୀ ପ୍ରମୁଖ କଳାକାର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସୁନାମଧନ୍ୟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ଐତିହାସିକ ଦୀପକ କୁମାର ପଣ୍ଡା ଓ ସାମାଜିକ କାର୍ଯ୍ୟ ପାଇଁ ଅଶୋକ କୁମାର ଜଲାନଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଅତିରିକ୍ତ ଏସପି ଦିଲ୍ଲୀପ କୁମାର ନାୟକ, କଳାକାର ବିଭୂତି ପଟ୍ଟନାୟକ, ସୁଲେମାନ ଦିୱାନା, ଦୁର୍ଗା ଦାଶ, ସଞ୍ଜୟ ସୂପକାର ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ।

## ସୁନାବେଡ଼ାରେ ପ୍ରକଳ୍ପ ନିର୍ଦ୍ଦେଶକ ଡୁଡ଼ାଙ୍କ ସମୀକ୍ଷା

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୁନାବେଡ଼ା ପୌର ପରିଷଦ ଅଧୀନରେ ଥିବା ଆହାର କେନ୍ଦ୍ର ଓ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ସେ ଆହାର କେନ୍ଦ୍ରର ଖାଦ୍ୟ ଗୁଣବତ୍ତା ନେଇ ସନ୍ତୋଷ ପ୍ରକାଶ କରିବା ସହ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ରରେ ଶତ ପ୍ରତିଶତ ଡୋର-ଟୁ-ଡୋର ସଂଗ୍ରହ ଓ କମ୍ପୋଷ୍ଟ ବ୍ରାଣ୍ଡିଂ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆହାର କେନ୍ଦ୍ରରେ ଦୈନିକ ୪୫୦ ରୁ ଅଧିକ ହିତାଧିକାରୀ ମାତ୍ର ୫ ଟଙ୍କାରେ ଭୋଜନ କରୁଛନ୍ତି। ସେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ କହିଥିଲେ।

ପରେ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ସେ ଓଦା-ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟିଂ ୟୁନିଟ ଓ ପ୍ଲାଷ୍ଟିକ ବେଲିଂ ପ୍ରକ୍ରିୟା ଯାଞ୍ଚ କରିଥିଲେ। ମହିଳା ଏସଏଚଜିର ସଦସ୍ୟାମାନେ ଆବର୍ଜନା ସଂଗ୍ରହ ଓ କମ୍ପୋଷ୍ଟ ବିକ୍ରିରୁ କିପରି ରୋଜଗାର କରୁଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେ ସ୍ୱଚ୍ଛ ସାଥୀ ଓ ଏସଏଚଜି ମହିଳାଙ୍କୁ ପ୍ରଶଂସା କରିବା ସହ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ୱାର୍ଡରେ ଶତ ପ୍ରତିଶତ ଡୋର-ଟୁ-ଡୋର ସଂଗ୍ରହ କରିବାକୁ କହିଥିଲେ । ଏହି ଗସ୍ତ ସମୟରେ କୋରାପୁଟ ଡୁଡା ଟିମ ଲିଡର ଯୋଗେଶ ରାଜୁ, ସୁନାବେଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଜୀବନ୍ତ ଗୁଳି ଓ ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ଘରୋଇ ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଜଣେ ଯୁବକକୁ ବେଆଇନ ମାରଣାସ୍ତ୍ର ରଖିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅନୁଗୁଳିଆ ପଡାର ନରେନ୍ଦ୍ର ନାୟକ (୨୬)ବୋଲି ଜଣାପଡିଛି। ତାଙ୍କ ନିକଟରୁ ଗୋଟିଏ ସିଙ୍ଗଲ୍-ସଟ୍ ଦେଶୀ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି ଓ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ୧୫୬/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅଇଁଠାପାଲି ପୋଲିସ ପକ୍ଷରୁ ଘରୋଇ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ସେଠାରେ ସନ୍ଦେହଜନକ ଭାବେ ବୁଲୁଥିବା ନରେନ୍ଦ୍ରଙ୍କୁ ପୋଲିସ ଟିମ୍ କାବୁ କରିଥିଲା। ବ୍ୟକ୍ତିଗତ ଯାଞ୍ଚ କରାଯିବା ବେଳେ ତାଙ୍କ ପାଖରୁ ଏସବୁ ସାମଗ୍ରୀ ଜବତ ହୋଇଛି।

## ବିଶ୍ୱ ପରିବେଶ ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତା



ସମ୍ବଲପୁର,(ସବ୍ୟୁ): ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଅଧ୍ୟକ୍ଷତା କରିଥିଲେ। ପରିବେଶ କମିଟି ଆବାହକ ଦିଲୀପ କୁମାର ବଘାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମାଧ୍ୟମିକ ସ୍କୁଲ ସ୍ତରରେ ଗୁରୁନାନକ ପବ୍ଲିକ ସ୍କୁଲର ପ୍ରକୃତି ଜେନା ପ୍ରଥମ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୧ ର ଅନନ୍ୟା ମହାନନ୍ଦ ଦ୍ୱିତୀୟ, ସେଣ୍ଟ ଜନ୍ସ ସ୍କୁଲର ଦେବଶ୍ରେଷ୍ଠ ମହାନନ୍ଦ ଓ ବିକାଶ ସ୍କୁଲର ଅନନ୍ୟା ଆଚାର୍ଯ୍ୟ ଯୁଗ୍ମ ତୃତୀୟ ହୋଇଛନ୍ତି। ହାଇସ୍କୁଲ ସ୍ତରରେ ମଦନାବତୀ ପବ୍ଲିକ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ପ୍ରଥମ, ବିକାଶ ସ୍କୁଲର ଅନ୍ୱେଷା ପାଣିଗ୍ରାହୀ ଦ୍ୱିତୀୟ ଓ ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲର ଆରାୟମେଶ ପାଣିଗ୍ରାହୀ ତୃତୀୟ ହୋଇଛନ୍ତି। ସେହିପରି କଲେଜ ସ୍ତରରେ ଏଲ୍ ଆର ଲ କଲେଜର ନର୍ଗିସ ଖାତୁନ ପ୍ରଥମ, ସରକାରୀ ମହିଳା ମହାବିଦ୍ୟାଳୟର ନିଖତ ପରିୱିନ ଓ ସମିରା ବେଗମ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବିଚାରକ ଭାବେ ଅଧ୍ୟାପକ ଜୟ ନାରାୟଣ ଶତପଥୀ, ଅଧ୍ୟାପକ ସ୍ୱୟଂ ପ୍ରକାଶ ପଣ୍ଡା, ରତ୍ନ ଭୂଷଣ ପୃଷେଠ ଓ ପ୍ରଶାନ୍ତ କୁମାର ପାଟ୍ଟଯୋଶୀ ଦାୟିତ୍ୱ ତୁଲାଇଥିଲେ। ତାପସ ଦାସ, ଅଶୋକ ମିଶ୍ର, କଳ୍ପନା ମିଶ୍ର, ପ୍ରମୋଦ ପଟ୍ଟନାୟକ, ରାମାନୁଜ ପଣ୍ଡା ଓ ପ୍ରଦ୍ୟୋତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ସମ୍ବଲପୁରୀ ବସ୍ତ୍ରାଳୟ କର୍ମଚାରୀ ସଂଘ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା

ବରଗଡ,(ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ବରଗଡ ସ୍ଥିତ ସମ୍ବଲପୁରୀ ବସ୍ତ୍ରାଳୟର ରଙ୍ଗ ଘର ପରିସରରେ ସମ୍ବଲପୁରୀ ବସ୍ତ୍ରାଳୟର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ଭବ୍ୟ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବସ୍ତ୍ରାଳୟ କର୍ମଚାରୀ ସଂଘର ସଭାପତି ବିଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମିତିର ସଭାପତି ସମ୍ବିତ ଆଚାର୍ଯ୍ୟ, ସଂପାଦକ ଶରଣ ଲାଲ୍ ସିଂ ଓ ପୂର୍ବତନ ମାର୍କେଟିଙ୍ଗ ଅଫିସର ହେମନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ କର୍ମଚାରୀ ସଂଘ ର ସମ୍ପାଦକ ସୁନୀଲ ପଟ୍ଟନାୟକ। ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଡିଏ ଚାକିରି କାଳ ସମୟ ସୀମା ମଧ୍ୟରେ ବୃଦ୍ଧି ପାଇ ନ ଥିବାରୁ ସମସ୍ତ କର୍ମଚାରୀ ମାନଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଏହି ଡିଏ ନିଶ୍ଚିତ ଦିଆଯିବ ବୋଲି ସମସ୍ତ କର୍ମଚାରୀ ମାନଙ୍କ ସମ୍ମୁଖରେ ସଭାପତି ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିବାରୁ କର୍ମଚାରୀ ମାନଙ୍କ କରତାଳିରେ ସଭାସ୍ଥଳୀ ପ୍ରକମ୍ପିତ ହୋଇଥିଲା। ଅବସରପ୍ରାପ୍ତ ଅବସର ଗ୍ରହଣ କରିଥିବା କର୍ମଚାରୀ ମାନେ ହେଲେ ଦିଲ୍ଲୀପ ଭୋଇ, ଚିତ୍ତରଞ୍ଜନ ଦାସ, ଦେବେନ୍ଦ୍ର ଭୋଇ, ପ୍ରଦୀପ୍ତ ରାଉତ, ବିଶ୍ୱନାଥ ପ୍ରଧାନ, ଅନନ୍ତ ରାମ ପଟ୍ଟନାୟକ, ଅଶ୍ୱିନୀ ମେହେର ଓ ଶୁକଦେବ ପୋଢ଼। ସଭା ଶେଷରେ ସଂଘର ସମ୍ପାଦକ ସୁନୀଲ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କେମିତି ଚାଲିଛି ପ୍ରସୂତି ଓ ଶିଶୁ ସୁରକ୍ଷା !

# ତିନି ବର୍ଷରେ ୨୬୧୧ଙ୍କ ମୃତ୍ୟୁ

ସୁନ୍ଦରଗଡ଼,(ସବ୍ୟୁ): ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲ୍ଲାରେ ମାତୃମୃତ୍ୟୁ, ନବଜାତ ଶିଶୁ ମୃତ୍ୟୁ ଓ ମୃତ ଶିଶୁ ଜନ୍ମ ତଥା ଗର୍ଭରେ ମୃତ୍ୟୁ (ଷ୍ଟିଲ୍ଲବର୍ଥ) ହାର ଉଦ୍‌ବେଗଜନକ । ବିଶେଷକରି ମୃତ ଶିଶୁ ଜନ୍ମହାର ଚିନ୍ତାଜନକ। ଗତ ତିନି ବର୍ଷରେ ଜିଲ୍ଲାରେ ୧୬୫୩ ଜଣ ମୃତ ଶିଶୁ ଜନ୍ମପରେ ତଥା ଗର୍ଭରେ ହିଁ ପ୍ରାଣହରାଇଛନ୍ତି। ରାଜ୍ୟ ଓ ଆଞ୍ଚଳିକସ୍ତରରେ ବିଭିନ୍ନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା, ସାମାଜିକ-ଅର୍ଥନୈତିକ ସମସ୍ୟା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ ଓ ପ୍ରସୂତିଙ୍କ ମଧ୍ୟରେ ପୁଷ୍ଟିହୀନତା, ଏହି ସଙ୍କଟର ମୁଖ୍ୟକାରଣ ପାଲଟିଛି। ମିଳିଥିବା ତଥ୍ୟ ଅନୁସାରେ ଜନ୍ମିତ ନବଜାତ ମୃତ୍ୟୁ ୮୩୮, ୧୬୫୩ ମୃତ ଶିଶୁ ଜନ୍ମ ନେଇଛନ୍ତି । ଗତ ତିନି ବର୍ଷ, ଅର୍ଥାତ୍ ୨୦୨୨-୨୩, ୨୦୨୩-୨୪ ଓ ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ଢେର୍ ଅଧିକ ରହିଛି। ଗତ ୨୦୨୪-୨୫ରେ ୫୧୭ ଜଣଙ୍କ ଗର୍ଭରେ ତଥା ମୃତ ଶିଶୁ ଜନ୍ମଗ୍ରହଣ କରିଥିବାବେଳେ ୨୦୨୩-୨୪ରେ ୫୪୮ ଓ ୨୦୨୨-୨୩ରେ ମୃତ୍ୟୁସଂଖ୍ୟା ୫୮୮ ରହିଥିଲା। ଅର୍ଥାତ ଗତ ତିନି ବର୍ଷର ଏହି ପରିସଂଖ୍ୟାନକୁ ଦେଖିଲେ, ଜିଲ୍ଲାରେ ପ୍ରାୟ ପ୍ରତ୍ୟେକ ଦେଢ ଦିନରେ ଜଣେ ମୃତ ଶିଶୁ ଜନ୍ମ ନେଉଛନ୍ତି କିମ୍ବା ଗର୍ଭରେ ପ୍ରାଣ ହାରୁଛନ୍ତି। ତେବେ, କେବଳ ମୃତ ଶିଶୁଙ୍କ ଜନ୍ମସଂଖ୍ୟା ନୁହେଁ ବରଂ ନବଜାତ ଶିଶୁ ମୃତ୍ୟୁହାର ମଧ୍ୟ ଢେର୍ ଉଚ୍ଚରେ। ଗତ ତିନିବର୍ଷରେ ମୋଟ୍ ୮୩୮ ଜଣ ନବଜାତଙ୍କ ମୃତ୍ୟୁ ଘଟିଛି। ଗତ ୨୦୨୪-୨୫ରେ ମୃତ୍ୟୁସଂଖ୍ୟା ୨୪୩ ଥିବାବେଳେ ୨୦୨୩-୨୪ରେ ୨୯୩ ଓ ୨୦୨୨-୨୩ରେ ୩୦୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ବ୍ୟତୀତ, ଗତ ତିନି ବର୍ଷରେ ମୋଟ୍ ୧୨୦ ଜଣ ପ୍ରସୂତିଙ୍କ ଅକାଳ ବିୟୋଗ ଘଟିଛି। ଗତ ୨୦୨୪-୨୫ରେ ୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୩-୨୪ରେ ୪୯ ଓ ୨୦୨୨-୨୩ରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିଲା।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ପ୍ରସୂତିଙ୍କ ମଧ୍ୟରେ ରକ୍ତହୀନତା, ନବଜାତ ଶିଶୁଙ୍କ ଓଜନ କମ୍ ରହିବା, ଜନ୍ମ ସମୟରେ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଯିବା କାରଣରୁ ଶିଶୁ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ଏହାସହ ଠିକ୍ ସମୟରେ ପ୍ରସୂତି ପହଞ୍ଚି ନ ପାରିବା, ପ୍ରସବ ପରବର୍ତ୍ତୀ ଜଟିଳତା ପାଇଁ ଉନ୍ନତ ଚିକିତ୍ସାର ଅଭାବ, ଆମ୍ବୁଲାନ୍ସ ପହଞ୍ଚିବାରେ ଅତ୍ୟଧିକ ବିଳମ୍ବ ଆଦି ଅନ୍ୟତମ କାରଣ ପାଲଟିଛି। ଯଦିଓ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର 'ମାତୃଜ୍ୟୋତି' ଭଳି ପ୍ରମୁଖ ଯୋଜନା ମାଧ୍ୟମରେ ମାଗଣା ପ୍ରସବପୂର୍ବ ସ୍କାନିଂ ଓ ଚିକିତ୍ସା ବ୍ୟବସ୍ଥା ରହିଛି, କିନ୍ତୁ ତୃଣମୂଳସ୍ତରରେ ଏହାର ସଠିକ୍ କାର୍ଯ୍ୟକାରିତା ହେଉନଥିବାର ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।

## ଅଧ୍ୟାପିକା ବାସନ୍ତୀ ସାହୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନର୍ଲା,(ସବ୍ୟୁ): ମେ ୩୦ ତାରିଖ ଶନିବାର ଦିନ ପୂର୍ବାହ୍ନ ଏଗାର ଘଣ୍ଟା ସମୟରେ ନର୍ଲା ସ୍ଥିତ ଯୁକ୍ତ ତିନି କଳା ବିଜ୍ଞାନ କଲେଜ ପରସିରରେ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜ୍ ଅଧକ୍ଷ ସୁଶାନ୍ତ କୁମାର ସାହୁ ଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ୍ ପ୍ରତିଷ୍ଠାତା ଅଶୋକ କୁମାର ଚାନ୍ଦ ଓ ପୂର୍ବତନ ସରପଞ୍ଚ ଅନି ବିଶ୍ୱାଲ୍ ମଞ୍ଚାସିନ ହୋଇଥିଲେ । ଦୀର୍ଘ ବର୍ଷ ଧରି ଯୁକ୍ତ ତିନି କଲେଜ ପାଇଁ ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ ଅହରହ ଚିନ୍ତନ କରିଥିବା ଓ ଅନେକ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଭବିଶ୍ୟତ ଗଠନରେ ମାର୍ଗ ଦର୍ଶକ ଦେଇଥିବା ଶ୍ରୀମତୀ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ବିଦାୟ ଦିଆଯାଇଥିଲା । ସେହିପରି ବରିଷ୍ଠ କିରାଣୀ ସନ୍ତୋଷ ନାୟକଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା । କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ଚାନ୍ଦ, ରାଜେଶ ଚାନ୍ଦ ଦିପୁ ପାତ୍ର ସହିତ ଅନେକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ନାଗାବଳୀରେ ବେଆଇନ ଆଡ଼ିବନ୍ଧ

# ଚୁକ୍ତି ସର୍ତ୍ତ ଉଲ୍ଲଂଘନ, ଜଳସେଚନ ବିଭାଗ ନୀରବ

ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲାର ନାଗାବଳୀ ନଦୀ ଉପରେ ଜେକେ କାଗଜକଳ ପକ୍ଷରୁ ନିର୍ମିତ ଆଡିବନ୍ଧକୁ କେନ୍ଦ୍ର କରି ବିବାଦ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଖରାଦିନରେ ଲକ୍ଷାଧିକ ଲୋକ ପାଣି ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ଏହି ପ୍ରସଙ୍ଗରେ ଜଳସେଚନ ବିଭାଗର ନୀରବତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ରାୟଗଡା ଓ ହରଭାଙ୍ଗି ଡିଭିଜନ ମଧ୍ୟରେ ତାଳମେଳର ଅଭାବ ଥିବା ଯୋଗୁଁ ଫାଇଦା ନେଉଛି ଜେକେ କାଗଜକଳ। ସୂଚନା ଅନୁସାରେ ଜେକେ କାଗଜକଳ ଏବଂ ହରଭାଙ୍ଗି ଜଳସେଚନ ପ୍ରକଳ୍ପ ମଧ୍ୟରେ ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି କାରଖାନାର ଉପସଭାପତି ବିନୟ ଦ୍ୱିବେଦୀ ଏବଂ ସରକାରଙ୍କ ପକ୍ଷରୁ ଗଜପତି ଜିଲ୍ଲା ଅଡବାସ୍ଥିତ ହରଭାଙ୍ଗି ଜଳସେଚନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ମଧ୍ୟରେ ସମ୍ପାଦିତ ହୋଇଥିଲା। ତେବେ ଚୁକ୍ତି ସ୍ୱାକ୍ଷର କରିବା ପରେ ଚୁକ୍ତି ପତ୍ରରେ ଜନସାଧାରଣଙ୍କ ପାଇଁ ରହିଥିବା ସମସ୍ତ ନିୟମାବଳୀକୁ ବିଭାଗୀୟ ଅଧୀକାରୀ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଛନ୍ତି । ଜେକେ କାରଖାନାର କ୍ଷମତା ଆଗରେ ସରକାରୀ ବାବୁ ମାନେ ଚୁପ ହୋଇ ବସିପଡିଛନ୍ତି। ଏହି ଚୁକ୍ତିର ସର୍ତ୍ତ ନମ୍ବର-୧୦ ଅନୁଯାୟୀ, କାରଖାନା ପାଣି ଉଠାଇପାରିବ କିନ୍ତୁ ନଦୀର ସାଧାରଣ ଜଳପ୍ରବାହକୁ ଅଟକାଇ ପାରିବେ ନାହିଁ। ଏଥିସହ ନଦୀର ତଳମୁଣ୍ଡ ଅଞ୍ଚଳର ଲୋକଙ୍କ ଜଳ ବ୍ୟବହାର ଅଧିକାର କୌଣସି ପ୍ରକାରେ ପ୍ରଭାବିତ ହେବ ନାହିଁ। ଚୁକ୍ତି କରିବା ପରେ କାରଖାନ କର୍ତ୍ତୃପକ୍ଷ କୌଣସି ଦାବୀ କରିପାରିବେ ନାହିଁ । ଏଭଳି ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି। ତଥାପି ଆଡିବନ୍ଧ ଯୋଗୁଁ ତଳପ୍ରବାହ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇଥିବା ଅନେକ ଥର ଅଭିଯୋଗ ହେଉଛି। ସେହିପରି ସର୍ତ୍ତ ନମ୍ବର-୧୧ରେ ଶିଳ୍ପ ପ୍ରତିଷ୍ଠାନ ଯେତେବେଳେ କଞ୍ଚା ପାଣି ଗ୍ରହଣ କରିବ ଏବଂ ବର୍ଜ୍ୟ ବା ନିର୍ଗତ ପଦାର୍ଥ ନିଷ୍କାସନ କରିବ, ସେଥିପାଇଁ ଏମିତି ଏକ ବ୍ୟବସ୍ଥା (ପାଇପଲାଇନ୍, ଡ୍ରେନେଜ୍, ଚ୍ୟାନେଲ୍ ଇତ୍ୟାଦି) ତିଆରି କରାଯିବ ଯାହା ଫଳରେ ସ୍ଥାନୀୟ ପ୍ରକୃତି, ଜଳଜୀବ, ବନସ୍ପତି, ପରିବେଶର ସନ୍ତୁଳନ ଏବଂ




ଅନ୍ୟାନ୍ୟ ପରିବେଶୀୟ ବ୍ୟବସ୍ଥା କୌଣସି କ୍ଷତି କିମ୍ବା ବାଧାର ସମ୍ମୁଖୀନ ହେବ ନାହିଁ। ଅର୍ଥାତ ଶିଳ୍ପର ଜଳ ଗ୍ରହଣ ଓ ବର୍ଜ୍ୟଜଳ ନିଷ୍କାସନ କାର୍ଯ୍ୟ ପରିବେଶ-ବନ୍ଧୁ ଉପାୟରେ କରାଯିବ। ଯାହା ପ୍ରାକୃତିକ ଇକୋସିଷ୍ଟମକୁ ପ୍ରଭାବିତ କରିବ ନାହିଁ। କିନ୍ତୁ ବର୍ଷବର୍ଷ ଧରି ଏହି ନିୟମଗୁଡ଼ିକର ଉଲ୍ଲଂଘନ ହେଉଥିବା ଅଭିଯୋଗ ଉଠୁଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଅଭିଯୋଗ ଅନୁସାରେ ରାୟଗଡା ଜିଲ୍ଲାରେ ନଦୀ ଥିବା ସତ୍ତ୍ୱେ ଏହା ସମ୍ବନ୍ଧୀୟ ସମସ୍ତ ନଥିପତ୍ର ଗଜପତି ଜିଲ୍ଲା ହରଭାଙ୍ଗି ଡିଭିଜନରେ ରହିଛି। ଫଳରେ ଉଭୟ ଡିଭିଜନ ମଧ୍ୟରେ ଦାୟିତ୍ୱ ନେଇ ସ୍ପଷ୍ଟତାର ଅଭାବ ଦେଖାଦେଇଛି। ଏନେଇ ରାୟଗଡା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ନାରାୟଣ କଶ୍ୟପ କହିଛନ୍ତି ଯେ ଚୁକ୍ତିନାମା ଓ ଜଳକର ସମ୍ପର୍କିତ କୌଣସି ସୂଚନା ତାଙ୍କ କାର୍ଯ୍ୟାଳୟରେ ନାହିଁ। ସେ ଏହି ବିଷୟର ଦାୟିତ୍ୱ ହରଭାଙ୍ଗି ଡିଭିଜନ ଉପରେ ଛାଡ଼ି ଦେଇଛନ୍ତି। ତେବେ ପାଣି ସମସ୍ୟା ନେଇ ଲୋକେ ଦୀର୍ଘଦିନ ଧରି ଅଭିଯୋଗ କରୁଥିବା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ଘଟଣାସ୍ଥଳ ପରିଦର୍ଶନ କରିନଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି। ଅଧିକ୍ଷଣ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ଘଟଣାସ୍ଥଳ ପରିଦର୍ଶନ ପରେ ସେ ନିଜର ପ୍ରତିକ୍ରିୟା ଦେବେ। କିନ୍ତୁ ଘନଘନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାର ଏକ ମାସ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥିତିରେ ସମୀକ୍ଷା ନ କରାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଆଡିବନ୍ଧ ଯୋଗୁଁ ନଦୀର ତଳମୁଣ୍ଡ ଅଞ୍ଚଳରେ ଜଳ ସଙ୍କଟ ସୃଷ୍ଟି ହେଉଥିବାର ନିରପେକ୍ଷ ତଦନ୍ତ କରାଯାଇ ଚୁକ୍ତି ସର୍ତ୍ତାବଳୀର ପାଳନ ସୁନିଶ୍ଚିତ କରାଯାଉ। ଜନସ୍ୱାର୍ଥ ସହ ଜଡ଼ିତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପ୍ରଶାସନ ଓ ଜଳସେଚନ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

## ଅଶୋକ ଚନ୍ଦନ ସ୍ମୃତି ସମାରୋହ ପାଳିତ



ବଲାଙ୍ଗିର,(ସବ୍ୟୁ) : ଜିଲ୍ଲା ଲେଖକ ପରିଷଦ, ବଲାଙ୍ଗିର ଓ ଅଶୋକ ଚନ୍ଦନ ସ୍ମୃତି ପରିଷଦ ମିଳିତ ସହଯୋଗରେ ପାଟଣାଗଡ଼ ଓମ୍ କଲ୍ୟାଣ ମଣ୍ଡପ ଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଆଇନଜୀବୀ ଆଶିଷ କୁମାର ଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ ଓ ଲେଖକ ପରିଷଦର ସମ୍ପାଦକ କବି ସୁଶାନ୍ତ ବାଗ ପ୍ରାରମ୍ଭିକ ମାତୃ ବନ୍ଦନା ଗାନ କରିଥିଲେ । ସଂଯୁକ୍ତା ଚନ୍ଦନ ମଂଚ ପରିଚାଳନା କରିଥିଲେ । ପ୍ରଥମ ଅଧିବେଶନରେ ସଭା ମୁଖ୍ୟ ଭାବରେ ଡଃ. ଜୟକୁମାର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଡଃ. ସୁଜିତ କୁମାର ପୃଷେଠଙ୍କ ସମେତ କବି ଭିକାରି ଚରଣ ମିଶ୍ର, ସ୍ଥପତି ଅନ୍ତର୍ଯ୍ୟାମୀ ମେହେର, କବି ଭାଗିରଥି ମିଶ୍ର ଓ ମୁଖ୍ୟ ଟ୍ରଷ୍ଟି ଅନୂପ କୁମାର ଚନ୍ଦନ ମଞ୍ଚାସୀନ ହୋଇ ସ୍ୱର୍ଗତ ସାହିତ୍ୟିକ ଅଶୋକଙ୍କୁ ଭାବବିହ୍ୱଳ ହୋଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ୍ ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରଂଗାରଂଗ କବିତା ଆସରରେ ନାରାୟଣ ମିଶ୍ର, ଦିଲିପ କୁମାର ପଶାୟତ, ସୁଶ୍ରୀ ସଂଯୁକ୍ତା ପରିଛା, ଶିବ ପ୍ରସାଦ ସା ଓ ଅର୍ଜୁନ କୁମାର ସାହୁ ଙ୍କ ସହିତ କବି ସୁଶାନ୍ତ ବାଗ ମଞ୍ଚାସୀନ ଥିଲେ । ଚିତ୍ରଶିଳ୍ପୀ ଲିନା ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ଆର୍ଥିକ ଅନୁଦାନ ମଧ୍ୟ ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମରେ କବି ନିସାର ଅହମ୍ମଦ (ମଣ୍ଟୁ) ବାଦ୍ୟଯନ୍ତ୍ରରେ ସହଭାଗିତା କରି କାର୍ଯ୍ୟକ୍ରମକୁ ସରସ ଓ ମନଲୋଭା କରି ଧରି ରଖିଥିଲେ । ଶେଷରେ ଉଦ୍ୟୋକ୍ତା ଆଶିଷ କୁମାର ଚନ୍ଦନ ଧନ୍ୟବାଦ ଦେଇଥିଲେ। ସମାରୋହରେ ପ୍ରାୟ ୫୦ ସରିକି କବି କବିତା ପାଠ କରିଥିବାବେଳେ ପାଖାପାଖି ତିନିଶହ ରୁ ଉର୍ଦ୍ଧ୍ୱ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ।

## ଟାଉନ ଥାନା ସମ୍ମୁଖରେ ଜଳିଗଲା କାର୍
# ଡାକ୍ତରଖାନାରେ ଚାଲିଗଲା ଚାଳକଙ୍କ ଜୀବନ

ସୁନ୍ଦରଗଡ଼,(ସବ୍ୟୁ): ରବିବାର ବିଳମ୍ବିତ ରାତିରେ ଟାଉନ ଥାନା ସମ୍ମୁଖରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳି ଛାରଖାର ହୋଇ ଯାଇଛି। ଗାଡ଼ି ଚାଳକଙ୍କୁ ନିଆଁ ଭିତରୁ ପୁଲିସ ଟାଣି ବାହାର କରିଥିବା ବେଳେ ଦୁର୍ଘଟଣାରେ ତାଙ୍କ ହାତ ଛିଣ୍ଡି ଯାଇଛି। ଆହତ ଯୁବକ ହେଲେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଗିରିଙ୍ଗକେଲାର ଆନନ୍ଦ ଭୋଇ (୨୮)। ସେ ସୁନ୍ଦରଗଡ଼ ବଡ଼ ଡାକ୍ତରଖାନାରେ ଅସୁସ୍ଥ ଜେଜେ ଘିନୁ ଭୋଇଙ୍କୁ ଭର୍ତ୍ତି କରି ଦ୍ରୁତଗତିରେ ଫେରୁଥିବାବେଳେ ଟାଉନ ଥାନା ସମ୍ମୁଖ ହମ୍ପରେ ଡିଆଁ ମାରି ଡିଭାଇଡରରେ ପିଟି ହୋଇ ରାସ୍ତା ପାର୍ଶ୍ୱ ଲୁହା ବ୍ୟାରିକେଡରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦେଖୁ ଦେଖୁ ଗାଡ଼ିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳି ଯାଇଥିଲା। ଏହି ସମୟରେ ଥାନାରେ ଉପସ୍ଥିତ ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର, ଟାଉନ ଥାନା ଅଧିକାରୀ ସୁଶାନ୍ତ ପରିଡ଼ା ଓ ପୁଲିସ ଦୌଡ଼ି ଯାଇ ଯୁବକଙ୍କ ଟାଣି ଉଦ୍ଧାର କରିଥିଲେ। ଧକ୍କାରେ ତାଙ୍କ ହାତ ଛିଣ୍ଡି ଯାଇଥିଲା। ପରେ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ସେତେବେଳକୁ ଗାଡ଼ି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଗୁରୁତରଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଯୁବକ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ମୃତକ ଆନନ୍ଦ ଭୋଇ (୨୮)। ଗତବର୍ଷ ସେ ବିବାହ କରିଥିଲେ। ଡାକ୍ତରଖାନାରେ ମା ଘନେଶ୍ୱରୀଙ୍କ ଡାଏଲିସିସ ଚାଲିଥିଲା। ବାପା ସୀତାରାମ ବି ଡାକ୍ତରଖାନାରେ ଥିଲେ। ମାଙ୍କୁ ଦେଖି ଆନନ୍ଦ ଫେରୁଥିଲେ ।

# ମେଗାଲିଫ୍ଟ ଚାଷୀଙ୍କ ଟୋକନ ଆସିବ : ବିଧାୟକ

କୋକସରା,(ସବ୍ୟୁ): ସୋମବାର ଧର୍ମଗଡ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ଜିଲ୍ଲା ଉନ୍ନୟନ ପରିଷଦ ଅଧକ୍ଷ ବିଜୟ ଦିଶାରୀ, ଜିଲ୍ଲା ସମ୍ପାଦକ ହିମାଂଶୁ ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦିନେଶ କୁମାର ରାଉତ, ଜିଲ୍ଲା ଅନୁସୂଚିତ ଜନଜାତି ସଭାପତି ତ୍ରିନାଥ ଶବର ପ୍ରମୁଖ କୋକସରା ବ୍ଲକର ଡ଼ହଗାଁ, ଫୁପଗାଁ, ଡଙ୍ଗରିଗୁଡା ଓ ଓଲମା ଗ୍ରାମରେ କୃଷକ ସମ୍ପର୍କ ଅଭିଯାନରେ ଯୋଗ ଦେଇଥିଲେ । ମେଗାଲିଫ୍ଟ ଅଞ୍ଚଳର ଚାଷୀଙ୍କ ଚଳିତ ରବି ଧାନ ବିକ୍ରି ପାଇଁ ରହିଥିବା ଟୋକନ ସମସ୍ୟା ନେଇ ସ୍ପଷ୍ଟୀକରଣ ରଖିବା ସହ ରବିଧାନ ସରକାର ନିଶ୍ଚୟ କ୍ରୟ କରିବେ ଓ ସେଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଛନ୍ତି । ରାଜ୍ୟ ସରକାର ମେଗାଲିଫ୍ଟ ଅଞ୍ଚଳର ଚାଷିଙ୍କ ପାଇଁ ଯତ୍ନବାନ ଅଛନ୍ତି। ମେଗାଲିଫ୍ଟ ଅଞ୍ଚଳର ଚାଷି ପଞ୍ଜିକରଣରୁ ବଞ୍ଚିତ ହେବାପରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ସାଂସଦ ବସନ୍ତ ପଣ୍ଡା ଓ ମୁଁ ନିଜେ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ମନମୋହନ ସାମଲ ସମେତ



ବିଭାଗୀୟ ମନ୍ତ୍ରୀ, ସଚିବ, ଅଧିକାରୀଙ୍କ ସହ ଚାଷିଙ୍କ ପଞ୍ଜିକରଣ ଓ ଧାନ ବିକ୍ରି ସମସ୍ୟା ନେଇ ଆଲୋଚନା କରି ସମସ୍ୟାର ସମାଧାନ କରାଯାଇଛି ବୋଲି ବିଧାୟକ ଶ୍ରୀ ପଟ୍ଟଯୋଷୀ କହିଛନ୍ତି। ଚାଷିଙ୍କ ପ୍ରଗତି ଓ ଉନ୍ନତି ପାଇଁ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଦୃଢ଼ ସଂକଳ୍ପବଦ୍ଧ, ମେଗାଲିଫ୍ଟ ଚାଷିଙ୍କ ରବି ଧାନ ବିକ୍ରି ସରକାରୀ ସ୍ତରରେ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ଆସନ୍ତା କିଛିଦିନ ମଧ୍ୟରେ ଚାଷୀଙ୍କ ଟୋକନ ପେକ୍ସ ଜରିଆରେ ପଞ୍ଜିକୃତ ହେବ ବୋଲି ଦୃଢତାର ସହ କୃଷକ ସମ୍ପର୍କ ଅଭିଯାନରେ ସ୍ପଷ୍ଟୀକରଣ ରଖିଛନ୍ତି ଧର୍ମଗଡ ବିଧାୟକ ଶ୍ରୀ ପଟ୍ଟଯୋଶୀ।

# ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା



ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ହୀରାପୁର କ୍ଲଷ୍ଟର ତରଫରୁ କପୂରମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ହୀରାପୁର କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତାପସ ରଂଜନପଣ୍ଡାଙ୍କ ଆବାହକତ୍ୱରେ କ୍ଲଷ୍ଟରସ୍ତରୀୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାକୁ

ସି ଆରସିସି ଶ୍ରୀ ପଣ୍ଡା ସଭାପତିତ୍ୱକରିଥିବା ବେଳେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଅଧିକାରୀ ମାଧବ ଚନ୍ଦ୍ର ପଣ୍ଡା, ସମ୍ମାନୀୟ ଅତିଥିଭାବେ ପୂର୍ବତନ ଏ. ବି. ଇ. ଓ ସୁରେନ୍ଦ୍ର ମୋହନ ଯୋଶୀ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଲଳିତ କୁମାର ନାଏକ, ସାମ୍ବାଦିକ ଅର୍ଜୁନ ପଟ୍ଟନାଏକ, ଅସରଫ ଅଲ୍ଲୀ, ସମାଜସେବୀ ଦିଲ୍ଲୀପ ବେହେରା, ଯୋଗ ଦେଇଥିଲେ।

## କୃଷିର ବିକାଶ ଓ ଜୈବିକ ଚାଷ ଉପରେ ଗୁରୁତ୍ୱ

ନୂଆପଡ଼ା,(ସବ୍ୟୁ): ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାମିଲ ହୋଇଥିଲେ । ଚାଷ ଓ ଚାଷୀଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସମର୍ପିତ ବୋଲି ଏହି ଅବସରରେ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ପାଢ଼ୀ କହିଛନ୍ତି ଯେ, ନୂଆପଡ଼ା ଜିଲ୍ଲାରେ କୃଷିର ଉନ୍ନତି ପାଇଁ ବହୁତ ବଡ଼ ସମ୍ଭାବନା ରହିଛି। ଏଠାକାର ଚାଷୀମାନେ କେବଳ ପାରମ୍ପରିକ ଧାନ ଚାଷ ମଧ୍ୟରେ ସୀମିତ ନରହି ଆଧୁନିକ ତଥା ଉନ୍ନତ ପ୍ରଣାଳୀରେ କୁକୁଡ଼ା ପାଳନ, ମାଛ ଚାଷ ଏବଂ ଆମ୍ବ ବଗିଚା ଭଳି ପଦକ୍ଷେପ ଆପଣାଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଚାଷୀଙ୍କୁ ବ୍ୟାପକ ଭାବେ 'ଜୈବିକ ଚାଷ' ପ୍ରତି ଉତ୍ସାହିତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ଜଳାଭାବ ଯୋଗୁଁ ଚାଷ ଉଜୁଡ଼ିଯିବା ସମ୍ପର୍କରେ ସାମ୍ବାଦିକମାନେ ପ୍ରଶ୍ନ କରିବାରୁ, ଶ୍ରୀ ପାଢ଼ୀ କହିଥିଲେ ଯେ ଏହି ସମସ୍ୟା ବାବଦରେ ପୂର୍ବରୁ ତାଙ୍କ ପାଖରେ ସୂଚନା ନଥିଲା। ମାତ୍ର ନୂଆପଡ଼ା ଗସ୍ତରେ ଆସିବା ପରେ ହିଁ ସେ ଏହି ସମ୍ବେଦନଶୀଳ ସମସ୍ୟା ବିଷୟରେ ଅବଗତ ହୋଇଛନ୍ତି। ଆର୍ତ୍ତବନ୍ଧୁ ପୃଷ୍ଟି ରାଜ୍ୟ ସାଧାରଣ ସମ୍ପାଦକ, କୃଷକ ମୋର୍ଚ୍ଚା, ଦିବ୍ୟକିଶୋର ଭୋଇ ରାଜ୍ୟ ସମ୍ପାଦକ, ଅଭିନନ୍ଦନ ପଣ୍ଡା ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ,ଗୋବିନ୍ଦ ପ୍ରଧାନ ଜୟଜଘା ମଣ୍ଡଳ ସଭାପତି, ସୁନୀଲ ସାହୁ କୋନାବିରା ମଣ୍ଡଳ ସଭାପତି,ସଦାନନ୍ଦ ଯୋଷୀ ନୂଆପଡ଼ା ସଦର ଏନଏସି ମଣ୍ଡଳ ସଭାପତି, ମୁକେଶ ଚନ୍ଦ୍ରକାର ବିଶିଷ୍ଟ ଚାଷୀ, ମୁରଲୀ ସୁନା ଓ ଲଳିତ ଶବର ବରିଷ୍ଠ ନେତା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସେନ୍ଟନାରୀ ହଲରେ ଜିଲ୍ଲାସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା ଜାତୀୟ ସ୍ତରୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ସମ୍ମାନୀୟ ଅତିଥି ସବ୍ ଡିଭିଜନାଲ୍ ପୋଲିସ ଅଫିସର ସରୋଜ ଉପାଧ୍ୟାୟ ଓ ଓଡିଶା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ମନମୋହନ ଭଞ୍ଜ ଯୋଗଦାନ କରି କୃତି ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ୍ ସହ ପୁରସ୍କୃତ କରିଥିଲେ ।

ଆଜି ଦିନରେ ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବା ଅତ୍ୟନ୍ତ ଜରୁରୀ ଯାହାକି ଟାଇକଣ୍ଡୋର ଏହା ଏକ ଅଂଶ ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା କହିଥିବା ବେଳେ ପୋଲିସ ବିଭାଗର ଟ୍ରେନିଂ ସମୟରେ ଶାରିରୀକ ଖେଳକୁ ଅଧିକ ପ୍ରାଧାନ୍ୟ ଦିଆ ଯାଇଥାଏ ବୋଲି ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ । ମାନସିକ ସ୍ତରରେ ଓ ଶାରିରୀକ ସ୍ତରରେ ବିକାଶ ଆଣିବାକୁ କ୍ରୀଡାର ଅବଶ୍ୟକତା ରହିଥିବା କୋଚ୍ ଅସୀମ ଭୋଇ କହିଛନ୍ତି ।ଏଥିରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ କୋଣରୁ ଶତାଧିକ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ଆନନ୍ଦ ପଟ୍ଟଜି, ଭୁବନେଶ୍ୱର ଭୋଇ ଓ ପ୍ରଫୁଲ୍ଲ ପଧାନ ସହଯୋଗ କରିଥିଲେ ।

# ପଥର ଖଣି ବିସ୍ଫୋରଣ ଯୋଜନା ପଣ୍ଡ, ୩ ଗିରଫ

ସୋନପୁର/ତରଭା,(ସବ୍ୟୁ): ସ୍ୱାର୍ଥବାଦୀ ମଣିଷ ଲୋଭରେ ବଶବର୍ତ୍ତି ହୋଇ ପ୍ରକୃତିର ବିନାଶ କରୁଛି । ଶହଶହ ବର୍ଷ ଧରି ନିରବରେ ଛିଡ଼ା ହୋଇଥିବା ପଥର ଖାଦାନକୁ ଧ୍ୱଂଶ କରାଯାଉଛି। ମୂଲ୍ୟବାନ ଖଣିକୁ ଚାଲାଣ କରାଯାଇ ଅର୍ଥ ଉପାର୍ଜନ କରାଯାଉଛି। ବିକଟାଳ ଶବ୍ଦରେ ଧରିତ୍ରୀ କାନ୍ଦୁଛି। ସ୍ଥାନୀୟ ଲୋକ ବିରୋଧ କଲେ ମଧ କେହି ଶୁଣିବାକୁ ନାହାନ୍ତି। ସୁବର୍ଣ୍ଣପୁରଜିଲ୍ଲା ତରଭା ଥାନା ପୁଲିସ ଦୁଇ ବିସ୍ଫୋରକ ଗାଡ଼ି ସହ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ବେଆଇନ ପଥର ଫଟାଉଥିବା ବେଳେ ତରଭା ଥାନା ଅନ୍ତର୍ଗତ ତାଳପଦର ନିକଟରେ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏହି ମାମଲାରେ ୩ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିକାଶ ପଧାନ, ଧ୍ରୁବଚରଣ ସାହୁ ଓ ସଚିନ୍ଦ୍ର ଭୋଇ। ତରଭା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ପଞ୍ଚାୟତ ତାଳପଦର ନିକଟରେ ଥିବା ଏକ ପଥର ଖାଦାନରେ କିଛି ଲୋକ ବେଆଇନ ବ୍ଲାଷ୍ଟିଂ କରୁଥିବା ନେଇ ପୁଲିସ ଖବର ପାଇଥିଲା। ଫଳରେ ସେଠାରେ ଅତର୍କିତ ଚଢ଼ାଉ କରି ୧୫ ବଣ୍ଡଲ ଡିଟୋନେଟର, ୨୫ କିଲୋ ବିଶିଷ୍ଟ ୨୨୫ ପ୍ୟାକେଟ ବାରୁଦ ସହିତ ଦୁଇଟି ବିସ୍ଫୋରକ ଥିବା ପିକଅପ୍ ଭ୍ୟାନ୍ ଜବତ କରିଛି।ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଦୁଇ ଡ୍ରାଇଭର ସମେତ ତିନି ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## କୁଚିଣ୍ଡା ପଞ୍ଚାୟତ ସମିତିରେ ଜନ ଅଭିଯୋଗ ଶୁଣାଣି

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବାଳିରାମ ବୋନ୍ଦର ଏବଂ କୁଚିଣ୍ଡା ଉପଜିଲ୍ଲାପାଳ ସନ୍ତନନ୍ ସ. ଯୋଗଦେଇ ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି କରିଥିଲେ । ଶିବିରରେ ମୋଟ ୯୮ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଯେଉଁଥିରେ ୬୮ ଟି ବ୍ୟକ୍ତିଗତ ଏବଂ ୩୦ ଟି ସାମୂହିକ/ଗୋଷ୍ଠୀଗତ ଅଭିଯୋଗ ସାମିଲ ଥିଲା। ଆସିଥିବା ସମସ୍ତ ସମସ୍ୟା ଗୁଡ଼ିକର ଶୀଘ୍ର ଏବଂ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅମ୍ବାଭୋନା ବ୍ଲକ୍‌ରେ କୃଷି ଅଧିକାରୀଙ୍କ ଅନୁପସ୍ଥିତି ନେଇ ଚାଷୀ ମହଲରେ ଅସନ୍ତୋଷ

ଅମ୍ବାଭୋନା,(ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କୃଷି ବିଭାଗରେ କୃଷି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଚାଷୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି। ସୋମବାର ଗଣମାଧ୍ୟମ ପ୍ରତିନିଧିମାନେ ତଥ୍ୟ ସଂଗ୍ରହ ପାଇଁ ଅମ୍ବାଭୋନା କୃଷି କାର୍ଯ୍ୟାଳୟକୁ ଯାଇଥିବା ବେଳେ କୃଷି ଅଧିକାରୀ ଉପସ୍ଥିତ ନଥିବା ଜଣାପଡ଼ିଥିଲା। ପରେ ତାଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇ ଥିବାରୁ ସେ ବରଗଡ଼ ଜିଲ୍ଲା କୃଷି କାର୍ଯ୍ୟାଳୟରେ ଥିବା ସୂଚନା ଦେଇଥିଲେ। ତେବେ ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଆବଶ୍ୟକ ସମୟରେ କୃଷି ଅଧିକାରୀଙ୍କୁ ଭେଟି ନିଜ ସମସ୍ୟା ଉପସ୍ଥାପନ କରିପାରୁ ନାହାନ୍ତି। ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସାର ବଣ୍ଟନ, ଫାର୍ମର ଆଇଡି, ବିଭିନ୍ନ ସରକାରୀ ଯୋଜନା ଓ ଚାଷ ସମ୍ପର୍କିତ ସମସ୍ୟା ନେଇ ସେମାନେ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଚାହୁଁଥିଲେ ମଧ୍ୟ ସେହି ସୁଯୋଗ ପାଉନାହାନ୍ତି। ଏନେଇ କାର୍ଯ୍ୟାଳୟରେ ଉପସ୍ଥିତ ସହକାରୀ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ ସଠିକ ତଥ୍ୟ ଦେବାରେ ଅସମର୍ଥ ହୋଇଥିଲେ। ତେବେ ସେ କହିଥିଲେ ଯେ ବାରମ୍ବାର ଜିଲ୍ଲା ସ୍ତରୀୟ ବୈଠକରେ ଯୋଗଦେବାକୁ ପଡୁଥିବା ବେଳେ ଏକାସାଙ୍ଗରେ ଅମ୍ବାଭୋନା ଓ ଭଟଲି ଦୁଇଟି ବ୍ଲକର ଦାୟିତ୍ୱ ସମ୍ଭାଳୁଥିବାରୁ ସମସ୍ତ କାର୍ଯ୍ୟରେ ପର୍ଯ୍ୟାପ୍ତ ସମୟ ଦେବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ବରଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ ବିଭାଗରେ ଆବଶ୍ୟକ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟରତ ଥିବା ବେଳେ ୬୦ ପ୍ରତିଶତ ପଦବୀ ଖାଲି ପଡ଼ିରହିଛି। ଏହି କର୍ମଚାରୀ ଅଭାବ ଯୋଗୁଁ ବିଭିନ୍ନ ବ୍ଲକରେ ସେବା ପ୍ରଦାନରେ ସମସ୍ୟା ଦେଖାଦେଉଛି। ତେଣୁ ଚାଷୀମାନେ କୃଷି ବିଭାଗରେ ଖାଲି ପଦବୀ ପୂରଣ ସହ ଅମ୍ବାଭୋନା ବ୍ଲକରେ ନିୟମିତ ଭାବେ କୃଷି ଅଧିକାରୀଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

# ରାୟଗଡାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡା, (ସବ୍ୟୁ): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ବିଭାଗୀୟ ବନ ଅଧିକାରୀ ସଚିନ ଆନ୍ନାସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ ମିଶ୍ର, ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୬୫ଟି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲା। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ, ୧୦ଟି ସାମୂହିକ ଏବଂ ୫ଟି ଅନ୍ୟାନ୍ୟ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶୁଣାଣୀ ସମୟରେ ୧୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇ ଶୀଘ୍ର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ରେଡ୍ କ୍ରସ ପାଣ୍ଠିରୁ ୫ ଜଣ ଆବେଦନକାରୀଙ୍କୁ ମୋଟ ୭୬ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ଶୁଣାଣୀ ଶିବିରରେ ଚାନ୍ଦିଲି ଥାନା ଅନ୍ତର୍ଗତ ଦୁନ୍ଦିଲୀ ଗ୍ରାମର ଏକ ସାମୂହିକ ଅଭିଯୋଗ ମଧ୍ୟ ଉଠିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗ୍ରାମର ଦୁଇଟି ପରିବାର ଧର୍ମ ପରିବର୍ତ୍ତନ କରିବା ପରେ ବିଭିନ୍ନ ସମୟରେ ସ୍ଥାନୀୟ ଲୋକଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ଭଳି କାର୍ଯ୍ୟ କରୁଥିବା ସହ ଅନ୍ୟମାନଙ୍କୁ ମଧ୍ୟ ସେହି ଧର୍ମରେ ସାମିଲ ହେବାକୁ ଚାପ ପକାଉଥିବା ଅଭିଯୋଗ କରାଯାଇଛି। ଏହି ଘଟଣାକୁ ନେଇ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମରେ ଶାନ୍ତି ବୈଠକ ଆୟୋଜନ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନଥିବା କୁହାଯାଇଛି। ଏହା ପ୍ରତିବାଦରେ ଗ୍ରାମର ୫୦୦ରୁ ଅଧିକ ଲୋକ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେଛ ଏନେଇ ଜିଲ୍ଲା ପ୍ରଶାସନ ପୁନର୍ବାର ଗ୍ରାମକୁ ଯାଇ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି ଶାନ୍ତି ଓ ସଦ୍ଭାବ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିବ ବୋଲି ସୂଚନା ଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ପୋଲିସ ମୁତୟନ କରାଯାଇଥିବା ମଧ୍ୟ ଜଣାପଡ଼ିଛି।

## ମୁରିବାହାଲରେ ପାନୀୟ ଜଳକଷ୍ଟ, ମହିଳାଙ୍କ ରାସ୍ତାରୋକ
# ସମିତି ସଭ୍ୟଙ୍କ ବ୍ଲକ୍ ସମ୍ମୁଖରେ ଆମରଣ ଅନଶନ

ମୁରିବାହାଲ,(ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହ,ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ଅଞ୍ଚଳର ସମସ୍ତ ଗ୍ରାମ। ଲାଗିରହିଛି ଉତ୍କଟ ପାନୀୟ ଜଳ ସଙ୍କଟ।ପିଇବା ପାଣି ମୁନ୍ଦିଏ ପାଇଁ ପ୍ରଶାସନକୁ ବାରମ୍ବାର ହାରି ଗୁହାରି ସତ୍ତ୍ୱେ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରିନଥିଲା । ଏହାରି ପ୍ରତିବାଦରେ ସୋମବାର ମୁରିବାହାଲ ସଦର ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ତାଙ୍କୁ ସମର୍ଥନ କରି ଗ୍ରାମର ଶତାଧିକ ମହିଳା ଗରାବାଲଟି ଧରି ବ୍ଲକ ସମ୍ମୁଖ ଦେଇ ଯାଇଥିବା ବଲାଙ୍ଗିର-



ବଙ୍ଗୋମୁଣ୍ଡା ମୁଖ୍ୟରାସ୍ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରି ରଖିଥିଲେ। ଘଟଣା ସ୍ଥଳକୁ ସମାଧାନ ପାଇଁ ପହଞ୍ଚିଥିବା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ଜେନା ଓ ରଜନୀକାନ୍ତ ବାଗ ଆନ୍ଦୋଳନକାରୀଙ୍କ ତୀବ୍ର ବିରୋଧର ସମ୍ମୁଖୀନ ସହ ହଟହଟା ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୫ଟାରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ବାସନ୍ତୀ ସେଠୀ, ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଜଗଦୀଶ କର୍ଣ୍ଣାମୀ, ସରପଞ୍ଚ ବିଶ୍ୱବିହାରୀ ଯୋଶୀ ଓ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ଓ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହି ଅନଶନ ଓ ରାସ୍ତାରୋକରେ ମୁରିବାହାଲ ପଞ୍ଚାୟତ ଅଞ୍ଚଳର ଶତାଧିକ ମହିଳା, ଯୁବଗୋଷ୍ଠୀ, ବିକାଶ ମଞ୍ଚ ସଭାପତି ଫାଲଗୁନି ହାତୀ, ଅମରେଶ ମାଝୀ, ସ୍ୱେଚ୍ଛାସେବୀ ଅଗସ୍ତି ବଘାର, ଯଦୁପତି ଅଗସ୍ତି, ବସନ୍ତ ଭୋଇ, ରବି ବାଗ, କବିରାଜ ବାଗ,ସୂରଜ ହରପାଲ ଓ ଗୋବିନ୍ଦ ସେଠଙ୍କ ସମେତ ବହୁ ଜନସାଧାରଣ ଖୋଦ୍ ବ୍ଲକ ସଦର ମହକୁମାର ପାଣି ସମସ୍ୟାକୁ ନେଇ ତୀବ୍ର ପ୍ରତିବାଦ କରି ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ମଲ୍ଟି ହସ୍ପିଟାଲ ସ୍ଥାପନ କରିବାକୁ ଶ୍ରମିକ ସଂଘର ଦାବି

ସମ୍ବଲପୁର,(ସବ୍ୟୁ): ହୀରାକୁଦ ସ୍ଥିତ ସଂଘ କାର୍ଯ୍ୟାଳୟରେ ହିଣ୍ଡାଲକୋ ହୀରାକୁଦ ଏଫଆରପି ୱାର୍କସ୍ ଏମ୍ପ୍ଲୟିଜ୍ ୟୁନିଅନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମହମ୍ମଦ ମୁର୍ତ୍ତୁଜା ଅଧକ୍ଷତା କରିଥିଲେ। ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଯୋଗ ଦେଇ ଶ୍ରମିକ ସମସ୍ୟା ଉପରେ ମତ ରଖିଥିଲେ। ବୈଠକରେ ଶ୍ରମିକ ସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ହିଣ୍ଡାଲକୋ ପକ୍ଷରୁ ସିବିଏସଇ ପାଠ୍ୟକ୍ରମର ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ସ୍ଥାପନ ନିଷ୍ପତ୍ତିକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସ୍କୁଲରେ ଶ୍ରମିକ ମାନଙ୍କ ସନ୍ତାନ ମାନଙ୍କ ପାଇଁ ରିହାତି ସୁବିଧା ସକାଶେ ମତ ପ୍ରକାଶ ପାଇଥିଲା। ସେହିପରି ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ଶୀଘ୍ର ଏକ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ସ୍ଥାପନ କରିବାକୁ ସଂଘ ଦାବି କରିଛି। ଏଥିସହ କମ୍ପାନୀରେ ଖାଲି ପଡ଼ିଥିବା ପଦବୀ ପୂରଣ, ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା, କର୍ମ ପରିବେଶର ଉନ୍ନତି ଓ ଶ୍ରମିକ କଲ୍ୟାଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସଂଘର କାର୍ଯ୍ୟକାରୀ ସଭାପତି ସଞ୍ଜୀବ ପ୍ରଧାନ, ସାଧାରଣ ସମ୍ପାଦକ ସୁବ୍ରତ ପଣ୍ଡା, ଇଣ୍ଟକ ହୀରାକୁଦ ପାୱାର ୱାର୍କର୍ସ ୟୁନିଅନର କାର୍ଯ୍ୟକାରୀ ସଭାପତି ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ବେହେରାଙ୍କ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

# ବିଷାକ୍ତ ହେଉଛି ବ୍ରାହ୍ମଣୀ ନଦୀ



ସୁନ୍ଦରଗଡ଼,(ସବ୍ୟୁ): ରାଜ୍ୟରେ ୧୬ଟି ନଦୀର ଜଳ ପ୍ରଦୂଷିତ । ଏହି ତାଲିକାରେ ରହିଛି ରାଉରକେଲାର ବ୍ରାହ୍ମଣୀ ନଦୀ । ନିକଟରେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏଭଳି ସାଂଘାତିକ ତଥ୍ୟ ରଖିବା ପରେ ବିଛି ଚିନ୍ତା । କାରଣ ପ୍ରତ୍ୟେକ ଦିନ ନଦୀ ଆଖପାଖରୁ ନିର୍ଗତ କଳକାରଖାନା, ବୁଦ୍ଧିଜୀବୀ ଓ ପରିବେଶ ଅସନ୍ତୋଷ ପ୍ରକାଶ କରିଛନ୍ତି । ହୋଟେଲଗୁଡ଼ିକରୁ ନିର୍ଗତ ବର୍ଜ୍ୟଜଳ ବିନା ଟ୍ରିଟମେଣ୍ଟରେ ବ୍ରାହ୍ମଣୀରେ ମିଶୁଛି । ସେପଟେ ସହରର ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରିବା ପାଇଁ ପ୍ରାୟ ୩୪୦ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବେ ବି ଅଧପନ୍ତରିଆ ହୋଇପଡ଼ିଛି। ୮ ବର୍ଷ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ପ୍ରକଳ୍ପ ଜରିଆରେ ୧୮୬ କିଲୋମିଟର ପାଇପ୍ ଲାଇନ୍ ବିଛାଯିବାକୁ ଡିପିଆର୍ ପ୍ରସ୍ତୁତ ହୋଇଥିଲା।

ଏଥି ସହ ୭ଟି ପମ୍ପ ହାଉସ୍ ଓ ୨ଟି ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୭ ଜାନୁଆରି କାର୍ଯ୍ୟ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୦ ସୁଦ୍ଧା ଶେଷ ହେବା କଥା। ବିଭାଗୀୟ ଅଧିକାରୀଙ୍କ ତାଗିଦ୍ ସତ୍ତ୍ୱେ ଠିକାସଂସ୍ଥା କାମ ସାରିପାରିଲା ନାହିଁ। ୨୦୨୨ ପର୍ଯ୍ୟନ୍ତ କାମ କରିବାକୁ ଠିକାସଂସ୍ଥାକୁ ସମୟ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ କାମ ସରିଲାନି। ଏବେ ଯେତିକି ଘର, ହସ୍ପିଟାଲ, ହୋଟେଲ ଓ ରେସ୍ତୋରାଁକୁ ସ୍ୱେରେଜ ଲାଇନ ସଂଯୋଗ ହେବା କଥା, ତା' ହୋଇ ନଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବ୍ରାହ୍ମଣୀନଦୀ ପ୍ରଦୂଷିତ ହେଉଥିବାରୁ ବୁଦ୍ଧିଜୀବୀ ଓ ପରିବେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀ ଉପରେ ନିର୍ଭରଶୀଳ ପାର୍ଶ୍ୱବର୍ତ୍ତୀ ବସ୍ତିବାସିନ୍ଦାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କାରଣ ଅନେକ ବସ୍ତିବାସିନ୍ଦା ଓ ପ୍ରାଣୀମାନେ ନଦୀର ଜଳକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଅଧାପନ୍ତରିଆ ସ୍ୱରେଜ ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ ବ୍ରାହ୍ମଣୀ ଅଞ୍ଚଳବାସୀଙ୍କ ପ୍ରତି ବିପଦ ଆଣିପାରେ। ବ୍ରାହ୍ମଣୀର ପ୍ରଦୂଷଣ ରୋକିବାକୁ ଉଭୟ ପ୍ରଦୂଷଣ ଓ ସ୍ୱେରେଜ ବୋର୍ଡ ସଜାଗ ହେବା ଦରକାର। ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାର ମଧ୍ୟ ଆବଶ୍ୟକତା ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଅନୁପ କୁମାର ମଲ୍ଲିକ କହିଛନ୍ତି, ଡାକ୍ତରଖାନା ଓ ହସ୍ପିଟାଲଗୁଡ଼ିକ ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରି ନଦୀ ଛାଡିବାକୁ ଚିଠି କରାଯାଇଛି। ବ୍ରାହ୍ମଣୀନଦୀର ଜଳ ଲୋକ ଓ ପ୍ରାଣୀସମ୍ପଦକୁ କ୍ଷତି ପହଞ୍ଚିବା ଭଳି ପରିସ୍ଥିତି ଆସି ନାହିଁ। ଆଗକୁ ଏନଟିପିସି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବ୍ରାହ୍ମଣୀ ନଦୀ ଆଉ ଏତେଟା ପ୍ରଦୂଷିତ ହେବ ନାହିଁ। ତଥାପି ପ୍ରଦୂଷଣ ବିଭାଗ ବ୍ରାହ୍ମଣୀନଦୀ ଜଳ ପ୍ରଦୂଷିତ ନ ହେବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ।

## ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ୯୬ ଟି ସିଟ ର ଅନୁମୋଦନ ପାଇଛି । ଫଳରେ ବିଜ୍ଞାନ ପାଠ ପଢିବାକୁ ଆଗ୍ରହୀ ଥିବା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେହିପରି ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଆଶା ମଧ୍ୟ ପୂରଣ ହୋଇଛି । ଏହି ମହାବିଦ୍ୟାଳୟରେ ପୂର୍ବରୁ କଳା ଓ ବାଣିଜ୍ୟ ଖୋଲିଥିବା ବେଳେ ବର୍ତ୍ତମାନ ବିଜ୍ଞାନ ବିଷୟ ଖୋଲା ଯାଇଥିବାରୁ ଛାତ୍ର ଛାତ୍ରୀ ଓ ଅଭିଭାବକ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି। ଏହି ଅଞ୍ଚଳର ଗରୀବ ମେଧାବୀ ଛାତ୍ର ଛାତ୍ରୀ ମାନେ ଆସି ବିଜ୍ଞାନ ପାଠ ପଢିବେ ବୋଲି ସ୍ଥାନୀୟ ଲୋକେ ଆଶା ବାନ୍ଧିଛନ୍ତି । ନାମଲେଖା ଶୁଭାରମ୍ଭ ହୋଇଥିବା ନେଇ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଶୋଭେନ୍ଦ୍ର କୁମାର ମେହେର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବଲାଙ୍ଗିର ଜିଲ୍ଲାର ଶେଷ ସୀମାରେ ଅଛି ବଙ୍ଗୋମୁଣ୍ଡା ବ୍ଲକ । ଆଉ ବଙ୍ଗୋମୁଣ୍ଡା ବ୍ଲକ ହେଉଛି ଦାଦନ ପ୍ରବଣ ଅଞ୍ଚଳ । ଦାଦନ ପାଇଁ ବେଶ ପରିଚିତି ପୁଣି ସେହି ଅଞ୍ଚଳରେ ବିଜ୍ଞାନ ବିଭାଗ ପାଠ୍ୟକ୍ରମ ଆରମ୍ଭ ହୋଇଛି ତେବେ ଦୀର୍ଘ ଦିନର ଶିକ୍ଷାଦାନର ମୁଖ୍ୟ ସମସ୍ୟା ପୂରଣ ହୋଇଥିବା ଯୋଗୁଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବିଜ୍ଞାନ ପାଠ ପଢିବା ପାଇଁ ଅଞ୍ଚଳ ର ବହୁ ଛାତ୍ର ଛାତ୍ରୀ ମାନେ ଦୂର ଦୁରାନ୍ତକୁ ଯାଇ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା । ତେବେ ଏଠାରେ ବର୍ତ୍ତମାନ ଛାତ୍ର ଛାତ୍ରୀ ମାନେ ନିଜ ଅଞ୍ଚଳ ରେ ସୁରକ୍ଷିତ ଭାବେ ରହି ଶିକ୍ଷାଦାନକୁ ଗ୍ରହଣ କରିବେ ବୋଲି ଶିକ୍ଷାବିତ ମହଲରେ ମତପ୍ରକାଶ ପାଇଛି।

**AFFIDAVIT**

I JYOTIRMAYA SAHU, S/O- TRILOCHAN SAHU, RESIDENT OF AT/PO- BONAIGARH, TELI SAHI, PS- BONAIGARH, DIST- SUNDERGARH, ODISHA PIN-770038 DECLARE BY THIS AFFIDAVIT NO : 15 DATED: 01-06-2026 THAT NOW ONWARDS I SHALL BE KNOWN AS JYOTIRMAY SAHU S/O- TRILOCHAN SAHU FOR ALL PURPOSES.

**JYOTIRMAY SAHU**
**SUNDERGARH**

## ସମ୍ପାଦକୀୟ

# 'ଲୋକଙ୍କ ପାଖକୁ ଯାଅ...'

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ପାଖକୁ ଯିବାକୁ ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଏକପ୍ରକାର ତାଗିଦ କରିଛନ୍ତି । ଗତ ଥର ମନ୍ତ୍ରିପରିଷଦ ବୈଠକରେ ଅଧକ୍ଷତା କରୁଥିବା ସମୟରେ ପ୍ରଧାନମନ୍ତ୍ରୀଙ୍କର ଏପରି ଆହ୍ୱାନ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ । କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଯେଉଁ ସଂସ୍କାର ଆଣିଛନ୍ତି, ସେ ବିଷୟରେ ଭାରତର ଜନସାଧାରଣ ଅବଗତ ହେବା ଆବଶ୍ୟକ । ଏଥିପାଇଁ ମନ୍ତ୍ରୀ ଓ ଅଧିକାରୀମାନେ ଲୋକଙ୍କ ନିକଟକୁ ଯାଇ ସେ ବିଷୟରେ ସଚେତନ କଲେ, ସମ୍ଭବତଃ ଅନେକ ସମସ୍ୟାର ସମାଧାନ ହୋଇ ପାରନ୍ତା । ଅତୀତରେ ମନ୍ତ୍ରୀ ଓ ଅଫିସରମାନେ କେବଳ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠମାନଙ୍କରେ ବସି ଅଫିସ କାମ କରୁଥିଲେ । ତେଣୁ ଅନେକ ପ୍ରକୃତ ସମସ୍ୟା ଅନ୍ଧାର ଭିତରେ ଲୁଚି ରହିଯାଉଥିଲା । ମନ୍ତ୍ରୀ ବା ଅଫିସରମାନେ ପ୍ରକୃତ ବିଷୟରେ କିଛି ଜାଣି ପାରନ୍ତି ନାହିଁ । ଫଳରେ ଯୋଜନାର ସୁଫଳ ହିତାଧିକାରୀମାନେ ପାଇ ପାରନ୍ତି ନାହିଁ । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଏକଦା ଅନୁଭବ କରିଥିଲେ ଯେ ଗୋଟିଏ ଟଙ୍କା ଜଣେ ହିତାଧିକାରୀଙ୍କ ନିକଟକୁ ଗଲେ ପ୍ରକୃତରେ ୧୫ ପଇସା ମାତ୍ର ପହଞ୍ଚିଥାଏ । ଅର୍ଥାତ୍ ଅବଶିଷ୍ଟ ୮୫ ପଇସା ବାଟମାରଣା ହୋଇଯାଏ । ଏକଦା ପ୍ରବାସୀ ଭାରତୀୟ ଦିବସ ସମ୍ମେଳନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହାକୁ ସମାଲୋଚନା କରି କହିଥିଲେ ଯେ ବିଗତ କଂଗ୍ରେସ ସରକାରଙ୍କ ଅମଳରେ ଏହି ଚୋରି ରୋକିବାକୁ ଉଦ୍ୟମ ହୋଇ ନଥିଲା ।

ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ଆରମ୍ଭର କଥା ମନେ ପଡୁଛି । ୧୯୯୯ର ମହାବାତ୍ୟାରେ କ୍ଷତିଗ୍ରସ୍ତ ଉପକୂଳ ଓଡ଼ିଶାକୁ ପୁନରୁଦ୍ଧାର କରିବା ସହିତ ଜନସାଧାରଣଙ୍କ ଦୁଃଖକଷ୍ଟ ଲାଘବ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଉଦ୍ୟମ କରିଥିଲେ । ବିଜେଡିର ସହଯୋଗୀ ଦଳ ଭାବେ ବିଜେପି ତାଙ୍କ ସହିତ ଥାଏ । ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ନବୀନ ବାବୁ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ଅଧୀନରେ କେନ୍ଦ୍ରମନ୍ତ୍ରୀ ଥିବାରୁ କିଛି ଅଭିଜ୍ଞତା ତାଙ୍କର ଥିଲା ।ସେ ଦଳ ସମେତ ବିଜେପିର ମନ୍ତ୍ରୀ ଓ ବିଧାୟକମାନଙ୍କୁ ମହାବାତ୍ୟା ପରବର୍ତ୍ତୀ ଦୁର୍ଦ୍ଦିନମାନଙ୍କରେ ସେବା କାମରେ ଲଗାଇ ଦେବା ସହିତ ଅଧିକାରୀମାନଙ୍କୁ ମଧ ସେମାନଙ୍କ କାମ ବାଣ୍ଟି ଦେଇ ନିଷ୍ଠାପର ଭାବେ ସେମାନଙ୍କ କଷ୍ଟ ଦୂର କରିବାକୁ ଚେଷ୍ଟା କରିଥିଲେ । ଏପରିକି ମନ୍ତ୍ରୀ ଓ ବିଧାୟକମାନଙ୍କୁଅଧିକାରୀମାନଙ୍କ ଥଇଥାନ କାର୍ଯ୍ୟ ବିଷୟରେ ତଦାରଖ କରି ରିପୋର୍ଟ ଦେବାକୁ କହିଥିଲେ । ଅପରପକ୍ଷରେ ଅଧିକାରୀମାନେ ମଧ ନିର୍ବାଚିତ ପ୍ରତିନିଧି ଓ ରାଜନୀତିକ ବ୍ୟକ୍ତିମାନଙ୍କର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ କୁଆଡେ ସେ ଗୋପନରେ ଆଦେଶ ଦେଇଥିଲେ । ଫଳରେ ପରସ୍ପରକୁ ସେମାନେ ଜଗି ରହିଥିଲେ ଓ ମହାବାତ୍ୟା ପରବର୍ତ୍ତୀ କାମ ଠିକ୍ ଭାବରେ ଚାଲିଥିଲା । ବାଜପେୟୀଙ୍କ ସରକାର ସମୟରେ ପ୍ରଚୁର ପରିମାଣରେ ଆର୍ଥିକ ସହାୟତା ଓଡ଼ିଶାକୁ ମିଳିଥିଲା । ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ମହାବାତ୍ୟାର ଥଇଥାନ କାର୍ଯ୍ୟ ଠିକ୍ ଭାବରେ କରି ପାରି ନଥିଲେ ବୋଲି ଅଭିଯୋଗ ମଧ ହୋଇଥିଲା । ଅଥଚ ତତ୍କାଳୀନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଓ କେନ୍ଦ୍ର ମନ୍ତ୍ରିମାନଙ୍କ ମଧ୍ୟରେ ଜର୍ଜ ଫର୍ଣ୍ଣାଡିଜ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓ ନବୀନ ପଟ୍ଟନାୟକ ପ୍ରଭୃତି ମହାବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଥଇଥାନ କାର୍ଯ୍ୟ ତଦାରଖ କରି ଜନସାଧାରଣଙ୍କ ମନରେ ଆଶ୍ୱାସନା ଭରି ଦେଇଥିଲେ । ମାତ୍ର ଦେଖାଗଲା ଯେ ମୁଖ୍ୟମନ୍ତ୍ରୀ ହେବା ପରେ ନବୀନ ବାବୁ ପ୍ରଥମେ ପ୍ରଥମେ ରାଜ୍ୟ ପାଇଁ ଭଲ କାମ କରିଥିଲେ ମଧ ଶେଷ ବେଳକୁ ସେ ବଦନାମ ହୋଇ ଯାଇଥିଲେ । ନିର୍ଦ୍ଦିଷ୍ଟ କେତେକ ପଦାଧିକାରୀଙ୍କ ଜରିଆରେ ସେ ଶାସନ କାର୍ଯ୍ୟ ଚଳାଉଥିଲେ । ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲେ ମଧ ସେମାନେ ତାହା ମାନୁ ନଥିଲେ ।

ବାଜପେୟୀଙ୍କ ସରକାର ସମୟରେ ପ୍ରଚୁର ପରିମାଣରେ ଆର୍ଥିକ ସହାୟତା ଓଡ଼ିଶାକୁ ମିଳିଥିଲା । ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ମହାବାତ୍ୟାର ଥଇଥାନ କାର୍ଯ୍ୟ ଠିକ୍ ଭାବରେ କରି ପାରି ନଥିଲେ ବୋଲି ଅଭିଯୋଗ ମଧ ହୋଇଥିଲା । ଅଥଚ ତତ୍କାଳୀନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଓ କେନ୍ଦ୍ର ମନ୍ତ୍ରିମାନଙ୍କ ମଧ୍ୟରେ ଜର୍ଜ ଫର୍ଣ୍ଣାଡିଜ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓ ନବୀନ ପଟ୍ଟନାୟକ ପ୍ରଭୃତି ମହାବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଥଇଥାନ କାର୍ଯ୍ୟ ତଦାରଖ କରି ଜନସାଧାରଣଙ୍କ ମନରେ ଆଶ୍ୱାସନା ଭରି ଦେଇଥିଲେ ।

ସେ ଯାହା ହେଉ, ଅଦାଲତମାନଙ୍କରେ ପଡ଼ି ରହିଥିବା ବିଭିନ୍ନ ମାମଲାକୁ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ, ତାଙ୍କର ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ମଧ ତାଗିଦ କରି ଦେଇଛନ୍ତି । ଏହା ଫଳରେ ନ୍ୟାୟ ପାଇ ସାଧାରଣ ଲୋକେ ଅନ୍ତତଃ ଆଶ୍ୱସ୍ତ ହୋଇ ପାରିବେ ।

ଅନେକ ବିଚାରପତି ବା ପଦାଧିକାରୀଙ୍କର କେତେକ ଭଲ ଗୁଣ ମଧ ଥାଏ । ଭାରତରେ ଏକଦା ପ୍ରଧାନ ବିଚାରପତି ଥିବା ରଙ୍ଗନାଥ ମିଶ୍ର ଏବେ ସ୍ୱର୍ଗରେ । କିନ୍ତୁ ସେ ବିଚାରପତି ଥିବାବେଳେ କୋର୍ଟ କଚେରୀକୁ ଅଯଥାରେ ନ ଦୌଡାଇ, ଉଭୟ ପକ୍ଷଙ୍କୁ ଡାକି ମାମଲାଗୁଡ଼ିକର ଆପୋଷ ସମାଧାନ କରୁଥିଲେ ବୋଲି ମଧ କୁହାଯାଉଥିଲା ।

ଏ ସବୁ ବିଷୟରେ କେବଳ ସରକାର ନୁହେଁ,ଜନସାଧାରଣ ମଧ ସଚେତନ ହେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଏ ମଣିଷକୁ ବର୍ବର କରୁଛି କିଏ ?



ପ୍ରହଲାଦ କୁମାର ସିଂହ

ଗାଡ଼ି ଧକ୍କାରେ ମରିଥିବା ଦୁଇଟି ଗାଈ-ବାଛୁରୀଙ୍କ ଶବ ପଡ଼ିଥାଏ ରାଜଧାନୀର ଇନ୍‌ଫୋସିଟି ଛକ ନିକଟରେ । ମୃତ ଗାଈ-ବାଛୁରୀଙ୍କ ପାଖରେ ଛିଡ଼ା ହୋଇ ଲୁହ ଗଡ଼ାଉଥାଏ ଷଣ୍ଢଟିଏ । ସେମାନଙ୍କ ଶବକୁ ହଟାଇବା ପାଇଁ ପୁଲିସ ଓ ବିଏମ୍‌ସି କର୍ମଚାରୀ ଘଣ୍ଟା ଘଣ୍ଟା ଧରି ଚେଷ୍ଟା କଲେ ମଧ ଷଣ୍ଢ କିନ୍ତୁ ଛାଡୁନଥାଏ । ଏହି ଶବ ଦୁଇଟିକୁ ସେ ଚାଟୁଥାଏ ଏବଂ ଯିଏ ଜବରଦସ୍ତ ପାଖକୁ ଆସୁଥାନ୍ତି ସେମାନଙ୍କୁ ଗୋଡ଼ାଉଥାଏ । ଶେଷରେ ଷଣ୍ଢ ବୁଝିଲା ଏବଂ ଜେସିବି ସହାୟତାରେ ଗାଈ-ବାଛୁରୀଙ୍କ ଶବ ଦୁଇଟିକୁ ନେଇ ରୀତିନୀତି ଅନୁଯାୟୀ ପୋତା ଗଲା । ସେଠି ବି ସେହି ଷଣ୍ଢଟି ଛିଡ଼ା ହୋଇ ଅଶ୍ରୁତର୍ପଣ କରୁଥିଲା । କେହି ତାକୁ କିଛି ଖାଇବାକୁ ଦେଲେ ବି ଖାଉ ନଥିଲା । କଥା କଥାକେ ମଣିଷ ହିଂସ୍ର ହୋଇ ହତ୍ୟା, ଧର୍ଷଣ ଆଦି ଘଟାଉଥିବାବେଳେ ଷଣ୍ଢଟିର ଆଚରଣ ସତେ ଯେମିତି ବର୍ବର ମଣିଷକୁ ଧିକ୍କାର କରୁଥିଲା । ଏ ଘଟଣା ୨୦୨୬ ମେ ମାସର ।

ଏହା ପୂର୍ବରୁ ଭୁବନେଶ୍ୱର-କଟକ ରାସ୍ତାର ବାରଙ୍ଗ ନିକଟରେ ଦେଖିବାକୁ ମିଳିଥିଲା ଏକ ଅଭୁତପୂର୍ବ ଦୃଶ୍ୟ । ଗାଡ଼ି ଧକ୍କାରେ ଆହତ ମାଙ୍କଡ଼ ଛୁଆଟିଏ ଛଟପଟ ହେଉଥାଏ ରାସ୍ତା କଡ଼ରେ । ମା' ମାଙ୍କଡ଼ଟି ରାସ୍ତା ମଝିରେ ଛିଡ଼ା ହୋଇ ଯାତାୟାତ କରୁଥିବା ମୋଟର ଯାନଗୁଡ଼ିକୁ ଅଟକାଇ କିଛି କହିବାର ସଂକେତ ଦେଉଥିଲା । ସତେ ଯେମିତି ମାଙ୍କଡ଼ଟି ଲୋକଙ୍କୁ କହୁଥିଲା, ଆରେ ତମମାନଙ୍କ ଭିତରୁ କଣ ମଣିଷପଣିଆ ମରିଯାଇଛି? ଏ ଛୁଆଟିକୁ ଗାଡ଼ିରେ ନେଇ ଡାକ୍ତରଖାନାରେ ପହଞ୍ଚାଇଦିଅ ।

ଗଣମାଧମରେ ପ୍ରକାଶିତ ଅନ୍ୟ ଏକ ଘଟଣା । ଘର ପୋଷା ଗାଈଟିକୁ ମାଲିକ ଗାଁର ଆଉ ଜଣଙ୍କ ହାତକୁ ଟେକି ଦେବାକୁ ଚାହିଁଲେ । ସେ ପଘା ଆଣି ମାଲିକଙ୍କ ଉପସ୍ଥିତିରେ ଗାଈଟିକୁ ବାନ୍ଧି ନେବାବେଳେ ଗାଈଟି କିନ୍ତୁ ପ୍ରତିବାଦ କଲା । ଯେଉଁ ମାଲିକଙ୍କ ନିକଟରେ ଏତେଦିନ ହେବ ରହିଛି ତାଙ୍କୁ ଛାଡ଼ି ସତେ ଯେମିତି ସେ ଅନ୍ୟତ୍ର ଯିବାକୁ ଚାହୁଁ ନଥିଲା । ନୂଆ ମାଲିକ ହାତରୁ ପଘା ଝିଙ୍କି ଗାଈଟି ଏଣେ ତେଣେ ଦୌଡ଼ିଲା । ଶେଷରେ ସେହି ଗାଈର ଆଘାତରେ ମାଲିକ ଆହତ ହେଲେ ଓ ତାଙ୍କର ମୃତ୍ୟୁ ଘଟିଲା । ସତେ ଯେମିତି ଗାଈଟି ସବୁ ବୁଝି ପାରୁଥିଲା । ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦିନ ଦିନ ଧରି ଛିଡ଼ା ହୋଇ ରହିଲା । ଆଖିରୁ ଲୁହ ଗଡୁଥାଏ । ମାଲିକଙ୍କ ଘରଆଡ଼କୁ ବାରମ୍ବାର ସେ ଅନାଉଥାଏ । ଖାଇବା ପିଇବା ଛାଡ଼ିଦେଇ ସତେ ଯେମିତି ଗାଈଟି ତାର ମାଲିକଙ୍କ ମୃତ୍ୟୁ ପାଇଁ ନିଜକୁ ଦାୟୀ କରି ଅନୁତାପରେ ଜଳୁଥିଲା ।

ଏଭଳି ଅନେକ ଖବର ବାରମ୍ବାର ପ୍ରକାଶ ପାଏ । ହିଂସ୍ର କୁକୁରଙ୍କୁ ମାରିଦେବା ପକ୍ଷରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏ ପରିପ୍ରେକ୍ଷୀରେ ହିଂସ୍ର ମଣିଷଙ୍କ ପ୍ରତି କଣ କରାଯିବ ? ସେମାନଙ୍କୁ କଣ ହିଂସ୍ର, ପାଗଳା, ଗୁରୁତର ରୋଗଗ୍ରସ୍ତ କୁକୁରଙ୍କ ଭଳି ମାରି ଦିଆଯାଇ ପାରିବ ? ଜଣେ ହିଂସ୍ର ମଣିଷ କିମ୍ବା ଅନ୍ୟ ଗୋଟିଏ ହିଂସ୍ର ଜୀବକୁ ମାରିଦେଲେ ଦୁନିଆରୁ କଣ ହିଂସା ଲୋପ ପାଇଯିବ ?

କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ ଅନ୍ତର୍ଗତ ପାତ୍ରୁଳି ଗ୍ରାମରେ ଜଣେ ଯୁବକ ମଦ ପିଇବାକୁ ମା'କୁ ଟଙ୍କା ମାଗିଲା । ୭୫ ବର୍ଷିଆ ମା' ଟଙ୍କା ନଦେବାରୁ ପୁଅ ଠେଙ୍ଗାରେ ପିଟିପିଟି ଜନ୍ମଦାତ୍ରୀଙ୍କୁ ମାରିଦେଲା । ଏ ପ୍ରସଙ୍ଗରେ ବୃଦ୍ଧ ବାପା ଥାନାରେ ଅଭିଯୋଗ କରିବା ପରେ ମଦୁଆ ପୁଅକୁ ପୁଲିସ ଗିରଫ କରିଛି । ସେହିଭଳି ଆଉ ଦଳେ ମଦ୍ୟପ ଯୁବକ ରାଜଧାନୀର ଛାତି ଉପରେ ବେପରୁଆ ଭାବେ ଥାର୍ ଗାଡ଼ି ଚଳାଇ ଗୋଟିଏ ଗ୍ୟାରେଜ୍ ଭିତରେ ପଶିଯିବାରୁ ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି । ବିଭିନ୍ନ ସୂତ୍ରରୁ ତଦନ୍ତ କରି ପୁଲିସ ମଦ୍ୟପ ଥାର୍ ଚାଳକକୁ ଗିରଫ କରିଥିବା ସମ୍ବାଦ ପ୍ରକାଶ ପାଇଛି ।

ଚିଙ୍ଗୁଡ଼ି ତରକାରୀ ରୋଷେଇ ଡେରି ହେଲା ବୋଲି ଭୁବନେଶ୍ୱରରେ ଜଣେ ମଦ୍ୟପ ନିଜ ସ୍ତ୍ରୀକୁ ପନିକିରେ ହାଣି ଏବେ ଜେଲ୍‌ରେ । ଅନ୍ୟ ଜଣେ ମଦ୍ୟପ ରାତି ଅଧରେ ଏକ କଇଁଛ ଧରି ଘରକୁ ଆସିଲା । ସ୍ତ୍ରୀକୁ କହିଲା- ଶୀଘ୍ର କଇଁଛ ମାଂସ ତରକାରୀ କରିବାକୁ । ବିଳମ୍ବିତ ରାତିରେ ଏହା କରାଯାଇ ନପାରିବାରୁ ମଦୁଆ ଜଣକ ପତ୍ନୀକୁ ପିଟି ଲହୁଲୁହାଣ କରି ଜେଲ୍‌ରେ । ମଣିଷ କେତେ ହିଂସ୍ର ହୋଇପାରେ ତାହାର ଏକ ଜଘନ୍ୟ ଉଦାହରଣ ଦେଖାଦେଇଛି ମାହାଙ୍ଗା ଥାନାର ପଶୁଲୁଣ୍ଡା ଗାଁରେ । ବୋହୂ ଯାଆଁଳା ଝିଅ ଜନ୍ମ କରିବାରୁ ପରିବାର ପୁଅ-ବୋହୂଙ୍କୁ ମାଡ଼ମାରି ଗାଁ ଦାଣ୍ଡରେ ଘୋଷାଡ଼ି ଘରୁ ବିଦା କରିଦେଇଛନ୍ତି ।

ଅଭିଯୋଗ ମୁତାବକ ପରିବାର କ୍ଷୁବ୍ଧ ହୋଇ ଯାଆଁଳା ଶିଶୁ କନ୍ୟା ଦୁଇଟିକୁ ମାରିଦେବାକୁ କୁଆଡ଼େ ଚାପ ପକାଉଥିଲେ । ଖବର ପାଇ ପୁଲିସ ପରିବାରର ମୁଖିଆଙ୍କୁ ଗିରଫ କରିଥିବା ବେଳେ ଏହି ଆକ୍ରମଣରେ ସଂପୃକ୍ତ ଶାଶୁ ଓ ନଣନ୍ଦ ଫେରାର ହୋଇ ଯାଇଛନ୍ତି । 'ଲିଙ୍ଗଗତ ବୈଷମ୍ୟ' ଦୂର କରିବା ସହିତ 'ନାରୀଶକ୍ତି ବନ୍ଦନ' ପାଇଁ ସାରା ଦେଶରେ କୋଳାହଳ ଲାଗି ରହିଥିବା ଓ ଓଡ଼ିଶାରେ 'ସୁଭଦ୍ରା' ଯୋଜନାରେ 'ଲକ୍ଷପତି ଦିଦି' ସୃଷ୍ଟି ହେଉଥିବାବେଳେ ପଶୁଲୁଣ୍ଡା ଗ୍ରାମର ଏହି ଅଭାବନୀୟ ଘଟଣାରୁ ଆମେ କେତେ ବର୍ବର ତାହା ପର୍ଯ୍ୟାଲୋଚନା କରିବାର ସମୟ ଆସିଛି ।

ଏହି ମେ ମାସରେ ବି ରାଜଧାନୀର ଶୈଳଶ୍ରୀ ବିହାର ଅଚଳରେ ମଦ୍ୟପ ସ୍ୱାମୀର ଛୁରା ମାଡ଼ରେ ସ୍ତ୍ରୀ ଆହତ ହୋଇଛି । ଏହି ଆହତ ମହିଳାଙ୍କୁ ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ନିଆଯାଇଥିଲା । ତା'ପରେ କଣ ହେଲା କେଜାଣି ତାଙ୍କୁ ତଣ୍ଟିଚିପି ହତ୍ୟା କରିବା ଉଦ୍ୟମ ହେଲା । ରାଜଧାନୀର ପଳାଶପଲ୍ଲୀ ଅଞ୍ଚଳରେ ଜଣେ ମଦୁଆ ଯୁବକ ମା'ଙ୍କୁ ପିଟିବା ସହିତ ଘର ଜାଳିଦେଇ ଏବେ ଜେଲ୍‌ରେ । ଏଭଳି ନିଆଁଲଗା ପୁଅମାନଙ୍କ ସଂଖ୍ୟା କମ୍ ନୁହେଁ । ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଆଉ ଜଣେ ନିଶାଶକ୍ତ ଯୁବକ ବିଅର ବୋତଲ ଭାଙ୍ଗି ରକ୍ତାକ୍ତ ଆକ୍ରମଣ କରିଥିବା ଘେନି ଅଭିଯୋଗ ଆସିଛି । ଗଞ୍ଜାମ ଜିଲ୍ଲାର ଶେରଗଡ଼ ଥାନା ଅଞ୍ଚଳରେ ଗୋଟିଏ ୫ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଆଉ ଜଣେ ନିଶାଡ଼ିକୁ ପୁଲିସ ଗିରଫ କରିଛି । ବଲାଙ୍ଗୀର ଜିଲ୍ଲାର ସିନ୍ଧେକେଲା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗର ପୁଲିସ ତଦନ୍ତ ଚଳାଇଛି । କୋରାପୁଟ ଜିଲ୍ଲା ସଦର ବ୍ଲକ ଅଞ୍ଚଳରେ ଜଣେ ୪ବର୍ଷର ଶିଶୁକନ୍ୟା ବଳାତ୍କାରର ଶିକାର ହେବାପରେ ପୁଲିସ ୩ଜଣଙ୍କୁ ଧରିଛି । ଏଭଳି ଘଟଣାର ତାଲିକା ବେଶ୍ ଲମ୍ବା ହୋଇଥିବାବେଳେ କୋରାପୁଟରୁ କଳାହାଣ୍ଡି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାମାନେ ଠେଙ୍ଗାବାଡ଼ି ଧରି ମଦ ଭାଟି ଭାଙ୍ଗୁଥିବା ସମ୍ବାଦ ବି ବାରମ୍ବାର ପ୍ରସାରିତ ହେଉଛି ।

ନୂଆପଡ଼ା ଜିଲ୍ଲାର ବୋଡେନ୍ ବ୍ଲକ ଅନ୍ତର୍ଗତ ଟାଙ୍ଗିରିପଡ଼ାରେ ଘଟିଛି ଏକ ବିଚିତ୍ର ଘଟଣା । ଦୋକାନରୁ ବାକିରେ ମଦ ପିଇ ବଡ଼ଭାଇ ଟଙ୍କା ଦେଲା ନାହିଁ । ଏଥିରେ ଉତ୍କ୍ଷିପ୍ତ ହୋଇ ମଦ ବ୍ୟବସାୟୀ ସାନ ଭାଇର ଘରକୁ ଜାଳି ଦେଇଛି ବୋଲି ଗଣମାଧମରେ ଖବର ପ୍ରକାଶ ପାଇଛି । ବ୍ରହ୍ମଗିରି ଅଞ୍ଚଳରେ ଜଣେ ପାଞ୍ଚବର୍ଷିଆ ଶିଶୁକନ୍ୟାକୁ ବାତ୍ୟା ଆଶ୍ରୟସ୍ଥଳ ଶୌଚାଳୟରେ ବଳାତ୍କାର କରିବା ଭଳି ଅଭାବନୀୟ ଘଟଣା ଘଟିଛି । ଏହା ପୂର୍ବରୁ ଏହି ଅଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ଶିକ୍ଷକ ବଳାତ୍କାର କରିବା ଓ ଅନ୍ୟ ଜଣେ ଛଅବର୍ଷର ଶିଶୁ କନ୍ୟାକୁ ହାତବାନ୍ଧି ବଳାତ୍କାର କରିବା ଭଳି ଅମାନୁଷିକ ଘଟଣା ବି ପୁଲିସ ନଜରକୁ ଆସିଛି ।

ବର୍ଷ ବର୍ଷ ଧରି ମହିଳା ଓ ଶିଶୁଙ୍କ ପ୍ରତି ବିଭିନ୍ନ ଅପରାଧ ବଢ଼ି ବଢ଼ି ଚାଲିଛି । ନିଶାଜନିତ କ୍ଷୟକ୍ଷତି ଓ ଅପରାଧ ବି ଲଗାମଛଡ଼ା ଭାବେ ବୃଦ୍ଧି ପାଇବାରେ ଲାଗିଛି । ସ୍ୱାଧୀନତା ଆନ୍ଦୋଳନ ବେଳେ କୁହାଯାଉଥିଲା ସ୍ୱାଧୀନ ଭାରତରେ ନିଶା ନିବାରିତ ହେବ ଏବଂ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉନ୍ନତ ହେବ ଏବଂ ଲୋକେ ଏଭଳି ସଂସ୍କୃତି ସଂପନ୍ନ ଓ ଶୃଙ୍ଖଳିତ ହେବେ ଯେ ରାତି ଅଧରେ ଜଣେ ଯୁବତୀ କୌଣସି ସ୍ଥାନରୁ ନିରାପଦରେ ଯାଇ ଆସି ପାରିବ । ସ୍ୱାଧୀନତାର ୭୯ ବର୍ଷରେ ଦେଶ ଅମୃତକାଳ ପାଳୁଥିବାବେଳେ ଆମେ ବାସ୍ତବରେ କେଉଁଠି ? ପାଖାପାଖି ଦୁଇ ତୃତୀୟାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି । କର୍ମ କ୍ଷେତ୍ରରେ, ରାସ୍ତାଘାଟରେ, ହାଟ ବଜାରରେ ଏମିତିକି ପବିତ୍ର ଶିକ୍ଷାନୁଷ୍ଠାନରେ ଝିଅମାନେ ନିରାପଦ କି ? ୨୦୨୬ ମେ ମାସରେ ଖବର ପ୍ରକାଶ ପାଇଛି ଯେ ୧୯୯୯ ମସିହାରେ ବାଲେଶ୍ୱରର ଜଣେ କ୍ରୀଡ଼ାବିତ୍ ଛାତ୍ରୀଙ୍କୁ ଭୁବନେଶ୍ୱର ଅଣାଯାଇ ବଳାତ୍କାର ଉଦ୍ୟମ ବିଷୟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ ଭାର ସିବିଆଇ ନେଇଥିଲା । ଏବେ ସୁଦ୍ଧା ଏହି ମାମଲାର ସାକ୍ଷ୍ୟ ଗ୍ରହଣ ସରିନାହିଁ । ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ କଲେଜ୍‌ର ଜଣେ ଛାତ୍ରୀ ନିର୍ଯାତନାର ଶିକାର ହୋଇ ଶେଷରେ କଲେଜ୍ ପରିସରରେ ଆତ୍ମାହୂତି ଦେବା ଭଳି ଅଭାବନୀୟ ଦୁର୍ଘଟଣା ଘଟିଲା । ତାଙ୍କ ନିଆଁରେ ସତେ ଯେମିତି ଆମ ବ୍ୟବସ୍ଥା ପୋଡ଼ିଗଲା ! ଏବେ ଖବର ପ୍ରକାଶ ପାଇଛି ସେହି କଲେଜ୍‌ର ଆଉ କେତେକ ଛାତ୍ରୀଙ୍କ ପ୍ରତି ଅନ୍ୟ ଜଣେ ଅଧାପକଙ୍କ ଅଶାଳୀନ ଆଚରଣ ସଂପର୍କରେ । ଏମିତି ତାଲିକା ବେଶ୍ ଲମ୍ବା । ପରି, ପିହୁ, ବେବିନା, ଇତିଶ୍ରୀଙ୍କଠାରୁ କୁହୁଲି ପୀଡ଼ିତାଙ୍କ ଭଳି କେତେ ଯେ କିଏ ନିର୍ଯାତନାର ଶିକାର ହେଉଛନ୍ତି ତାର ସଠିକ୍ ହିସାବ ରଖିବା ସମ୍ଭବପର ନୁହେଁ । ଅବସ୍ଥା ଏଭଳି ସାଙ୍ଘାତିକ ଯେ ଖୋର୍ଦ୍ଧା ଜିଲ୍ଲାରେ ଜଣେ ମଦୁଆ ବାପା ନିଜର ଝିଅକୁ ଓ ଅନ୍ୟ ଜଣେ ଦାଦା ନିଜ ଝିଆରୀକୁ ବଳାତ୍କାର କରିବା ଅଭିଯୋଗରେ ନିକଟରେ ଜେଲ୍ ଦଣ୍ଡ ପାଇଛନ୍ତି । ଏଭଳି ଜଘନ୍ୟ ଅପରାଧରୁ ଅନେକ ସାମାଜିକ ଓ ପାରବାରିକ ଚାପ ଯୋଗୁଁ ଏବେ ବି ଅଦାଲତକୁ ଆସିପାରୁ ନାହିଁ । ମହିଳାଙ୍କ ପ୍ରତି ଅପରାଧିକ ମାମଲାରୁ ଆମ ରାଜ୍ୟରେ ବର୍ଷରେ ମାତ୍ର ୫.୩ ପ୍ରତିଶତ ଫଇସଲା ହେଉଥିବାବେଳେ ଦଣ୍ଡବିଧାନ ହାର ୬.୩ ପ୍ରତିଶତରେ ସୀମିତ ରହୁଛି ବୋଲି ୨୦୨୬ ମଇ ମାସରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର 'କ୍ରାଇମ୍ ଇନ୍ ଇଣ୍ଡିଆ' ରିପୋର୍ଟରୁ ଜଣାପଡିଛି । ଏଭଳି ସ୍ଥିତିରେ ଆମେ କଣ ଆମକୁ ଏକ ସଭ୍ୟ, ସଂସ୍କୃତି ସଂପନ୍ନ ସମାଜର ଅଂଶ ବୋଲି କହିପାରିବା?

ଏଭଳି ଜଘନ୍ୟ ଅପରାଧରୁ ଅନେକ ସାମାଜିକ ଓ ପାରବାରିକ ଚାପ ଯୋଗୁଁ ଏବେ ବି ଅଦାଲତକୁ ଆସିପାରୁ ନାହିଁ । ମହିଳାଙ୍କ ପ୍ରତି ଅପରାଧିକ ମାମଲାରୁ ଆମ ରାଜ୍ୟରେ ବର୍ଷରେ ମାତ୍ର ୫.୩ ପ୍ରତିଶତ ଫଇସଲା ହେଉଥିବାବେଳେ ଦଣ୍ଡବିଧାନ ହାର ୬.୩ ପ୍ରତିଶତରେ ସୀମିତ ରହୁଛି ବୋଲି ୨୦୨୬ ମଇ ମାସରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର 'କ୍ରାଇମ୍ ଇନ୍ ଇଣ୍ଡିଆ' ରିପୋର୍ଟରୁ ଜଣାପଡିଛି । ଏଭଳି ସ୍ଥିତିରେ ଆମେ କଣ ଆମକୁ ଏକ ସଭ୍ୟ, ସଂସ୍କୃତି ସଂପନ୍ନ ସମାଜର ଅଂଶ ବୋଲି କହିପାରିବା?

କଟକରୁ କୋରାପୁଟ, କେନ୍ଦ୍ରାପଡ଼ାରୁ ରାୟଗଡ଼ା, ମାଲକାନଗିରିରୁ ମୟୂରଭଞ୍ଜ, ନୟାଗଡ଼ରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏଭଳି ବର୍ବରତା ଦେଖାଯାଉଛି । ଆମ ରାଜ୍ୟରେ ବାରମ୍ବାର ଭିଡ଼ ହିଂସାରେ କେତେ କାହାର ଜୀବନ ଯାଉଛି । ତେବେ ପୁଲିସ କ୍ରିୟାଶୀଳ ହୋଇ ଅପରାଧୀଙ୍କୁ ଏନ୍‌କାଉଣ୍ଟର ଅଭିଯାନ ଚଳାଇଛି । ଏହା ସତ୍ତ୍ୱେ ବି ଅପରାଧ ଥମିବାର ଲକ୍ଷଣ ଦେଖାଯାଉନି ।

ଆମ ଶାସ୍ତ୍ର କୁହେ, 'ମଣିଷ ଦେହେ ଦିବ୍ୟ ଜ୍ଞାନ / ଦେଖି ସନ୍ତୋଷ ଭଗବାନ ।' କିନ୍ତୁ ଏବେ ବାସ୍ତବରେ ଯାହା ଅନୁଭୂତ ହେଉଛି ସେଥିରୁ ମଣିଷ ଭିତରେ ଦିବ୍ୟ ଜ୍ଞାନ ପରିବର୍ତ୍ତେ ହିଂସା, ନିଶା, ଅପରାଧ ଭଳି ଆସୁରିକ ପ୍ରବୃତ୍ତି ବଢ଼ି ଚାଲୁଛି । ଗୋଟିଏ ମାଙ୍କଡ଼ କି କୁକୁର କି ଷଣ୍ଢଟିଏ କରୁଣାରେ ଥଳଥଳ ହୋଇ ଅଶ୍ରୁତର୍ପଣ କରୁଥିବାବେଳେ ହିତାହିତ ଜ୍ଞାନ ହରାଇ କଥାକଥାକେ ହିଂସ୍ର ମଣିଷ ଯେମିତି ଅପରାଧୀ ପାଲଟିଯାଉଛି ସେଥିରୁ ଆମେ କେବେ କଳ୍ପନା କରିଛେ କି- ଆମର ଗତି କୁଆଡ଼େ?

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ସ୍ୱାଧୀନତା ସଂଗ୍ରାମରେ ଗଞ୍ଜାମର ନାରୀଶକ୍ତି



ଡକ୍ଟର ବାସନ୍ତୀ ମହାନ୍ତି

ସମଗ୍ର ବିଶ୍ୱ ଇତିହାସରେ ନାରୀଶକ୍ତି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପୂର୍ବରୁ ଭାରତୀୟ ନାରୀମାନେ ଭାରତୀୟ ମୁକ୍ତି ସଂଗ୍ରାମରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲେ । କେବଳ ସେତିକି ନୁହେଁ, ଭୋଟଦାନ ଅଧିକାର ପାଇବାରେ ମଧ ଭାରତୀୟ ନାରୀମାନେ ପ୍ରଥମ ।

ଏସବୁ ସମ୍ଭବ ହୋଇଥିଲା ମହାତ୍ମା ଗାନ୍ଧିଙ୍କ ପାଇଁ, ବିଶ୍ୱର ଶକ୍ତିଶାଳୀ ଶକ୍ତି ବ୍ରିଟିଶ ରାଜ ବିରୋଧରେ ଅଶିକ୍ଷା, କୁଶିକ୍ଷା, ଅନ୍ଧବିଶ୍ୱାସ, ଦାରିଦ୍ର୍ୟ, ଜଡ଼ତା, ନିଷ୍କ୍ରିୟପଣରେ ଆକ୍ରାନ୍ତ ଭାରତୀୟମାନେ ସଶସ୍ତ୍ର ଯୁଦ୍ଧ କରି ବିଜୟୀ ହେବା ସହଜ କଥା ନଥିଲା । ମହାତ୍ମା ଗାନ୍ଧି ଭାରତର ଆତ୍ମାକୁ ଚିହ୍ନି ଥିଲେ । ଚିହ୍ନି ଥିଲେ ଭାରତୀୟମାନଙ୍କର ଆତ୍ମଶକ୍ତିକୁ । କେବଳ ଦୀର୍ଘଦିନର ପରାଧୀନତା ସେମାନଙ୍କୁ ଆଳସ୍ୟଗ୍ରସ୍ତ ଓ ନିର୍ଲିପ୍ତ କରି ରଖିଥିଲା । ନ୍ୟୁନବୋଧତା ଭିତରେ ସେମାନେ ସଢୁ ଥିଲେ । ଗୋଟାଏ ଦୁର୍ଦ୍ଦାନ୍ତ ଶାସକ ପାଖରୁ ନିରାପଦ ଦୂରତ୍ୱରେ ରହି ସମାଜ, ସଂସ୍କୃତି ଓ ଐତିହ୍ୟ, ପରମ୍ପରାକୁ କିପରି ସୁରକ୍ଷା କରାଯାଇ ପାରିବ, ସେଥିପାଇଁ ନାନା କାଇଦା କଟକଣା ବିଧିବିଧାନ ପ୍ରଚଳନ କରିଥିଲେ । ଏହି ରୀତିନୀତି ନିୟମକାନୁନ୍‌ର ଲକ୍ଷ୍ମଣରେଖାରେ ସବୁଠାରୁ ବେଶି ଆକ୍ରାନ୍ତ ହୋଇଥିଲେ ଆମ ମହିଳାମାନେ । ନିଜର ସକଳ ସାମର୍ଥ୍ୟ ବିସ୍ମୃତ ହୋଇ ଯାଇଥିଲେ । ଏମାନଙ୍କ ବିନା ଭାରତର ମୁକ୍ତି ସଂଗ୍ରାମ ସଫଳ ହେବ ନାହିଁ ବୋଲି ହୃଦ୍‌ବୋଧ କରିଥିଲେ ଗାନ୍ଧିଜୀ । ତାଙ୍କ ସଂଗ୍ରାମର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା ନାରୀ ଶକ୍ତିଙ୍କୁ ଜାଗ୍ରତ କରିବା। ସେଥିପାଇଁ ସେ ମାଧମ କରିଥିଲେ କସ୍ତୁର୍‌ବାଙ୍କୁ । ଓଡ଼ିଶାରେ ମଧ ନାରୀଶକ୍ତିଙ୍କୁ ଜାଗ୍ରତ କରିଥିଲେ ମହାତ୍ମା ଗାନ୍ଧି । ୧୯୨୧ ମସିହାରେ ସେ ଓଡ଼ିଶା ଆସିଥିଲେ । ପ୍ରଥମେ କଟକ ଓ ତା'ପରେ ସେ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରକୁ ଯାଇଥିଲେ । ନାରୀଶକ୍ତିକୁ ଉଦ୍‌ବୋଧନ ମାଧମରେ ସେ ଜାଗ୍ରତ କରାଇଥିଲେ । କିନ୍ତୁ ପରମ ବିସ୍ମୟର କଥା, ମହାତ୍ମା ଗାନ୍ଧି ଜନ୍ମ ହେବା ଶହେ ଦେଢ଼ ଶହ ବର୍ଷ ପୂର୍ବରୁ ଗଞ୍ଜାମର ଦୁଇଜଣ ବୀରାଙ୍ଗନା ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରି ସେମାନଙ୍କୁ ନାକେଦମ୍ କରି ଦେଇଥିଲେ । ଏ ସଂପର୍କରେ ଖୁବ୍ କମ୍ ଆଲୋଚନା ହୁଏ । ସେମାନେ ହେଉଛନ୍ତି ଖେମୁଣ୍ଡିର ହାରାମଣି ବିଶୋୟୀ ଓ ମହୁରୀର ରାଣୀ କୃଷ୍ଣପ୍ରିୟା ଦେବୀ ।

ଇଂରେଜମାନେ ଭାରତରେ ଉପନିବେଶବାଦ ବିସ୍ତାର କରିବା ସମୟରେ ସେମାନଙ୍କୁ ଦୁଇ ପ୍ରକାର ସମସ୍ୟାର ସମ୍ମୁଖୀନ ହେବା ପାଇଁ ପଡିଥିଲା । ୧୮୦୩ରେ ସେମାନେ ସମଗ୍ର ଓଡ଼ିଶାକୁ ଦଖଲ କଲେ । କିନ୍ତୁ ତା' ପୂର୍ବରୁ ସୀମାନ୍ତର ସାମନ୍ତ ଓ ରାଜାମାନେ ସେମାନଙ୍କୁ ରାଜ୍ୟରେ ପ୍ରବେଶ କରିବା ବେଳେ ପ୍ରଚଣ୍ଡ ପ୍ରତିରୋଧ କରିଥିଲେ । ଏ ପ୍ରତିରୋଧ ବର୍ଷ ବର୍ଷ ଧରି ଚାଲିଥିଲା । ୧୭୯୮ରେ ଖେମୁଣ୍ଡରି ରାଜା ନାରାୟଣ ଗଜପତି ଇଂରେଜମାନଙ୍କ ଅନୁପ୍ରବେଶକୁ ବିରୋଧ କରି ଆସୁଥିଲେ ।

୧୮୩୧ ଖ୍ରୀଷ୍ଟାବ୍ଦରେ ରାଜାଙ୍କର ମୃତ୍ୟୁ ପରେ ସେନାପତି କୃଷ୍ଣ ଚନ୍ଦ୍ର ବିଶୋୟୀ ଦୁର୍ଗ ସୁରକ୍ଷାର ଦାୟିତ୍ୱ ନେଲେ । ତାଙ୍କ ମୃତ୍ୟୁ ପରେ ୧୮୩୨ରେ ତାଙ୍କ ପତ୍ନୀ ହାରାମଣି ବିଶୋୟୀ ଗଡ଼ର ଦାୟିତ୍ୱ ନେଲେ । ଦୀର୍ଘ ଦଶବର୍ଷ କାଳ ସେ ଗରିଲା ଯୁଦ୍ଧ ଦ୍ୱାରା ଇଂରେଜ ସୈନ୍ୟମାନଙ୍କୁ ପ୍ରାଣାନ୍ତକ କରି ତା'ପରେ ପ୍ରାଣବଳୀ ଦେଇଥିଲେ । ତାଙ୍କ ବୀରତ୍ୱରେ ମୁଗ୍ଧ ହୋଇ ବ୍ରିଟିଶ୍ ସେନାପତି ତାଙ୍କୁ ଭୂୟସୀ ପ୍ରଶଂସା କରି କହିଥିଲେ, ସେ ମୋ ହୃଦୟରେ ଜଣେ ଅସାଧାରଣ ନାରୀ ରୂପେ ସ୍ଥାନ ପାଇବେ । ସେହିପରି ମହୁରୀର ରାଣୀ କୃଷ୍ଣପ୍ରିୟା ଦେବୀଙ୍କ ସ୍ୱାମୀ ପାରିବାରିକ ଷଡଯନ୍ତ୍ର କାରଣରୁ ମୃତ୍ୟୁ ବରଣ କରିବା ପରେ ୧୭୮୨ରୁ ୧୭୮୬ ପର୍ଯ୍ୟନ୍ତ ଇଂରେଜମାନେ ମହୁରୀ ରାଜ୍ୟକୁ ନିଜ କବ୍ଜାରେ ରଖିଥିଲେ । ରାଣୀ ଏହାର ଦୃଢ଼ ପ୍ରତିବାଦ କରି ସାହସର ସହ ଯୁଦ୍ଧ ଚଳାଇଥିଲେ । କୃଷ୍ଣପ୍ରିୟା ଦେବୀଙ୍କର ଏହି ଅସାଧାରଣ ବୀରତ୍ୱ ତାଙ୍କୁ ଇତିହାସରେ ଅମର କରି ରଖିଛି ।

ଗଞ୍ଜାମ ଜିଲ୍ଲାର ଏହି ଦୁଇ ବୀରାଙ୍ଗନାଙ୍କ ପରେ ସମୟର ଚକ୍ର ବଦଳିଗଲା । ଦେଶ ଇଂରେଜମାନଙ୍କ କବଳକୁ ଚାଲିଗଲା। ନାନା ସାମାଜିକ ବିପର୍ଯ୍ୟୟ ପରେ ନାରୀଶକ୍ତି ପୁନର୍ବାର ଶିଥିଳ ହୋଇଗଲା। ଏହି ଶକ୍ତି ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ପୁଣିଥରେ ଜାଗି ଉଠିଲା । ୧୯୨୧ ମସିହାରେ ଯେତେବେଳେ ମହାତ୍ମା ଗାନ୍ଧି ବ୍ରହ୍ମପୁର ଆସିଥିଲେ ତାଙ୍କ ପାଇଁ ଆବହନୀ ସଂଗୀତ ଗାନ କରିଥିଲେ ଅବର୍ତ୍ତୀ ଲକ୍ଷ୍ମୀବାଈ, 'ଜୟବାବା ଗାନ୍ଧି ମଙ୍ଗଳମ୍' ଶୀର୍ଷକ ଗୀତରେ ଅପୂର୍ବ ମୂର୍ଚ୍ଛନା ତୋଳିଥିଲେ ।

ଦେଶପ୍ରେମରେ ଆବାଳ ବୃଦ୍ଧ ବନିତା ଉଦ୍‌ବୋଧିତ ହୋଇଥିଲେ । ମହାତ୍ମା ଗାନ୍ଧିଙ୍କ ନିର୍ଦ୍ଦେଶରେ ସରଳା ଦେବୀ ଗଞ୍ଜାମର ମହିଳାମାନଙ୍କୁ ସଂଗଠିତ କରି ସେମାନଙ୍କୁ ଜାତୀୟ ଆନ୍ଦୋଳନରେ ସାମିଲ କରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ଗଞ୍ଜାମର ଯେଉଁ ମହିଳାମାନେ ସ୍ୱାଧୀନତା ସଂଗ୍ରାମରେ ପାଦ ରଖିଥିଲେ, ସେମାନେ ସମସ୍ତେ ଉଚ୍ଚବର୍ଗର ମହିଳା। ସମସ୍ତେ ପ୍ରାୟଃ ବ୍ରାହ୍ମଣ ଓ କରଣ ପରିବାରର । ଯେଉଁମାନେ ଏରୁଣ୍ଡି ଭିତରେ ଅୟସ ଆରାମରେ ରହୁଥିଲେ, ସୂର୍ଯ୍ୟ କିରଣ ମଧ ସେମାନଙ୍କୁ ସ୍ପର୍ଶ କରିପାରୁନଥିଲା, ସେମାନେ ରାଜରାସ୍ତାକୁ ବାହାରି ଆସିଲେ । ବିଶେଷତଃ ଲବଣ ସତ୍ୟାଗ୍ରହ ବେଳେ ଗଞ୍ଜାମ ସମେତ ସମଗ୍ର ଓଡ଼ିଶାରେ ନାରୀମାନେ ଯେପରି ସକ୍ରିୟ ହୋଇ ପଡିଥିଲେ, ତାହା ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ନାରୀମାନଙ୍କର ଏହି ନିର୍ଭିକତା, ସାହସିକତାକୁ ପ୍ରଶଂସା କରି ଜାତୀୟ କବି ବୀରକିଶୋର ଦାସ ଲେଖିଥିଲେ-

**'ଶୟନେ ସ୍ୱପନେ କିବା ଜାଗରଣେ**
**ସେହ ଗାନ୍ଧି କଥା ଭାବୁଛି,**
**କି ମନ୍ତର କଲା ସଭିଙ୍କୁ ଟାଣିଲା**
**ବଡ଼ ଆଚମ୍ବିତ ଲାଗୁଛି ।-**
**ଶୁଣି ଯେ ଡରଇ ମେଘ ଘଡ଼ଘଡ଼ି**
**ବାହାରି ନଥିଲା ଘରୁ ଗୋଡ଼ କାଢ଼ି,**
**ସେହି ନାରୀ ଆଜି ସମୁଦ୍ର ପନ୍ତାରେ**
**ଲୁଣ ଲାଗି ଜଳ ଭାଙ୍ଗୁଛି ।'**

**କ୍ରମଶଃ...**

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ମୋ- ୯୪୩୭୦୩୩୦୭୪

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ଥାନାର...

ଦାୟିତ୍ୱ ଦିଆଯାଇଛି । ତେବେ ଏହି ଘଟଣାର ନୂଆ ମୋଡ ଆସିଛି । ଥାର୍ଡଡିଗ୍ରୀ ଅଭିଯୋଗ ପରେ ଏବେ ଦୁର୍ଘଟଣା କାହାଣୀ କଥା ପୋଲିସ ପକ୍ଷରୁ କୁହାଯାଉଛି । ଗତ ୨୩ ତାରିଖରେ ବାଇକ୍‌ରୁ ପଡ଼ି ରାକେଶ ବେହେରା ନାମକ ଯୁବକ ଆହତ ହୋଇଥିଲେ । ତେବେ ୨୪ ତାରିଖରେ ତାଙ୍କୁ ମେଡ୍ ଏକ୍ସ ହସ୍ପିଟାଲ ଓ ପରେ ୨୫ ତାରିଖରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା । ୨୨ ତାରିଖରୁ ରାକେଶ ବାରଙ୍ଗ ଥାନା ହେପାଜତରେ ଥିବାବେଳେ ରାତି ଅଧରେ କେମିତି କାହା ସହ ବାଇକ୍‌ରେ ଯାଉଥିଲେ ଓ ଦୁର୍ଘଟଣା ଘଟିଲା ବୋଲି ପ୍ରଶ୍ନ ଉଠିଛି । ତେବେ ପୋଲିସ ଥାର୍ଡଡିଗ୍ରୀକୁ ଲୁଚାଇବା ପାଇଁ ଏଭଳି ମନଗଢ଼ା କାହାଣୀ କହୁଛି ବୋଲି ସନ୍ଦେହ ଉପୁଜୁଛି । ମେ' ୨୩ରେ ଯଦି ଦୁର୍ଘଟଣାରେ ହେଲା ତେବେ ୨୬ ତାରିଖରେ କାହିଁକି ଏତଲା ହେଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି ।

## ଏଏସ୍‌ପି...

ଆଉଟପୋଷ୍ଟର ଏଏସଆଇ ବୈକୁଣ୍ଠ ଜେନା ଏବଂ କନେଷ୍ଟେବଲ ସୁମନ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି । ଡ୍ରାଇଭର ହୋମଗାର୍ଡ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ କୌଣସି ଡ୍ୟୁଟିରେ ନଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ତାଙ୍କ ହୋମଗାର୍ଡ ସଙ୍ଗଠନରୁ ବିଚ୍ଛିନ୍ନ କରିବା ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି । କବିସୂର୍ଯ୍ୟନଗର ଥାନା ଏବଂ ବାଲିଚାଇ ଆଉଟପୋଷ୍ଟରେ କାର୍ଯ୍ୟରତ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଅନ୍ୟ ପୋଲିସ ସବ-ଡିଭିଜନକୁ ସ୍ଥାନାନ୍ତରିତ କରାଯିବ । ଏହି ତଦନ୍ତକୁ ନିରପେକ୍ଷ ରଖିବା ପାଇଁ ଏପରି କରାଯାଇଛି ବୋଲି ଆଇଜି ସୂଚନା ଦେଇଛନ୍ତି ।

## ଅଗ୍ରସର...

ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପାଇଁ କାଳବୈଶାଖୀ ବର୍ଷାର ସତର୍କତା ଜାରି କରାଯାଇଛି। ଏହି ସବୁ ଜିଲ୍ଲା ଗୁଡ଼ିକରେ ଝଡତୋଫାନ ବର୍ଷା ସହ ପବନ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ବୋହିବା ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଆର୍ଦ୍ରତା ବୃଦ୍ଧି ଯୋଗୁଁ ଗରମ ସହ ଗୁଳୁଗୁଳି ଅନୁଭୂତ ହେବା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ହେବା ସହ ଉପକୂଳ ଅଞ୍ଚଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଗୁଳୁଗୁଳି ହୋଇପାର ।

## ଖଣି ଅଞ୍ଚଳରେ...

ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣି ଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାସହିତ ଖଣିଜ ପଦାର୍ଥର ଉନ୍ନତ ବିଶ୍ଲେଷଣ ପାଇଁ ଆଧୁନିକ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି । ତେଣୁ, ଏଥିପାଇଁ ସମସ୍ତ ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଶି ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ସମସ୍ତ ବିଷୟ ଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ବୈଠକରେ ଖଣିଜ ଅଞ୍ଚଳର ବିକାଶ ଓ ସ୍ଥାନୀୟ ଲୋକଙ୍କର କଲ୍ୟାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଯୋଜନାଗୁଡ଼ିକୁ ସାଚୁରେସନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି । ତେଣୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତଥା ଡିଏମ୍‌ଏଫ୍ ପାଣ୍ଠି ଏବଂ କମ୍ପାନୀମାନଙ୍କର ସିଏସ୍‌ଆର ପାଣ୍ଠିକୁ ଖଣିଜ ଅଞ୍ଚଳରେ ଏକ ସମନ୍ୱିତ ପ୍ରଣାଳୀରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣତା ବା ସାଚୁରେସନ୍ ହାସଲ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିପାଇଁ ଓଡ଼ିଶାରେ ସି.ଏମ୍. ସମ୍ପଦା ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଖଣି ପିଏସ୍‌ୟୁମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ, ନେଭେଲି ଲିଗନାଇଟ କର୍ପୋରେସନ, ସିଙ୍ଗାରେନୀ କୋଲିଆରିଜ୍ କମ୍ପାନୀ ଲିମିଟେଡ, ନାଲ୍‌କୋ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଆଦି ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଇଡ୍‌କୋ ଅଧ୍ୟକ୍ଷା) ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ଖଣି ସଚିବ ଓ ଖଣି ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ତଦନ୍ତ...

ହୋଇଛନ୍ତି ଏକ ଟିମ୍ । ସୋମ୍ୟଙ୍କ ଜିଆରପିରେ କାମ କରୁଥିବା ବେଳେ ତାଙ୍କର ଚାକିରି କାର୍ଯ୍ୟକାଳର କଣ ସବୁ ଅଫିସିଆଲ୍ ତଥ୍ୟ ରହିଛି ସେ ନେଇ ତନାଘନା କରୁଛନ୍ତି ଏନଏଚ୍‌ଆରସି ଟିମ୍ । ଏନେଇ କଟକ ରେଲୱେ ଏସପି କାର୍ଯ୍ୟାଳୟର ଦୁଇ ଜଣ କର୍ମଚାରୀ ଆସି ହାଜର ହୋଇ ତଥ୍ୟ ରଖିଛନ୍ତି । ଖୁବଶୀଘ୍ର ରେଲୱେ ଏସପି ଭବାନି ଶଙ୍କର ଉଦଗାତା ମଧ୍ୟ ହାଜର ହେବେ । ଜାତୀୟ ମାନବାଧିକାର ଆୟୋଗରେ ହୋଇଥିବା ଅଭିଯୋଗ ମୁତାବକ ତଦନ୍ତ ଆରମ୍ଭ ହୋଇଛି । ଦୁଇଜଣିଆ ଟିମ ସାକ୍ଷୀମାନଙ୍କୁ ପଚରାଉଚରା କରିଛନ୍ତି । ସୋସିଆଲ ମିଡ଼ିଆର ଭାଇରାଲ ଭିଡିଓ, ପୀଡିତାଙ୍କ ବୟାନ, ପ୍ରତ୍ୟକ୍ଷଦର୍ଶୀଙ୍କ ମତକୁ ନେଇ ଖୋଳତାଡ଼ ହେବ । ପୋଲିସର ଅବହେଳା ପଛର କାରଣ ମଧ୍ୟ ଖୋଜିପାରେ ଏନଏଚ୍‌ଆରସି ଟିମ୍ । ସୌମ୍ୟଙ୍କ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରିପାରେ ଟିମ ।

## ଆମେରିକା...

ବାସ୍ତବରେ ଆମେରିକା ସହ ବୁଝାମଣା ଚାହୁଁଛି । ଏହା ସମସ୍ତଙ୍କ ପାଇଁ ଭଲ ହେବ । କୁଏତର ବାୟୁସେନା ମଧ୍ୟ ଆଜି ମିଶାଇଲ ଓ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ଦେଇଛି । କୁଏତର ବାୟୁସେନା ପ୍ରତିରକ୍ଷା ବ୍ୟବସ୍ଥା ମିଶାଇଲକୁ ଏହି ଡ୍ରୋନ୍ ଆକ୍ରମଣକୁ ପଣ୍ଡ କରିଛନ୍ତି ।

## ଓଡ଼ିଶାର...

ବୈଠକରେ ସ୍ଥାୟୀ ଡିଆରଆର ଅର୍ଥ ପରିଚାଳନା, ଭିତ୍ତିଭୂମି, ପୂର୍ବାନୁମାନ ଆଧାରିତ ପ୍ରତିକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ ।

ଏହି ସମ୍ମିଳନୀ ଓଡ଼ିଶା ପାଇଁ ଗୁରୁତ୍ୱ ବହନ କରୁଛି । ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ନେତୃତ୍ୱର ସ୍ଥାନ ପ୍ରଦାନ କରିବା, ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥା ଏବଂ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟର ସଫଳ ମଡେଲକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା, ଅନ୍ତର୍ଜାତୀୟ ସହଯୋଗ ଏବଂ ଓଡ଼ିଶାର ବିଶ୍ୱସ୍ତରୀୟ ପରିଚିତିକୁ ଆହୁରି ସମୃଦ୍ଧ କରିବ ।

# ବିପୁଳ ପରିମାଣରେ ମଦ ଜବତ, ୨ ଗିରଫ

ଧାମନଗର, (ସବ୍ୟୁ): ଧାମନଗର ଥାନା ଅନ୍ତର୍ଗତ ବାରିକପୁର ବଜାରର ଏକ ଦୋକାନରେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ମହଜୁଦ ରଖି ବିକ୍ରି କରାଯାଉଥିବାର ଅଭିଯୋଗ ପାଇ ଧାମନଗର ପୋଲିସ ଚଢାଉ କରିଥିବାବେଳେ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଧାମନଗର ଆଇଆଇସି ସୁବ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ କନେଷ୍ଟବଳ ନୀଳମଣି ବିଲାସ ଓ ଶିବ ପ୍ରସାଦ ଦାସ ସଦଳବଳେ ରବିବାର ସନ୍ଧ୍ୟାରେ ଉକ୍ତ ଚୋରା ମଦ ଦୋକାନ ଉପରେ ଚଢ଼ାଉ କରିଥିଲେ ।

ଚଢ଼ାଉ ସମୟରେ ଦୋକାନରୁ ୧୭ ପେଟି ବିଦେଶୀ ମଦ ଓ ୫୦ ପେଟି ଆସ୍କା ଫର୍ଟି ସମେତ ମୋଟ ୨୬୮ ଲିଟର ଚୋରା ମଦ ଜବତ କରାଯାଇଥିଲା ।ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସମ୍ପୃକ୍ତ ଅଭିଯୁକ୍ତ ଦୁଇଜଣ ହେଲେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଧୂଳିଗଡ଼ିଆ ଗ୍ରାମର ଉତ୍ତମ ଜେନା ଏବଂ ଧାମନଗର ଥାନା ଅଧୀନ ମଜୁରୀଗଡ଼ିଆ ଅଞ୍ଚଳର ବଳରାମ ଜେନା । ଧାମନଗର ଥାନାରେ କେସ ନମ୍ବର ୨୪୦/୨୬ରେ ଏକ ମାମଲା ରୁଜୁ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଏଏସଆଇ ନରେନ୍ଦ୍ର କୁମାର ରାଉତଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ସୁବ୍ରଜିତ ଦାଶ ସୂଚନା ଦେଇଛନ୍ତି ।

# ୫୩ ନଂ ୱାର୍ଡରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର): ଡଃ ବ୍ୟୋମକେଶ କାନୁନଗୋଙ୍କ ନେତୃତ୍ୱରେ ୫୩ନଂ ୱାର୍ଡ ଦରଖାପାଟଣା ସ୍ଥିତ ହର୍ଷିକା ମିଡିଆ କାର୍ଯ୍ୟାଳୟ ପରିସରରେ ସୋମାବର ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କେଭା ଆର୍ଯୁବେଦିକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଡା. ମଧୁମିତା ଦାସ, ଡା. ରାମବିଳାଶ ମେହେଟୋ, ଡା. ସମ୍ଭୁନାଥ ମେହେଟୋ ପ୍ରମୁଖ ଯୋଗଦେଇ ବିନା ମୂଲ୍ୟରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ଶିବିରରେ ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ତାପସ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିକାଶ ଦାସ, ମଧୁସ୍ମିତା କାନୁନଗୋ, ବିରଜା କାନୁନଗୋ, ନିଶିତ ଜେନା, ଶିବରାମ ସେଠୀ, କୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଭତ୍ତା ନ ମିଳିବାରୁ ପଞ୍ଚାୟତ ଆଗରେ ଧାରଣା

ସୋର, (ସବ୍ୟୁ) :ଗତ ତିନି ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ସହିତ ଅଧିକାଂଶ ହିତାଧିକାରୀ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସରୁ ଟଙ୍କା ଉଠାଇ ନପାରିବାରୁ ପଞ୍ଚାୟତ ସମ୍ମୁଖରେ ଭତ୍ତା ପାଇଁ ଧାରଣା ସହିତ ଦାବିପତ୍ର ଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ମଧୁସୁଦନପୁର ଗ୍ରାମ ପଞ୍ଚାୟତର ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତା ପାଉଥିବା ହିତାଧିକାରୀ ତିନି ମାସ ଧରି ଭତ୍ତା ପାଉନଥିବାରୁ ଅନେକ ଦୁଃଖ ଦୁର୍ଦ୍ଦଶା ମଧ୍ୟ ଦେଇ ଗତି କରୁଥିବା ସମୟରେ ତିନି ମାସ ଧରି ବ୍ୟାକ ଜମା ଖାତାକୁ ଭତ୍ତା ଟଙ୍କା ଆସୁନାହିଁ । ଅନେକ ହିତାଧିକାରି ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଜନିତ କାରଣରୁ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସରୁ ନିଜର ଭତ୍ତା ଟଙ୍କା ବାୟୋମେଟ୍ରିକ ବିଫଳ ହେବା କାରଣରୁ ଉଠାଇବାରେ ଅକ୍ଷମ ହେଉଛନ୍ତି । ଏହି ଭତ୍ତା ରାଶି ପଞ୍ଚାୟତ ମାଧ୍ୟମରେ ସିଧା ସଳଖ ପ୍ରଦାନ ପାଇଁ ଦାବି କରିଛନ୍ତି । ପଞ୍ଚାୟତର ସରପଞ୍ଚ ଓ ପିଇଓ ଙ୍କ ମାଧ୍ୟମରେ ସୋର ବିଡ଼ିଓ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସେମାନଙ୍କର ଦାବି ଜଣାଇଛନ୍ତି ।

# କରତକଳରେ ଚଢ଼ାଉ, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ

ସୋର,(ସବ୍ୟୁ): ସାର ବ୍ଲକ ତଳନଗର ପଞ୍ଚାୟତ ଗଣ୍ଡତରା ଗ୍ରାମରେ ଗଢ଼ିଉଠିଥିବା ଏକ ବେଆଇନ କରତକଳ ଉପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର କାଠ ଓ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଛି । ସୁଚନା ଅନୁସାରେ ସୋମବାର ଅପରାହ୍ଣରେ ଏଠାରେ ଚାଲିଥିବା ଏକ ବେଆଇନ କରତକଳ ବାବଦରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଲେଶ୍ୱର ଏସିଏଫ ତଟିନୀ ସେଠୀ ସଦଳବଳେ ଅଚାନକ ଚଢ଼ାଉ କରିଥିଲେ । ଏହି ସମୟରେ ସେଠାରେ କାମ କରୁଥିବା ଚାରିଜଣଙ୍କୁ ଅଟକ ରଖିବା ସହିତ ବିପୁଳ ପରିମାଣର କାଠ ଓ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରିଥିଲେ । ଏହି ଚଢ଼ାଉରେ ଔପଦା ରେଞ୍ଜର ହରିହର ମାଝୀ, ଖୁଣ୍ଟାପାଟଣା ସେକ୍ସନର ଫରେଷ୍ଟର ମିନତି ମାଝୀ, କୁପାରୀ ଫରେଷ୍ଟର ଦୁଷ୍ମନ୍ତ କୁମାର ଜେନା, ଫରେଷ୍ଟ ଗାର୍ଡ ଶ୍ୱେତପଦ୍ମା ମହାନ୍ତି, ଓ ପ୍ରମିଳା ମଲ୍ଲିକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ । ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଗଣ୍ଡଗୋଳ ଘଟଣାରେ ଦୁଇ ଗିରଫ

ସୋର,(ସବ୍ୟୁ): ଗତ ୨୮ ତାରିଖରେ ଇଦଉଲଜୁହା ପାଳନ ଅବସରରେ ପୌର ପାଳିକା ଅନ୍ତର୍ଗତ ଇଦଘା ପଡିଆରେ ପ୍ରଶାସନ ପକ୍ଷରୁ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଅବରୋଧ କରି ନମାଜ ପାଠ କରାଯାଇଥିଲା । ନମାଜ ପାଠ ପରେ ଭିଡକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସୋର ଡାକ୍ତରଖାନା ଛକ ଓ କୋର୍ଟ ଛକକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରା ଯାଇଥିଲା । ଏହି ସମୟରେ ଯାତାୟତକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମନୀଷ ଗୁପ୍ତା ପୁଲିସକୁ ଏ ବାବଦରେ ପ୍ରଶ୍ନ କରିଥିଲେ । ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ସମୟରେ ପୁଲିସ ସେଠାରେ ଉପସ୍ଥିତ ଥିବା ମନିଷ ଗୁପ୍ତାଙ୍କୁ ଥାନାରେ କିଛି ସମୟ ପାଇଁ ଅଟକ ରଖିଥିବା ବେଳେ ବାଲେଶ୍ୱର ଏସ୍ପି ପ୍ରତ୍ୟୁଷ ଦିବାକର ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ତେବେ ଉକ୍ତ ଗଣ୍ଡଗୋଳ ବାବଦରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଥାନାରେ କେଶ୍‌ନମ୍ବର ୪୫୪/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ଏହି ଘଟଣାରେ ପୁଲିସ ମେଘମାଧବ ଗ୍ରାମର ସେକ କରିମ (୨୮) ଏବଂ ପଠାଣ ମହଲ୍ଲା ଗ୍ରାମର ଜମାଲୁଦ୍ଦିନ ଖାନ (୨୮)କୁ ଗତକାଲି ରାତିରେ ଗିରଫ କରିଥିଲା । ସୋମବାର ମଧ୍ୟାହ୍ନରେ ସୋର ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି ।

# ବୈତରଣୀରେ ବୁଡି ଯୁବକ ମୃତ

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡାରୁ ୧୫ କିମି ଦୂର ବୈତରଣୀ ନଦୀର କେନ୍ଦୁଝର ଜିଲ୍ଲା ମନୋହରପୁର ନିକଟ ସୂନାମୁନି ଠାରେ ବୁଡ଼ିଯାଇ ଜଣେ ଯୁବକ ଜୀବନ ହାରିଛନ୍ତି ।ଆନନ୍ଦପୁର ହାଟଡିହି ବ୍ଲକ ନନ୍ଦିପଦା ଥାନା ଶାଳଣିଆ ଗ୍ରାମର ଓମ ପ୍ରକାଶ ଜେନା (୨୧) ନିଜ ସାଙ୍ଗ ମାନଙ୍କ ସହ ଭୋଜି କରିବାକୁ ରବିବାର ଆସିଥିଲେ । ରୋଷେଇ ସରିବା ପରେ ସମସ୍ତେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଓମପ୍ରକାଶ ପାଣିରେ ବୁଡି ଯାଇଥିଲେ ମଧ୍ୟ ସାଙ୍ଗମାନେ ଉଦ୍ଧାର କରିପାରିନଥିଲେ । ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ।

ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ପହଞ୍ଚି ଖୋଜା ଖୋଜି କରି ବିଫଳ ହୋଇଥିଲେ । ପୁନଶ୍ଚ ସୋମବାର ବହୁ ଖୋଜାଖୋଜି ପରେ ଅପରାହ୍ନରେ ଗଭୀର ଗଣ୍ଡରୁ ଓମପ୍ରକାଶ ଶବ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଶବକୁ ଆନନ୍ଦପୁର ପୋଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ଜଣାପଡିଛି । ଓମପ୍ରକାଶ ଶାଳଣିଆ ଗ୍ରାମର ପ୍ରଫୁଲ୍ଲ ଜେନାଙ୍କ ପୁଅ ଏବଂ ଗୋଟିଏ ବେସରକାରୀ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ଜଣାପଡିଛି ।

# ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ବାରଙ୍ଗ, (ସବ୍ୟୁ) ରବିବାର ରାତିରେ ରଘୁନାଥପୁର ଗାଁ ମୁଣ୍ଡରେ ହୋଇଥିବା କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିଲା ।ସୋମବାର ରାତିରେ ମୃତଦେହ ଘରକୁ ଆସିବା ପରେ ଶବ ରାସ୍ତା ଉପରେ ରଖି ପରିବାର ଲୋକ ରାସ୍ତାରୋକ କରିଥିଲେ। ଯାହାଫଳରେ ଗାଡିମଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା ।ନନ୍ଦନକାନନଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ପରିବାରକୁ ବୁଝାସୁଜା କରି ୬୦ହାଜାରେଟଙ୍କାର କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବାପରେ ୧ଘଣ୍ଟା ପରେ ରାସ୍ତାରୋକ ଉଠିଥିଲା ।

ପ୍ରକାଶ ଯେ,ରବିବାର ରାତିରେ ରଘୁନାଥପୁର ଗ୍ରାମ ଶବରସାହିର ପଞ୍ଚାନନ ନାୟକ ନାମକ ବ୍ୟକ୍ତି ଦୂଳାଦେଇ ଛକରୁ ସାଇକେଲରେ ଚାଉଳ ନେଇ ଘରକୁ ଆସୁଥିଲେ ।ଏହି ସମୟରେ ପଛପଟରୁଓଡ଼ି ୦୫ ବିଏଫ ୦୪୬୪ ନମ୍ବରର କାରଟି ଦୃତଗତିରେ ଆସି ପଛପଟୁ ତାଙ୍କୁ ଧକ୍କା ଦେଇ ତାଙ୍କୁ କିଛି ଦୂର ଘୋଷାଡ଼ି ନେଇଯାଇଥିଲା ।ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଗୁରୁତର ଆହତ ପଞ୍ଚାନନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା ।ମୃତଦେହ ବ୍ୟବଚ୍ଛେଦ ହୋଇ ସୋମବାର ରାତିରେ ମେଡିକାଲରୁ ଘରକୁ ଆସିଥିଲା ।ଏହାପରେ ଗ୍ରାମବାସୀମାନେ ଶବ ରାସ୍ତାରେ ରଖି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଭୁବନେଶ୍ୱର କଟକ ରାସ୍ତାକୁ ରଘୁନାଥପୁର ଗାଁ ମୁଣ୍ଡରେ ଅବରୋଧ କରିଥିଲେ ।ଯାହାଫଳରେ ଉଭୟ ପଟରୁ ଶହଶହ ଗାଡିମଟର ଅଟକି ରହିଥିଲା ।ଦୀର୍ଘ ୧ଘଣ୍ଟା କାଳ ରାସ୍ତା ଅବରୋଧ ପରେ ନନ୍ଦନକାନନ ଆଇଆଇସି ବିଭୁତିଭୁଷଣ ମୁଦୁଲି ଆସି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିବା ସହ ମୃତକ ପରିବାରକୁ ୬୦ହଜାରେ ଟଙ୍କାର କ୍ଷତିପୁରଣ ଦେବାର ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ଉଠିଥିଲା । ଅନ୍ୟପଟେ ମୃତ ପଞ୍ଚାନନ ଭାଇ ଲକ୍ଷ୍ମୀଧର ନାୟକ ଙ୍କ ଅଭିଯୋଗ କ୍ରମେ ନନ୍ଦନକାନନ ଥାନା ରେ ୨୪୫/୨୬ କେସ ନମ୍ବର ରୁଜୁ କରି ନନ୍ଦନକାନନ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ବଡମ୍ବା ଅଞ୍ଚଳର ଅଭିମାନପୁର ଗ୍ରାମର କାର ଚାଳକ ଅଭିଷେକ ପଣ୍ଡା (୨୮ ବର୍ଷ) କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ।

# ମହାନଦୀ ଗର୍ଭରେ ଐତିହ ସମ୍ପନ୍ନ ଗ୍ରାମ ପଦ୍ମାବତୀ

ଭାପୁର, (ସବ୍ୟୁ) : ମହାନଦୀ ଓଡ଼ିଶାର ସଭ୍ୟତା, ସଂସ୍କୃତି, ଐତିହ୍ୟ , ନୌବାଣିଜ୍ୟ ,ଆର୍ଥିକ ପ୍ରଗତୀର ବାର୍ତାବହ । ଏହାର ଦୁଇ କୂଳରେ କାଳକ୍ରମେ ଗଢି ଉଠିଥିବା ଜଳବସତିକୁ ନେଇ ଗଢି ଉଠିଥିଲା ' ମହାନଦୀ ଅବବାହିକା ସଭ୍ୟତା' ଯାହା ଓଡ଼ିଶାର ଅନ୍ୟତମ ପୁରାତନ ସଭ୍ୟତା ବୋଲି କୁହାଯାଏ । ସେହି ସଭ୍ୟତାର ଅନ୍ୟତମ ପ୍ରମୁଖ ଭାଗ ହେଲା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ । ପଦ୍ମାବତୀ ଗ୍ରାମରେ ମୁଖ୍ୟତଃ ବେପାରବାଣିଜ୍ୟ କରୁଥିବା ତୈଳିକ ମହାଜନ ଓ ମହାନଦୀରେ ନୌକା ଚାଳନା କରୁଥିବା କୈବର୍ତ୍ତ ସମାଜର ଯୁଗଳବନ୍ଦୀରେ ସମ୍ବଲପୁର ଠାରୁ କଟକ ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ କରି ପଦ୍ମାବତୀ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।ଏହି ଗ୍ରାମର କଳା, ସଂସ୍କୃତି, ପରମ୍ପରା ଓ ଆର୍ଥିକ ପ୍ରଗତୀର ମୁକସାକ୍ଷୀ ଭାବେ ପ୍ରତିଷ୍ଠିତ ହୋଇଥିଲେ ।ଗ୍ରାମରଆରାଧ୍ୟ ଗୋପୀନାଥ ଜୀୟୁ , ରାସବିହାରୀଙ୍କ ମନ୍ଦିର । ଏହି ଐତିହ୍ୟ ସମ୍ପର୍ଣ୍ଣ ଗାଁ ୧୯୩୩ ମସିହାର ମହାନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ ଗ୍ରାମଟି ସମ୍ପୂର୍ଣ୍ଣ ଭାବେ ମହାନଦୀ ଗର୍ଭରେ ଲୀନ ହୋଇଯାଇଥିଲା । ଏହାପରେ ଅନେକ ନିଜ ଭିଟାମାଟି ଛାଡି ନିକଟସ୍ଥ ରଗଡିପଡା, ଟିକିରିପଡା, ଯଶୋବନ୍ତପୁର, କାଚେରାଟାଙ୍ଗୀ(ହେମନ୍ତପାଟଣା), ମାଳିବେରେଣୀ ଓ ବଡମ୍ବାରେ ରହିବାକୁ ଆରମ୍ଭ କରିଥିଲେ । କେତେକ ମାଟି ମାଆକୁ ଛାଡି ନ ପାରି ମାଙ୍କଡ଼ ଖିଆ ପାହାଡ ପାଦଦେଶରେ ଥିବା ବୋରେହୀ ଜଙ୍ଗଲକୁ ସଫାକରି ସେଠାରେ ନୂତନ ପଦ୍ମାବତୀ ଗ୍ରାମ ସ୍ଥାପନ କରିଥିଲେ ।

ମହାନଦୀରେ ଲିନ ହୋଇଯାଇଥିବା ପଦ୍ମାବତୀ ଗ୍ରାମ ଓ ମହାନଦୀ ଅବବାହିକା ସଭ୍ୟତା ଉପରେ ଆଜି ପର୍ଯ୍ୟନ୍ତ ସରକାରୀ ଭାବେ କି ବେସରକାରୀ ଭାବେ ଗବେଷଣା କି ଅନୁସନ୍ଧାନ ହୋଇନାହିଁ । ମାତ୍ର ଏହି ଅନାଲୋଚିତ ମହାନ ସଭ୍ୟତା ଓ ସଂସ୍କୃତି ସମ୍ପର୍ଣ୍ଣ ଗାଁ ଉପରେ ଗବେଷଣା କରିବା ପାଇଁ ସେହି ଐତିହ୍ୟ ସମ୍ପର୍ଣ୍ଣ ଗ୍ରାମର ବୁଡି ଯାଇଥିବା ଗ୍ରାମର ମନ୍ଦିର ଚୂଡା ମହାନଦୀର ଜଳରାଶିରେ ଉଭା ହୋଇ ଐତିହ୍ୟ କାହାଣୀ କହୁଛି ।


**ZILLA SWASTHYA SAMITI, NAYAGARH**

**(Department of Health & FW. Govt, of Odisha)**
**Notice No : 1251 / 2026 Date : 01.06.2026**

10001/211/2627

**NOTICE**

Keeping in view some unavoidable circumstances, that the post of Pharmacist-cum-Logistic Asst., Immunisation Computer Asst. & Social Worker (DEIC/ NTCP) advertised vide this Office Advertisement No. 2799 Dated 17.10.2022 is hereby cancelled.

Sd/-
CDM & PHO, Nayagarh

OIPR : 10001/10050/1/26-27/0001

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA:
DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,
E-Mail : unit-head balimela@Yahoo.com
REGD. OFFICE:ODISHA HYDRO POWER CORPORATION LIMITED
(A Govt, of Odisha Undertaking)
4001/119/2627
BHOI NAGAR,JANAPATH,BHUBANESWAR-751022
Tel.91-0674-2542983. 2542802,2545526 , Fax: 2542102, GRAM HYDROPOWER,
E-MAIL: ohpc co@gmail.com/ md@ohpcltd.com, Web : www.ohpcltd.com
CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No. BHEP/ 08/2026-27, Dtd. 27.05.2026**

The sealed tenders are invited in two part bid basis (Part-A: Technical Bid &Part-B: Price Bid) from the reputed **Manufacturers** / **Authorized Dealer** / **Channel Partner** / **Reputed Supplier** as per eligibility criteria for the supply of following measuring instruments.

| Sl. No. | Name of the Work | Cost of Tender Paper (In Rs.) |
|---|---|---|
| 1. | Procurement of 01 No. of Transformer Winding Resistance Meter, 01 Set of Circuit Breaker Operational Analyzer and 01 No of Leakage Current analyzer of BHEP, Balimela | Rs. 11800/- (Rs. 10000/- +GST@18%) |

| | | |
|---|---|---|
| Availability of bid document | : | From 10:00 Hrs. of 07.06.2026 to 12:00 Hrs. of 20.06.2026 |
| The last date & time of receipt of tenders | : | Up to 12:00 Hrs. of 20.06.2026 |
| Date and time of opening of the Bid | : | 12:30 Hrs. onwards 20.06.2026 |

For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**

Sd/- C & P Head
BHEP, Balimela

OIPR : 4001/4019/1/26-27/0009

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
Housing & Urban Development Department, Govt. of Odisha
13001/718/2627
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagatsinghpur (Odisha), Pin-754142

**OFFICE OF THE PARADEEP MUNICIPALITY, PARADEEP**
**Quotation Call Notice no. 2301 / dt. 30.05.2026**

The Executive Officer, Paradeep Municipality on behalf of Paradeep Municipality. Paradeep. Dist-Jagatsinghpur invites sealed quotations from the intending registered suppliers/ agencies having valid eligible license/ registration certificate. PAN, GSTIN from competent authority in order to supply of construction vehicle, machinery & equipment (details in BoQ-A) to Paradeep Municipality for different works. The rate for each categories of vehicle should be mentioned clearly in the BoQ/ prescribed format (Annexture-A). The quotation schedule (DTCN) along with terms and conditions can be downloaded from Paradeep Municipality website www.paradeepmunicipality .in from date.01.06.2026 to date. 11.06.2026 on payment of Rs. 6000.00 (Rupees:- Six Thousand ) only (non-refundable) in shape of Cash/ bank draft/ bankers cheque drawn in favour of Executive Officer. Paradeep Municipality payable at Paradeep from any nationalized bank. The quotation alongwith all documents should reach the office of the Paradeep Municipality. Paradeep on or before date. **12.06.2026** upto **11.00 AM**. Quotation reached after due date and time will not be taken into consideration. The Quotation will be opened on the same day at 1.00 PM in presence of the quotationer or their authorized representatives. The undersigned has the rights to accept, cancel or reject any or all the quotations with assigning any reason thereof.

Sd/- Executive Officer
Paradeep Municipality

OIPR : 13001/13120/1/26-27/0005

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 27.05.2026 I,Babur Jena S/o - Bhim Jena Resident At-Dimisar P.O- Dimisar P.S-Sarankul Dist-Nayagarh,PIN-752092 declare that I have changed my name from Babru Jena to Babur Jena Henceforth, I shall be known as Babur Jena for all purposes.

Sd/- Babur Jena

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 22.05.2026 Rojina Nayak W/o -Surendra Prasad Nayak Resident of Village-Korada P.O- Korada P.S- Nuagaon Dist-Nayagarh,PIN-752083 declare that I have changed my minor daughter's name from Sthiti Prangya Nayak to Sthitiprangya Nayak Henceforth, She shall be known as Sthitiprangya Nayak for all purposes.

Sd/- Rojina Nayak

**DISTRICT OFFICE MAYURBHANJ, BARIPADA**

24001/206/2627

**(SOCIAL WELFARE SECTION)**
**Notice No. 3080 Dt. 01.06.2026**

**"Advertisement for Submission of Tender for Transportation of food stuff under SNP"**

Applications are invited from the registered farm/Transport contractor/Agent intending for "Submission of Tender for Transportation of food stuff under SNP"

The last date for submission of tender papers is 17.06.2026, 5:00PM and will be opened on 18.06.2026 at 11:00AM. For more details kindly visit https://mayurbhanj.odisha.gov.in.

Sd/-
District Social Welfare Officer
Mayurbhanj

OIPR : 24001/24058/1/26-27/0005

**OFFICE OF THE MUNICIPAL COUNCIL, CHOUDWAR**

Govt, of Odisha (H&U.D Deptt) CUTTACK (ODISHA)
PIN-754071 Phone No- 0671-2394272(O)
e-mail: choudwarmunicipality@gmail.com

Letter No. 3381 Date : 27.05.2026

13001/722/2627

**QUOTATION CALL NOTICE**

Sealed quotation , in conformity with detailed quotation call notice are invited from intending farms/ manufacturers / suppliers/ Authorized Distributor/dealers having eligibility criteria as mentioned in the Quotation to **supply, install & commissioning of Incinerator machine with Two years AMC** as per specification details mentioned, so as reach before the Executive Officer, Choudwar Municipality through registered post/ speed post/ Courier Service/ by hand in drop box up to **12:30 PM** on **Dt. 06.06.2026**. Quotation documents are to be obtained from Choudwar Municipality on deposit of non-refundable cost of tender document of **Rs. 3,000/-(Rupees Three Thousand) only** from **Dt. 29.05.2026** to **Dt. 05.06.2026** during office hours. The tenderers are also required to deposit EMD of **Rs. 10,000/- (Rupees Ten Thousand) only** in the shape of Demand Draft in favour of the Executive Officer, Choudwar Municipality along with the tender. The bid will be opened at **01:00 PM** on **Dt. 06.06.2026** in the presence of the quotationer or their authorized representatives. Choudwar Municipality will not be responsible for any delay in receipt of tender documents. **The undersigned reserves the right to cancel the Quotation at any time without assigning any reason thereof**.

Sd/- Executive Officer
Choudwar Municipality

OIPR : 13001/13138/1/26-27/0011



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

### ପ୍ରକୃତି ସହ ଟିପିଡବ୍ଲୁଓଡିଏଲ୍‌ର ସଂଘର୍ଷ

# ବିପର୍ଯ୍ୟସ୍ତ ବିଦ୍ୟୁତ୍ ଭିତ୍ତିଭୂମି, ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହଜାର ହଜାର କର୍ମଚାରୀ

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ପଶ୍ଚିମ ଓଡ଼ିଶା ସବୁଠାରୁ ଅଧିକ ଏବଂ ଭୟାବହ କାଳବୈଶାଖୀର ସମ୍ମୁଖୀନ ହେଉଛି । ଏହି କାଳବୈଶାଖୀର ତୀବ୍ରତା ସ୍ୱାଭାବିକଠାରୁ ବହୁ ମାତ୍ରରେ ଅଧିକ ରହୁଥିବା ବେଳେ ଏହାର ବାରମ୍ବାରତା ମଧ୍ୟ ଲାଗି ରହିଛି । ଗତ ଦୁଇ ସପ୍ତାହ ମଧ୍ୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚୁଛି । କରାଳ ରୂପି କାଳବୈଶାଖୀର ପ୍ରଭାବରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ସୋନପୁର, କଳାହାଣ୍ଡି, ନୂଆପଡ଼ା ଏବଂ ଦେଓଗଡ଼ ଜିଲ୍ଲାର ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ କ୍ଷୟକ୍ଷତି ହେବା ଫଳରେ ବିଦ୍ୟୁତ୍ ଗ୍ରାହକମାନେ ଗୁରୁତର ଭାବରେ ପ୍ରଭାବିତ ହେଉଛନ୍ତି । ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଭିତ୍ତିଭୂମିର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବା



ବେଳକୁ ଆଉ ଏକ କାଳବୈଶାଖୀ ଆସି ପୁନଃ କ୍ଷୟକ୍ଷତି ଘଟାଉଛି । ଯାହା ଏବେ ପ୍ରକୃତି ସହ ଟିପିଡବ୍ଲୁଓଡିଏଲର ସଂଘର୍ଷ ଭଳି ଚିତ୍ର ସୃଷ୍ଟି କରୁଛି ।

ସଦ୍ୟତମ ଘଟଣା, ଗତ ୩୦ ତାରିଖରେ ହଠାତ୍ ପ୍ରଚଣ୍ଡ କାଳବୈଶାଖୀ ସମ୍ବଲପୁର, ରାଉରକେଲା, ବରଗଡ଼, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡ଼ା, ସୋନପୁର ଏବଂ ଦେଓଗଡ଼ ଜିଲ୍ଲାରେ ତାଣ୍ଡବ ରହିଥିଲା । ଯାହା ଫଳରେ ପ୍ରାୟ ୧୭ ଲକ୍ଷ ବିଦ୍ୟୁତ୍ ଗ୍ରାହକ ପ୍ରଭାବିତ ହୋଇଥିଲେ । ମାତ୍ର ଟିପିଡବ୍ଲୁଓଡିଏଲର ରକ୍ଷଣାବେକ୍ଷଣକାରୀ ଦଳ ଅସାଧାରଣ ପ୍ରତିବଦ୍ଧତା ଦେଖାଇ ଗତ ୩୧ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ପ୍ରାୟ ୯୯.୫%ରୁ ଅଧିକ ପ୍ରଭାବିତ ଗ୍ରାହକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପିତ କରିପାରିଥିଲେ । ଅବଶିଷ୍ଟ ଅଞ୍ଚଳଗୁଡ଼ିକରେ ସେବାକୁ ସ୍ୱାଭାବିକ କରିବା ପାଇଁ ଟିପିଡବ୍ଲୁଓଡିଏଲର ରକ୍ଷଣାବେକ୍ଷଣକାରୀ ଦଳ ଫ୍ଲଡ୍ ଲାଇଟ୍ ଏବଂ ଜରୁରୀକାଳୀନ ସରଞ୍ଜାମ ସହ ରାତି ତମାମ୍ କାର୍ଯ୍ୟରେ ନିୟୋଜିତ ରହିଥିଲେ ।

ଗତ ଦୁଇ ଦିନର କାଳବୈଶାଖୀର କ୍ଷୟକ୍ଷତିର ପ୍ରାଥମିକ ମୂଲ୍ୟାଙ୍କନରୁ ଜଣାପଡିଛି ଯେ, ୧୦୦୦ରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଛି, ପ୍ରାୟ ୨୫୦୦+ କିଲୋମିଟର ୩୩ କେ.ଭି., ୧୧ କେ.ଭି. ଏବଂ ଏଲଟି ଲାଇନ୍ ଛିଣ୍ଡି ପଡ଼ିଛି । ଗଛ ପଡ଼ିବା ଏବଂ ବାତ୍ୟାଜନିତ ଧ୍ୱଂସାବଶେଷ ଯୋଗୁଁ ବିତରଣ ଟ୍ରାନ୍ସଫର୍ମର ଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଟିପିଡବ୍ଲୁଓଡିଏଲର ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପ ଦଳ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ କରିବା ପାଇଁ ଦିନରାତି କାର୍ଯ୍ୟ କରୁଛନ୍ତି । ପାଞ୍ଚଟି ଜିଲ୍ଲାରେ ୭୮୭୩ ରୁ ଅଧିକ ଲାଇନମେନ୍, ଅଧିକାରୀ ଏବଂ ବ୍ୟବସାୟିକ ସହଯୋଗୀଙ୍କୁ ନିୟୋଜିତ କରାଯାଇଛି । ଉପରୋକ୍ତ ମାନବସମ୍ବଳ ବ୍ୟତୀତ ପ୍ରାୟ ୧୦୦୦ ଜଣ ମାନବସମ୍ବଳ ପ୍ରକଳ୍ପ ବିଭାଗରୁ ମଧ୍ୟ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । କାଳବୈଶାଖୀର ପ୍ରଭାବ ଏବଂ ପୁନଃରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ଏହା ଏକ ଅସାଧାରଣ ପରିସ୍ଥିତି । ବଜ୍ରପାତ, ବର୍ଷା ଓ ଉପୁଡ଼ି ପଡୁଥିବା ଗଛ ମଧ୍ୟରେ ଆମର ଦଳଗୁଡ଼ିକ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ।

### କଂଗ୍ରେସର ତୃଣମୂଳ ସଂଗଠନ ଦୃଢ଼

# ଦଳକୁ ଆଉ କେହି ଅଟକାଇପାରିବେନି: ଭକ୍ତ

ଭୁବନେଶ୍ୱର,(ସବ୍ୟୁ) : ରବିବାର ସନ୍ଧ୍ୟାରେ ହୋଟେଲ ଏଚ୍‌ଏଚ୍‌ଆଇରେ ପିସିସି ସାମାଜିକ ଗଣମାଧ୍ୟମ ବିଭାଗ ପକ୍ଷରୁ ଆୟୋଜିତ "ମିଟ୍-ଦି-ପ୍ରେସ୍' କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ବିଭିନ୍ନ ଆଲୋଚନା କରିଥିଲେ । ଶ୍ରୀ ଦାସ କହିଥିଲେ ଯେ ଅଶୀ ଦଶକରେ କଳାହାଣ୍ଡିରେ ଦୁର୍ଭିକ୍ଷ ଭଳି ପରିସ୍ଥିତିରେ ଆମର ସଂଘର୍ଷମୟ ବ୍ୟାଖ୍ୟାନକୁ ଅନ୍ତର୍ଜାତୀୟ ସ୍ତର ଯାଏ ନେବାରେ ସାମ୍ବାଦିକମାନଙ୍କର ଭୂମିକା ରହିଛି । ସେହି ସମୟରେ ବାଲିଆପାଳ ଘାଟି ଆନ୍ଦୋଳନ, ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ସହ କଳାହାଣ୍ଡିର ଗଣଦାରିଦ୍ର୍ୟ ମଧ୍ୟ ଶିରୋନାମା ମଣ୍ଡନ କରୁଥାଏ । ସାମ୍ବାଦିକ ମାନେ ଯୁବଛାତ୍ର ସଂଘର୍ଷ ବାହିନୀର ଆମର ଆନ୍ଦୋଳନକୁ ନିୟମିତ ଲୋକଲୋଚନକୁ ଆଣୁଥିଲେ । ତେବେ ୧୯୮୯ରେ ଲୋକସଭାକୁ ନିର୍ବାଚିତ ହୋଇ ପ୍ରଥମେ କେନ୍ଦ୍ରରେ ମନ୍ତ୍ରୀ ଓ ପରେ ଅନେକ ରାଜ୍ୟର ପ୍ରଭାରୀ ଦାୟିତ୍ୱ ନେବା ଫଳରେ ମୁଁ ଦିଲ୍ଲୀ କୈନ୍ଦ୍ରିକ ହେବାରୁ ଓଡ଼ିଶାର ସାମ୍ବାଦିକ ଜଗତ ସହ ସବୁବେଳେ ସମ୍ପର୍କରେ ରହିବା ସମ୍ଭବ ହେଲାନାହିଁ ।

ଅବିଭକ୍ତ ବଲାଙ୍ଗୀରରେ ୩୨୦ କି.ମି. ପଦଯାତ୍ରା କରି ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲୁ । ସେଥିରେ ଗଣମାଧ୍ୟମର ସହଯୋଗ ଥିଲା । ନିୟମଗିରିର ସୁରକ୍ଷା ପାଇଁ ୫ ବର୍ଷର ସଂଘର୍ଷକୁ ମଧ୍ୟ ଗଣମାଧ୍ୟମ ଗୁରୁତ୍ୱ ଦେଇଥିଲା । ଏହି ସଫଳ ଆନ୍ଦୋଳନ ପ୍ରମାଣ କରିଦେଇଥିଲା ଯେ ଅହିଂସାତ୍ମକ ଆନ୍ଦୋଳନ ଆଜି ବି ସମ୍ଭବ । କେନ୍ଦ୍ରରେ ଆମର ସରକାର ଥିବାରୁ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ତର ଯାଏ ନେବା ଆମ ପକ୍ଷରେ ସହଜ ହୋଇଥିଲା । ଅନ୍ୟ ପକ୍ଷରେ, ପିସିସି ସଭାପତି ଭାବେ ଦାୟିତ୍ୱ ନେବା ଦିନଠୁ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନକୁ ନେଇ ଆମେ ଏତେ କ୍ରିୟାଶୀଳତା ଦେଖେଇଛୁ ଯେ ଗଣମାଧ୍ୟମକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସମୟ ବାହାର କରିପାରିନୁ । ଏଣେ ସମୟ ବଦଳିଯାଇଛି । ଡବଲ-ଇଂଜିନ ସରକାର ଆନ୍ଦୋଳନଗୁଡ଼ିକୁ ଚପେଇ ଦେବାର ମାନସିକତା ନେଇ ଚାଲିଛନ୍ତି । ମହିଳା, ଛାତ୍ରଛାତ୍ରୀ, ଚାଷୀ, ଦୁର୍ନୀତି -ଏ ସବୁକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରିଛୁ । ଗତ ୨ ମାସ କାଳ ଆମେ ତୃଣମୂଳ ସ୍ତରରେ ଆମ ଭିତ୍ତିଭୂମି ଓ ସଂଗଠନ ସଜାଡ଼ିବା କାମରେ ଲାଗିଛୁ । ତେଣୁ କାର୍ଯ୍ୟକ୍ରମ କିଛିଟା କମିଛି । ଆଉ ପ୍ରାୟ ମାସେ ମଧ୍ୟରେ ଆମେ ସମସ୍ତ ୬,୭୯୪ ପଂଚାୟତ, ୩୧୪ ବ୍ଲକ୍, ୧୪୫ ପୌରାଂଚଳ, ୮୫୩ ଜିଲ୍ଲା ପରିଷଦ ଜୋନ୍ ତଥା ୪୫,୨୫୫ ମତଦାନ କେନ୍ଦ୍ର ପାଇଁ ଆମ ପ୍ରତିନିଧି ବାଛିବା କାମ ଶେଷ କରିବୁ । ଗାନ୍ଧୀ-ଗୋପବନ୍ଧୁଙ୍କ ବିଚାରଧାରାକୁ ପାଥେୟ କରି ଆମେ ଆଗକୁ ମାଡ଼ିଚାଲିବୁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଥିଲେ । ଏବର ସରକାର ହିଂସା ସ୍ଥାପନ କରୁଛନ୍ତିଛ ବିଧାୟକମାନେ ଖୋଲାଖୋଲି ହିଂସାର କଥା କହୁଛନ୍ତି । ରାଜ୍ୟର ସବୁ ପ୍ରାକୃତିକ ବିଭବକୁ ପୁଞ୍ଜିପତିଙ୍କ ହାତରେ ଟେକିଦେବା ପାଇଁ ମୋଦୀ ନିଜ ପସନ୍ଦର ଜଣେ ନିର୍ମାୟା ଲୋକକୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଛନ୍ତି ।

## ବିଶ୍ୱ ଦୁଗ୍ଧ ଦିବସ : ବୃଦ୍ଧାଶ୍ରମରେ ଦୁଗ୍ଧ ବଣ୍ଟନ କଲା ଓଡିଶା ଦୁଗ୍ଧ ଚାଷୀ ମହାସଂଘ



ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଦୁଗ୍ଧ ଦିବସ ଉପଲକ୍ଷେ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ୍ଧାଶ୍ରମରେ ରହୁଥିବା ଅସହାୟ ବୁଢ଼ା, ବୁଢ଼ୀଙ୍କୁ ଓଡିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଦୁଗ୍ଧ ଓ ବିସ୍କୁଟ ବଣ୍ଟନ କରାଯାଇଛି. ମହାସଂଘର ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ଏହାର ସ୍ୱେଚ୍ଛାସେବୀମାନେ ସକାଳ ୯ ଘଟିକା ସମୟରେ ପହଁଚି ଦୁଗ୍ଧ ବଣ୍ଟନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକ ଯୋଗ ଦେଇ ମହାସଙ୍ଘର ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ. ମହାସଂଘର ସମ୍ପାଦକ ନାରାୟଣ ଡ଼ାଲୁଆ ବିଶ୍ୱ ଦୁଗ୍ଧ ଦିବସର ତାତପର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ. ଚାଷୀ ନେତା ତାପସ ଦାସ, ସମାଜସେବୀ କୈଳାସ ବେହେରା, ସୁଶାନ୍ତ ଗୌଡ଼ ଓ ବଟକୃଷ୍ଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ. ୍ଧାଶ୍ରମର ସମ୍ପାଦକ ବିଚିତ୍ରାନନ୍ଦ ଖୁଣ୍ଟିଆ ତାଙ୍କ ବକ୍ତବ୍ୟରେ ଓଡିଶା ଦୁଗ୍ଧ ଚାଷୀ ମହାସଂଘର ଏହି ଅଭିନ ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

### ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

# ବରିଷ୍ଠ ବ୍ୟକ୍ତିଗତ ସଚିବ ସୁଶାନ୍ତ ବେହେରାଙ୍କ ଅବସର ଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିବା ସୁଶାନ୍ତ କୁମାର ବେହେରା, ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀ କଲ୍ୟାଣ କୁମାର ରଥ ଅଧ୍ୟକ୍ଷତା କରି ଶ୍ରୀ ବେହେରାଙ୍କ କର୍ତ୍ତବ୍ୟ ନିଷ୍ଠା, ଏକାଗ୍ରତା ଓ ସମୟାନୁବର୍ତ୍ତିତାର ସହ କାର୍ଯ୍ୟ ସଂପାଦନ ଶୈଳୀକୁ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ବରିଷ୍ଠ ପରାମର୍ଶଦାତା



ଦେବେନ୍ଦ୍ର କୁମାର ଜେନା, ଅନୁ ଶାସନ ସଚିବ ଗାୟତ୍ରୀ ସାମନ୍ତରାୟ, ଅନୁ ଶାସନ ସଚିବ ଅଂଶୁମାନ ରଥ, ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଡଃ ଉପାସନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ଅଭିପ୍ସା କାନୁନ୍‌ଗୋ, ଲୋକ ସଂପର୍କ ଅଧିକାରୀ ପଠାଣି ରାଉତ, ମୁଖ୍ୟ ଶାସନ ସଚିବଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ମଦନମୋହନ ଘଡ଼େଇଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଅବସର ଗ୍ରହଣ କରିଥିବା ବେହେରାଙ୍କ କର୍ମମୟ ଜୀବନ, କାର୍ଯ୍ୟ ଦକ୍ଷତା, ବିଭିନ୍ନ ବିଭାଗ ସହ ସୁସମନ୍ୱୟ ରଖି କାର୍ଯ୍ୟ ସଂପାଦନା ଶୈଳୀ ସମସ୍ତଙ୍କୁ ପ୍ରଭାବିତ ଓ ଅନୁପ୍ରାଣିତ କରିଥିଲା ବୋଲି ପ୍ରକାଶ କରିବା ସହ ତାଙ୍କର ଅବସର ସୁଖମୟ ଜୀବନ କାମନା କରିଥିଲେ । ଏହି ଉପଲକ୍ଷେ ଶ୍ରୀ ବେହେରାଙ୍କୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପ୍ରତିମୂର୍ତ୍ତୀ ସ୍ମାରକୀ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଧ୍ୟ ଶ୍ରୀ ବେହେରାଙ୍କର ଅବସରକାଳୀନ ଜୀବନର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ହାଇଟେକ୍ ମେଡିକାଲ୍‌ର ନୂଆ ଅଧୀକ୍ଷକ

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ ଚିକିତ୍ସାବିତ୍ ତଥା ପ୍ୟାଥୋଲୋଜି ବିଭାଗର ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର, ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ ଭୁବନେଶ୍ୱରରେ ନିର୍ଦ୍ଦେଶକ ପ୍ରଶାସନ ଓ ମେଡିକାଲ୍ ଅକ୍ଷକ ଭାବରେ ନିଯୁକ୍ତି ପାଇଛନ୍ତି ଓ ଚିକିତ୍ସା ସହ ପ୍ରଶାସନିକ କ୍ଷେତ୍ରରେ ଡାକ୍ତର ସୀତାରାମ ମହାପାତ୍ରଙ୍କ ଦୀର୍ଘ ବର୍ଷର ଦକ୍ଷତା ଓ ଅଭିଜ୍ଞତା ରହିଛି ଓ ଏହା ପୂର୍ବରୁ ଡାକ୍ତର ମହାପାତ୍ର ରାଜ୍ୟ ସରକାରଙ୍କ ୱହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି ଓ ବର୍ତ୍ତମାନ ଯାଜପୁରର ମହାରାଜା ଯଯାତୀ କେଶରୀ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲର ଡିନ୍ ଓ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ବେଳେ, ଜଣେ ସୁନାମଧନ୍ୟ ଚିକିତ୍ସାବିତ୍ ଓ ପ୍ରଶାସକ ଭାବରେ ଡାକ୍ତର ସୀତାରାମ ମହାପାତ୍ରଙ୍କ ଖ୍ୟାତି ରହିଛି, ପୂର୍ବରୁ ସେ ଓଜେଇଇର ଅକ୍ଷକ ଓ ଡିଏମ୍‌ଇଟି ଭାବରେ କାର୍ଯ୍ୟର କରି ପରୀକ୍ଷା ଓ ଶିକ୍ଷାଗତ ଢାଞ୍ଚାରେ ଅନେକ ଗୁଡିଏ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଞ୍ଜିନିୟର ରୁପେଶ ପାଣିଗ୍ରାହୀ, ଡାକ୍ତର ରାକେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ପାଣିଗ୍ରାହୀ ଡାକ୍ତର ସୀତାରାମ ମହାପାତ୍ରଙ୍କ ନିଯୁକ୍ତିକୁ ସ୍ୱାଗତ କରିବା ସହ, ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲରେ ପ୍ରଫେସର ଡାକ୍ତର ମହାପାତ୍ରଙ୍କ କାର୍ଯ୍ୟକାଳ ନିଶ୍ଚିତ ରୁପରେ ହାଇଟେକ୍‌ର ସୁନାମ କୁ ଦ୍ୱିଗୁଣିତ କରିବ ବୋଲି ଆଶା କରିଛନ୍ତି ।

## ଏମ୍‌ଜିଏମ୍ କମ୍ପାନୀରେ ଛିଡ଼ିଗଲା କଣ୍ଟେନର, ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ): ଢେଙ୍କାନାଳ ସ୍ଥିତ ଓଡାପଡା ବ୍ଲକ ଅନ୍ତର୍ଗତ ନିମିଧାସ୍ଥିତ ଏମଜିଏମ କମ୍ପାନୀ ର ଶୁକ୍ରବାର ସମ୍ପ୍ରସାରଣ କାର୍ଯ୍ୟପାଇଁ ନିୟୋଜିତ ଗୋଟିଏ ମୋବାଇଲ (ଭ୍ରାମ୍ୟମାଣ କ୍ରସର) କଂଟେନର ଛିଡି ପଡିବାରୁ ସେଠାରେ ତଳେ କାର୍ଯ୍ୟ ତଦାରଖ କରୁଥିବା ଯୁବ ଇଂଜିନିୟର ଶତାବ୍ଦୀ ରାଜମୋହନଙ୍କ ଉପରେ ପଡିଥିଲା। କଂଟେନର ତଳେ ଚିପିହୋଇଥିବା ଇଂଜିନିୟରଙ୍କୁ ଉପସ୍ଥିତ କର୍ମଚାରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟ, ପରେ ସମ ହସ୍ପିଟାଲ, ପରେ କଟକ ପୁରୀ ରୋଡ଼ରେ ଥିବା ଶ୍ରୀ ହସ୍ପିଟାଲ, ପରେ ଅବସ୍ଥା ଗୁରୁତର ହେବାରୁ ରାଜଧାନୀର ଆପୋଲୋ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଶନିବାର ରାତିରେ ଶତାବ୍ଦୀଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତକ ଶତାବ୍ଦୀ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗ ଅଂଚଳର ଜ୍ୟୋତିବିତ୍ ରାମମୋହନ ମହାପାତ୍ରଙ୍କର ଏକ ମାତ୍ର ପୁତ୍ର। ତେବେ ଶତାବ୍ଦୀଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବାବେଳେ ଏହାର ତଦନ୍ତ ଦାବି କରିଛନ୍ତି ପରିବାର। ଏତେ ଗୁରୁତର ଥିବା ସତ୍ୱେ ତାଙ୍କୁ କାହିଁକି କଟକ ବଡ ମେଡିକାଲ ଛାଡି ଭୁବନେଶ୍ୱର ଅଣାଗଲା, ଯଦିବି ଅଣାଗଲା ପ୍ରଥମେ ଭର୍ତି କରାଯାଇଥିବା ସମ ହସ୍ପିଟାଲ ରୁ ଫେରାଇ ଆଣି ଏକ ଛୋଟ ଶ୍ରୀ ହସ୍ପିଟାଲରେ ଭର୍ତିକରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସେଠାରେ ୨୪ ଘଣ୍ଟା ପକାଇ ରଖି କୌଣସି ଉତମ ଚିକିତ୍ସା



ନ ହେବାରୁ ପରିବାର ଲୋକ ପହଁଚି ଆପୋଲୋ ହସ୍ପିଟାଲକୁ ନେଇଥିଲେ ହେଲେ ସେଠାରେ ଶତାବ୍ଦୀଙ୍କ ମୃତ୍ୟୁ ଘଟିଥିଲା।

ତେବେ କମ୍ପାନୀରେ କାମକରୁଥିବା କିଛି କର୍ମଚାରୀ ସାଂଘାତିକ ତଥ୍ୟ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବ ଇଂଜିନିୟର ଶତାବ୍ଦୀକୁ ଅଣା ଯାଇଥିବା କମ୍ପାନୀ ଆମ୍ବୁଲାନ୍ସ ରେ ଅକ୍ସିଜେନ ନଥିଲା କି ଏସି ଚାଲୁ ନଥିଲା। ଅବସ୍ଥା ଗୁରୁତର ହେଉଥିବାରୁ କର୍ମଚାରୀ ମାନେ କଟକରେ ଭଲ ହସ୍ପିଟାଲ ରେ ଭର୍ତିକରିବାକୁ କହିଥିବାବେଳେ କମ୍ପାନୀ କର୍ତୃପକ୍ଷ ସେମାନଙ୍କୁ ତାଗିଦ କରି ଶ୍ରୀ କୁ ନେବାକୁ କହିଥିଲେ। ସୂଚନାଯୋଗ୍ୟ କାହିଁକି ଶ୍ରୀ ରେ ଜବରଦସ୍ତ ଭର୍ତି କରାଗଲା। ଅବସ୍ଥା ଏତେ ଗୁରୁତର ସତ୍ୱେ ପରିବାର କିମ୍ବା ସମ୍ପର୍କୀୟ ଙ୍କୁ ଜଣା ଗଲାନି ତାହାବି ପ୍ରଶ୍ନ ବାଚି ସୃଷ୍ଟି କରିଛି। ଅନ୍ୟପକ୍ଷରେ ମୃତକ ଇଂଜିନିୟର ଇଲେକ୍ଟ୍ରିକାଲଡିଭିଜନ ରେ କାମ କରୁଥିବାବେଳେ ସେଦିନ ତାଙ୍କୁ ମେକାନିକାଲ ବିଭାଗରେ କାହିଁକି ନିୟୋଜିତ କରାଯାଇଥିଲା ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ ଏତେବଡ ଦୁର୍ଘଟଣା ପରେ କମ୍ପାନୀର କେହି ଅଫିସିଆଲ ଷ୍ଟାଫ ନ ଆସିବା ତାହା ମଧ୍ୟ ଆହୁରି ପ୍ରଶ୍ନ ଉଠାଇଛି। ଅନ୍ୟପଟେ ଶେଷ ମୁହୂର୍ତରେ ହସ୍ପିଟାଲ ଆସିଥିବା କମ୍ପାନୀ ଏଚଆର ପ୍ରଶାନ୍ତ ରଥଙ୍କୁ ସମ୍ପର୍କୀୟ ଘଟଣା ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତର ନଦେଇପାରି ଲୁଚିକି ପଳାଇ ଯାଇଥିଲେ। ତାଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ଘଟଣାର ଉଚିତ ତଦନ୍ତ କରାଯାଇ ଦୋଷୀକୁ ଚିହ୍ନଟ କରାଯାଉ ବୋଲି ପରିବାର ଓ ସମ୍ପର୍କୀୟ ଦାବି କରିଛନ୍ତି।

## ୨୭୭ ଗ୍ରାମ ବ୍ରାଉନ ସୁଗର ଜବତ : ମହିଳା ସମେତ ୫ ଗିରଫ

ଜଗତସିଂହପୁର,(ସବ୍ୟୁ):ଅପରେସନ ଧଳା ଜହର -୨ କୁ ନେଇ ଜଗତସିଂହପୁର ପୋଲିସର କଡା ଆଭିମୁଖ୍ୟ ରଖିଛି ।ଗତ କିଛି ମାସ ହେବ ଜିଲ୍ଲାର ବ୍ରାଉନ ସୁଗର ସିଣ୍ଡିକେଟକୁ ପୋଲିସ ଗୋଡ଼ାଇ ଗୋଡ଼ାଇ ଧରୁଥିବା ବେଳେ ଏବେ ତ୍ରାହି ତ୍ରାହି ଡାକିଲେଣି ଜିଲ୍ଲାର ଛୋଟ ଛୋଟ ବ୍ୟବସାୟୀ ।ଏହାର ସୁଯୋଗରେ ଜିଲ୍ଲା ବାହାରର କିଛି ବ୍ରାଉନ ସୁଗାର ମାଫିଆ ପୁଣି ସେହି ସିଣ୍ଡିକେଟକୁ ସକ୍ରିୟ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ।ମାତ୍ର ଜଗତସିଂହପୁର ଏସ୍ପି ଅଙ୍କିତ ବର୍ମାଙ୍କ ଜିଲ୍ଲାରେ ବ୍ରାଉନ ସୁଗର ବ୍ୟବସାୟକୁ ମୁଳପୋଛ କରିବା ପାଇଁ ପୋଲିସ ବିଭାଗକୁ ସଜାଗ କରାଯାଇଛି । ଏହି ଲକ୍ଷ୍ୟ ହାସଲ ଦିଗରେ ଜଗତସିଂହପୁର ପୋଲିସକୁ ମିଳିଛି ଏକ ବଡ଼ ଧରଣର ସଫଳତା । ଆଜି ସକାଳେ ସଦର ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଆଳିପିଙ୍ଗଳ ନିକଟସ୍ଥ ଯଶୋବନ୍ତପୁର ମା ଖଣ୍ଡୁଳାଇ ମନ୍ଦିର ନିକଟରେ ଚଢ଼ାଉ କରି ଗୋଟିଏ ଇରଟିଗା କାର ନମ୍ବର ଓ ୩୩ ଏଆର ୨୦୫୨ ଗାଡ଼ି ସହିତ ୫ ଜଣଙ୍କୁ ଧରିଥିଲା ।ସେମାନଙ୍କ ନିକଟରୁ ୨୭୭.୫ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହିତ ଜଣେ ମହିଳାଙ୍କ ସମେତ ଅନ୍ୟ ୪ଜଣଙ୍କୁ ଗିରଫ କରିଥିଲା ।ଏହି ବ୍ରାଉନ ସୁଗର ବ୍ୟବସାୟର ମୁଖ୍ୟ ଜଣେ ମହିଳା ହୋଇଥିବା ଅନ୍ୟମାନେ ବ୍ରାଉନ ସୁଗର ବ୍ୟବସାୟୀ ବୋଲି ପୋଲିସ ଜାଣିବାକୁ ପାଇଥିଲା । ସମ୍ପୃକ୍ତ ମହିଳା ଜଣକ ହେଉଛନ୍ତି ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ହଳଦୀପଡ଼ା ବସ୍ତିର ତାରା ଶର୍ମା(୩୦) ।

# ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ମୌଜାରେ ଥିବା ଶ୍ରୀ ଶ୍ରୀ ନାରାୟଣ ଦେବଙ୍କ ମନ୍ଦିର କବାଟର ତାଲା ଭାଙ୍ଗି ଗତ ରବିବାର ବିଳମ୍ବିତ ରାତ୍ରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ମନ୍ଦିରରୁ ଚୋରୀ ସଂପର୍କରେ ସୋମବାର ଦିନ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଉକ୍ତ ମୌଜାରେ ଥିବା ନାରାୟଣ ଦେବଙ୍କ ମନ୍ଦିରର ପୂଜକ ଆଜି ସକାଳେ ପୂଜା କରିବାକୁ ଆସି ଦେଖନ୍ତି ମନ୍ଦିରରୁ ଅଷ୍ଟଧାତୁ ନିର୍ମିତ ରାଧାକୃଷ୍ଣଙ୍କ ମୂର୍ତ୍ତି, ମନ୍ଦିରର ଘଣ୍ଟିଘଣ୍ଟା,ବିଭିନ୍ନ ପିତ୍ତଳ ବାସନକୁସନ ଆଦି ଚୋରୀ ହୋଇଯାଇଛି। ଏସଂପର୍କରେ ପୂଜକ ଗ୍ରାମବାସୀଙ୍କୁ ଜଣାଇବାରୁ ଗ୍ରାମବାସୀ ମାନେ ନିମାପଡା ଥାନାରେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଏହି ମନ୍ଦିରରୁ ଅନେକ ଥର ବିଭିନ୍ନ ସାମଗ୍ରୀ ଚୋରୀ ହୋଇଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ କର୍ମଶାଳା

ଜଟଣୀ, (ସବ୍ୟୁ) : ସ୍ଥାନୀୟ ବଡ଼ ବଜାର ଠାରେ ଅବସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଭା କକ୍ଷଠାରେ ନୂତନ ଭାରତ ଗଠନ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୁଲେଖିକା ଡ ପ୍ରତିଭା ମହାରଥୀ ଯୋଗଦେଇ ଭାରତକୁ ବିଶ୍ୱ ଗୁରୁ ଭାବେ ଗଢି ତୋଳିବାକୁ ଶିକ୍ଷାଦାନ କ୍ଷେତ୍ରରେ ନୈତିକତା ଓ ଆଧ୍ୟାତ୍ମିକତା ରହିବା ନିହାତି ଦରକାର ବୋଲି କହିଥିଲେ । ସେହିପରି ଭୁବନେଶ୍ୱର ସବଜୋନର ସଂଚାଳିକା ତଥା ହରିଡ଼ାମଡ଼ା ସ୍ଥିତ କେନ୍ଦ୍ରର ମୁଖ୍ୟ ରାଜଯୋଗିନୀ ବ୍ରହ୍ମା କୁମାରୀ ଲୀନା ଭଉଣୀ ତାଙ୍କ ବ୍ୟକ୍ତବ୍ୟରେ ଆଧ୍ୟାତ୍ମିକ କ୍ଷେତ୍ରରେ ଉର୍ନତି ପାଇଁ ପରମପିତାଙ୍କ ଆଶୀର୍ବାଦ ନିହାତି ଦରକାର ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ, ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗଦେଇଥିଲେ । ଜଟଣୀ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଟଣୀ କେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମାକୁମାରି ମମତା ଭଉଣୀ , ବ୍ରହ୍ମାକୁମାର ଅଶୋକ ଭାଇ, ମଳୟ ଭାଇ, ଶ୍ରୀପତି ଭାଇ,ସରୋଜ ଭାଇ ଓ ଗୌରୀ ଭାଇଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ଗଛ ଲଗାଇବାକୁ ନେଇ ଦୁର୍ନୀତି : ଭିଜିଲାନ୍ସ ତଦନ୍ତ ଆରମ୍ଭ

ଆଠଗଡ଼ ,(ସବ୍ୟୁ) :ଆଠଗଡ଼ ବନଖଣ୍ଡ ସଦର ରେଞ୍ଜ ର କୁଲାଇଲୋ ବିଟ ର ଓରିଙ୍ଗାବାଡି ସଂରକ୍ଷିତ ଜଙ୍ଗଲରେ ଗଛ ଲଗାଇବାକୁ ନେଇ ଦୁର୍ନୀତି ହୋଇଥିବା ଜଣାପଡିଛି ।ଏ ବାବଦରେ ବିଭାଗୀୟ କର୍ମଚାରୀ ଅଭିଯୋଗ କଲା ପରେ ଆଠଗଡ଼ ସହକାରୀ ବନ ସଂରକ୍ଷକ ମନୋଜ ପାତ୍ର ଏହାର ବିଭାଗୀୟ ତଦନ୍ତ କରିଥିଲେ । କିନ୍ତୁ ଏଥିରେ ମଧ୍ୟ ଚଞ୍ଚକତା ହୋଇଥିବା ସାଧାରଣ ଲୋକଙ୍କ ଅଭିଯୋଗ କ୍ରମେ ଆଜି ବନ ବିଭାଗ ର ବରିଷ୍ଠ ଅଧିକାରୀ ସହକାରୀ ବନ ସଂରକ୍ଷକ ବବିତା ସୋରେନ, ଦୁର୍ନୀତି ନିବାରଣ ବିଭାଗର ନିରୀକ୍ଷକ ସପଲିନା ସୁଚରିତା ଙ୍କ ସହିତ ଏକ ୯ ଜଣିଆ ଟିମ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ପାଳିତ

କଟକ, (ସବ୍ୟୁ): ଜିଲ୍ଲାର ଅରିଲୋ ସ୍ଥିତ ଓମଫେଡ଼ ଡାଏରୀ ଠାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ବିଶ୍ୱବ ଦୁଗ୍ଧ ଦିବସ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉପସ୍ଥିତ ଗୋପାଳକ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖି ରାଜ୍ୟ ସରକାର ନୂତନ ଭାବେ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା। ଏହି ଯୁଗାନ୍ତକାରୀ ଯୋଜନାରେ ଗାଇ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବିଗତ ଦୁଇ ବର୍ଷରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୋପାଳକ ୩୨୬ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି । ଏହି କାମଧେନୁ ଯୋଜନା ଅଧିନରେ ମଇଁଷି-ଉଦ୍ୟୋଗ-ବିକାଶ-ଯୋଜନା, ଗୋପାଳନ ଯୋଜନା, ମାଈ ବାଛୁରୀ ପାଳନ ଯୋଜନା, ଗୋସମ୍ପଦ-ବୀମା-ଯୋଜନା, ଗୋପାଳକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ, ଘାସଚାଷ ପାଇଁ ପ୍ରୋତ୍ସାହନ ପରି ଅନେକ ଉପାଦାନ ଅନ୍ତର୍ଭୁକ୍ତ।

ଗତ ଦୁଇ ବର୍ଷ ମଧ୍ୟରେ ଏହି



ଯୋଜନାରେ ୪ ଲକ୍ଷ ୧୬ ହଜାରରୁ ଅଧିକ ଗୋପାଳକ ଉପକୃତ ହୋଇଛନ୍ତି। ୩୨୬ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ବାହାରୁ ୨୪ ହଜାରରୁ ଅଧିକ ଉଚ୍ଚ ଉତ୍ପାଦନକ୍ଷମ ଗାଈ ଅଣାଯାଇଛି, ଯାହା ଫଳରେ ପ୍ରତିଦିନ ପ୍ରାୟ ୨ ଲକ୍ଷ ୨୪ ହଜାର ଲିଟର ଅତିରିକ୍ତ ଦୁଗ୍ଧ ଉତ୍ପାଦନ ସମ୍ଭବ ହୋଇପାରିଛି। 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ମାଧ୍ୟମରେ ଗୋ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସ୍ଥାୟୀ-ପୁଞ୍ଜି-ନିବେଶର ୪୦ ରୁ ୫୦ ପ୍ରତିଶତ ଏବଂ ସର୍ବାଧିକ ଏକ କୋଟି ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହା ସହ ରାଜ୍ୟ ବାହାରୁ ଗାଇ ଆଣି ଉଦ୍ୟୋଗ ପ୍ରତିଷ୍ଠା କଲେ; ପ୍ରତି ଗାଈର ମୂଲ୍ୟ ବାବଦକୁ ଅଧିକ ୧୫ ପ୍ରତିଶତ ରିହାତି ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ଓମଫେଡ଼ର ଦୈନିକ ଦୁଗ୍ଧ ସଂଗ୍ରହ ଆର୍ଥିକ ବର୍ଷ ୨୦୨୫-୨୬ ରେ ଦୈନିକ ପ୍ରାୟ ୬% ହାରରେ ବୃଦ୍ଧି ପାଇଛି। ବର୍ତ୍ତମାନ ୪୪୫୫ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ପ୍ରାୟ ଦୈନିକ ୬ ଲକ୍ଷ ୭୦ ହଜାର ଲିଟର ଦୁଗ୍ଧ ଗୋପାଳକ ମାନଙ୍କ ଠାରୁ ସଂଗ୍ରହ କରାଯାଉଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତୃହରି ମହତାବ , ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଓମଫେଡ଼ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଶାସନ ସଚିବ ପ୍ରେମ କୁମାର ଚୌଧୁରୀ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମଞ୍ଚରେ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୋପାଳକ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଦୁଗ୍ଧ ଚାଷୀ ଙ୍କୁ କାର୍ଯ୍ୟାନ୍ୱୟନ ବଣ୍ଟନ କରାଯାଇଥିଲା ।

# ସଂସଦରେ ପୁଣି ଆସିବ ସୀମା ପୁନଃନିର୍ଦ୍ଧାରଣ ବିଲ୍ !

ନୂଆଦିଲ୍ଲୀ: ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ (ଓଏନ୍ଓଇ) ଓ ସୀମା ପୁନଃନିର୍ଦ୍ଧାରଣ ବିଧେୟକ ପୁଣି ଥରେ ସଂସଦରେ ଉପସ୍ଥାପନ ହେବାକୁ ଯାଉଛି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଉପରେ ପ୍ରଥମ ଥର ପରାଜୟ ପରେ ଭାରତୀୟ ଜନତା ପାର୍ଟି ଏହାକୁ ପୁଣି ଥରେ ଆଣିବାକୁ ବଡ଼ ଯୋଜନା କରୁଛି ବୋଲି ଜଣାପଡ଼ିଛି। ତେବେ ଏହାକୁ ନେଇ ଅନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନଥିଲେ ମଧ୍ୟ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ତାମିଲନାଡୁରେ ଡିଏମ୍କେ ପରି ବଡ଼ ଆଞ୍ଚଳିକ ଦଳମାନଙ୍କ ପରାଜୟ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବଡ଼ ଯୋଜନା କରାଯାଉଛି। 'ଇଣ୍ଡିଆନ୍ ଏକ୍ସପ୍ରେସ୍' ଏହାର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଉଭୟ ଗୋଟିଏ ରାଷ୍ଟ୍ର,ଗୋଟିଏ ନିର୍ବାଚନ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାକୁ ଯାଉଛନ୍ତି। ସୂତ୍ର ଅନୁସାରେ, ପଶ୍ଚିମବଙ୍ଗରେ ବିଜୟ ପରେ ଉତ୍ସାହିତ ହୋଇ ବିଜେପି ସଂସଦରେ ରାଜନୈତିକ ବିଜୟ ପାଇଁ ଡିଏମ୍କେ



ପରି ଆଞ୍ଚଳିକ ଦଳଗୁଡ଼ିକ ସହିତ ଯୋଗାଯୋଗ କରୁଛି। ମୁଖ୍ୟ ବିରୋଧୀ କଂଗ୍ରେସ ସ୍ପଷ୍ଟ ଭାବରେ କହିଛି ଯେ, ସରକାର କୌଣସି ପଦକ୍ଷେପ ନେବା ପୂର୍ବରୁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରିବା ଉଚିତ ଓ ସମସ୍ତ ଦଳ ସହିତ ପରାମର୍ଶ କରିବା ଉଚିତ। ସୂଚନା ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏପ୍ରିଲ ମାସରେ ଲୋକସଭାରେ ସମ୍ବିଧାନ (୧୩୧ ସଂଶୋଧନ) ବିଲ୍, ୨୦୨୬ ପାରିତ କରିବାରେ ବିଫଳ ହେବା ପରେ ଏକ ନୂତନ ସୀମା ନିର୍ଦ୍ଧାରଣ ବିଲ୍ ପ୍ରସ୍ତୁତ କରୁଛନ୍ତି। ସୂତ୍ର ଅନୁଯାୟୀ, ଡିଏମକେର ଆଶ୍ଚର୍ଯ୍ୟଜନକ ପରାଜୟ ଓ ଟିଭିକେ ସରକାରରେ ଯୋଗଦେବା ପାଇଁ କଂଗ୍ରେସର ପଦକ୍ଷେପ ପରେ ଏମ୍କେ ଷ୍ଟାଲିନଙ୍କ ଦଳ ଭିତରେ ବିଜେପି ସହିତ 'ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ' ଆଲୋଚନା କରିବାକୁ ସ୍ୱର ଉଠୁଛି। ଏହାସହିତ ଟିଏମସି ଭିତରେ ଗଭୀର ହେଉଥିବା ବିଭାଜନ ଓ ପଶ୍ଚିମବଙ୍ଗରେ ଏହାର ନେତୃତ୍ୱ ବିରୋଧରେ ବଢୁଥିବା କ୍ରୋଧ ଉପରେ ମଧ୍ୟ ବିଜେପି କଡ଼ା ନଜର ରଖିଛି। ତେବେ ଏପରି ସ୍ଥିତିରେ ଏହି ଦୁଇ ବିଲ୍ କିପରି ଓ କେବେ ଅଣାଯିବ ସେ ଉପରେ ବିଜେପି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି। ସମାନ୍ତରାଳ ଭାବରେ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମନ୍ୱୟ କରିବା ପାଇଁ ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ କୁ ଆନୁଷ୍ଠାନିକ ରୂପ ଦେବା ପାଇଁ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଏହାକୁ ୩୯ ସଦସ୍ୟ ବିଶିଷ୍ଟ ମିଳିତ ସଂସଦୀୟ କମିଟି (ଜେପିସି) ଦ୍ୱାରା ସମୀକ୍ଷା କରାଯାଉଛି। ପ୍ରସ୍ତାବିତ ଆଇନ ବିଷୟରେ ପଚରାଯିବାରୁ, ଜେପିସି ଅଧ୍ୟକ୍ଷ ପିପି ଚୌଧୁରୀ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ'କୁ କହିଛନ୍ତି, ଆଇନଟି ଖୁବ୍ ଶୀଘ୍ର ସଂଶୋଧନ କରାଯିବ। ରିପୋର୍ଟ ଉପରେ ଅଗ୍ରଗତି ହୋଇଛି ଓ ଆମେ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବୁ। ଜେପିସିର କାର୍ଯ୍ୟକାଳ ମୌସୁମୀ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅନ୍ୟ ଜଣେ ବିଜେପି ନେତା କହିଛନ୍ତି ଯେ, ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳକୁ ଦୃଷ୍ଟିରେ ରଖି ଏହି ଆଇନର କାର୍ଯ୍ୟାନ୍ୱୟନ ପର୍ଯ୍ୟାୟକ୍ରମେ କରାଯାଇପାରେ। ଉଦାହରଣ ସ୍ୱରୂପ, ପାଞ୍ଚଟି ରାଜ୍ୟରେ ନିକଟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସାତଟି ରାଜ୍ୟ (ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ, ମଣିପୁର, ହିମାଚଳ ପ୍ରଦେଶ ଓ ଗୁଜରାଟ)ରେ ୨୦୨୭ ମସିହାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ପର୍ଯ୍ୟାୟକ୍ରମେ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ବିଜେପି ଏ ବିଷୟରେ ଡିଏମକେ ସହିତ ଯୋଗାଯୋଗ କରିଥିବା ଜଣାପଡିଛି। ସୂତ୍ର ଅନୁଯାୟୀ, ବିଜେପି ପୂର୍ବରୁ ଡିଏମକେ ସହିତ ଯୋଗାଯୋଗ କରିସାରିଛି, ଡିଏମ୍କେର ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲର ବର୍ତ୍ତମାନର ସ୍ୱରୂପରେ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ଯେହେତୁ ବିଜେପି ଓ ଡିଏମ୍କେ ଅନେକ ପ୍ରସଙ୍ଗରେ ପରସ୍ପର ବିରୋଧୀ ପକ୍ଷରେ ଅଛନ୍ତି, ତେଣୁ ଏକାଠି ହେବା ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ହେବ ବୋଲି ତାମିଲନାଡୁର ସଦ୍ୟତମ ରାଜନୈତିକ ଘଟଣାବଳୀ ସହିତ ପରିଚିତ ଜଣେ ବିଜେପି ନେତା କହିଛନ୍ତି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଡିଏମକେ ନେତା କହିଛନ୍ତି, 'ସୀମା ପୁନଃନିର୍ଦ୍ଧାରଣ ଓ ଏକ ରାଷ୍ଟ୍ର, ଏକ ନିର୍ବାଚନ ଭଳି ପ୍ରସଙ୍ଗରେ ଦଳର ସ୍ଥିତି ସର୍ବଦା କେବଳ ବିଚାରଧାରା ଅପେକ୍ଷା ତାମିଲନାଡୁର ସ୍ୱାର୍ଥ ଦ୍ୱାରା ପରିଚାଳିତ ହୋଇଆସିଛି।

## ରାଜ୍ୟସଭା ଓ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା

ନୂଆଦିଲ୍ଲୀ : ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ। ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହେବ। ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ରହିଛି। ନାମାଙ୍କନ ଯାଞ୍ଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି। ଭୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଓ ଭୋଟ୍ ଗଣତି ସେହି ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ। ଇସିଆଇ ଆହୁରି କହିଛନ୍ତି ଯେ, ରାଜ୍ୟସଭାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ। ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ସମୟରେ ବିହାରର ନଅଟି ଆସନ ପାଇଁ ରାଜ୍ୟ ବିଧାନସଭା ପରିଷଦ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ଓ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। କର୍ଣ୍ଣାଟକରେ ବିଧାନସଭା ପରିଷଦର ସାତଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

## ଶୁଭେନ୍ଦୁଙ୍କ କ୍ୟାବିନେଟରେ ୩୫ ବିଜେପି ବିଧାୟକ ସାମିଲ

କୋଲକାତା : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୋମବାର ନିଜ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରିଛନ୍ତି। ସ୍ୱପ୍ନ ଦାସଗୁପ୍ତା, ତାପସ ରାୟ ଓ ଶଙ୍କର ଘୋଷଙ୍କ ଭଳି ୩୫ ଜଣ ବିଜେପି ବିଧାୟକ ଏବେ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂଆ ମନ୍ତ୍ରୀମାନଙ୍କୁ ରାଜ୍ୟପାଳ ଆରଏନ ରବି ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମେ' ୯ରେ ଶୁଭେନ୍ଦୁ ଅଧିକାରୀ ବିଜେପିର ପ୍ରଥମ ବେଙ୍ଗଲ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାର କିଛି ସପ୍ତାହ ପରେ ସେ ଆଉ ୩୫ ଜଣ ବିଜେପି ବିଧାୟକଙ୍କୁ ମନ୍ତ୍ରୀ ପଦ ଦେଇଛନ୍ତି। ମେ' ୯ରେ ଅଧିକାରୀଙ୍କ ବ୍ୟତୀତ ଦିଲୀପ ଘୋଷ, ଅଗ୍ନିମିତ୍ର ପଲ, ନିଶିତ ପରମାଣିକ, ଅଶୋକ କିର୍ତ୍ତନିଆ ଓ ଖୁଶଦିରାମ ଟୁଡୁ ମନ୍ତ୍ରୀ ଭାବେ




ଶପଥ ନେଇଥିଲେ। ଏବେ ଆଉ ୩୫ ଜଣ ସାମିଲ ହେବା ପରେ ମନ୍ତ୍ରିମଣ୍ଡଳ ସଂଖ୍ୟା ୪୧କୁ ବୃଦ୍ଧି ପାଇଛି। ୨୯୪ ଆସନ ବିଶିଷ୍ଟ ବେଙ୍ଗଲ ବିଧାନସଭାରେ ୪୪ ଜଣ ମନ୍ତ୍ରୀ ହୋଇପାରିବେ। ଏବେ ୪୧ ଜଣ ମନ୍ତ୍ରୀ ହୋଇଥିବା ବେଳେ ଆଉ ୩ ଜଣ ମନ୍ତ୍ରିମଣ୍ଡଳରେ ସାମିଲ ହୋଇପାରିବେ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପୂର୍ବରୁ ଅଧିକାରୀ ଓ ରାଜ୍ୟ ବିଜେପି ମୁଖ୍ୟ ସମିକ ଭଟ୍ଟାଚାର୍ଯ୍ୟ ଦିଲ୍ଲୀ ଗସ୍ତ କରି କେନ୍ଦ୍ର ନେତୃବୃନ୍ଦଙ୍କ ସହ ବୈଠକ କରିଥିଲେ। ଏହାପରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇଛି। ଆଜି ସ୍ୱପ୍ନ ଦାସଗୁପ୍ତା, ଦୁଧ କୁମାର ମଣ୍ଡଳ, ଦୀପକ ବର୍ମନ, ମନୋଜ ଓରାଓନ, ଗୌରୀ ଶଙ୍କର ଘୋଷ, ଅର୍ଜୁନ ସିଂହ, ତାପସ ରାୟ, ସରଦୱାତ ମୁଖାର୍ଜୀ, ଜଗନ୍ନାଥ ଚଟ୍ଟୋପାଧ୍ୟାୟ ଓ ଶଙ୍କର ଘୋଷ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଦଳୀୟ ବିଧାୟକ ରାଜେଶ ମାହାତା, ଇନ୍ଦ୍ରନିଲ ଖାନ ଓ ମାଳତି ରାଭା ରାୟ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ପାଇଛନ୍ତି। ଶାନ୍ତନୁ ପରମାଣିକ, ପୂର୍ଣ୍ଣିମା ଚକ୍ରବର୍ତ୍ତୀ, ଉମେଶ ରାୟ, ଜୋୟେଲ ମୁର୍ମୁ, ଅଶୋକ ଦିଣ୍ଡା, ଆନନ୍ଦମୟ ବର୍ମନ, କୌଶିକ ଚୌଧୁରୀ, ଗାର୍ଗି ଦାସ ଘୋଷ, ଭାସ୍କର ଭଟ୍ଟାଚାର୍ଯ୍ୟ, ଦିବାକର ଘାରାମି ଓ ସୁମନ ସରକାର ରାଜ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## ସ୍ୱେଚ୍ଛାକୃତ ଦେହ ବ୍ୟବସାୟ ବେଆଇନ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଅନୈତିକ ମାନବ ଚାଲାଣ (ନିବାରଣ) ଆଇନର ବିଶ୍ଳେଷଣ କରିବା ସମୟରେ ସୁପ୍ରିମକୋର୍ଟ ବଡ଼ ବୟାନ ଦେଇଛନ୍ତି। ୭୦ ବର୍ଷ ପୁରୁଣା ଏହି ଆଇନ ପୁଲିସକୁ ସ୍ୱଇଚ୍ଛାରେ ଦେହ ବ୍ୟବସାୟ କରୁଥିବା ପ୍ରାପ୍ତବୟସ୍କଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଦେଇନାହିଁ। କାରଣ ଦେହବ୍ୟବସାୟ ଗୋଟିଏ ଅବୈଧ କାର୍ଯ୍ୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। କୋର୍ଟ କହିଛନ୍ତି ଯେ ବେଶ୍ୟାଳୟ ଚଳାଇବା ଅବୈଧ ହୋଇଥିଲେ ମଧ୍ୟ ଚଢ଼ାଉ ସମୟରେ ସେଠାରୁ ଠାବ ହେଉଥିବା ସ୍ୱେଚ୍ଛାକୃତ ଦେହବ୍ୟବସାୟୀଙ୍କୁ ନିର୍ଯାତିତ କରାଯିବା କିମ୍ବା ହେପାଜତକୁ ନିଆଯିବା ଉଚିତ ନୁହେଁ ।ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ ଆର୍ ମହାଦେବନଙ୍କ ଖଣ୍ଡପୀଠ ଦେହ ବ୍ୟବସାୟୀଙ୍କ ପୁନର୍ବାସ ସମ୍ପର୍କରେ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ନିଜ ଇଚ୍ଛାରେ ଦେହ ବ୍ୟବସାୟରେ ନିୟୋଜିତ ପ୍ରାପ୍ତ ବୟସ୍କଙ୍କୁ ପୁଲିସ ହଇରାଣ କରିବାରୁ ବିରତ ରହିବା ଜରୁରୀ। ଯେହେତୁ ଏପରି ମହିଳାମାନେ



ସ୍ୱେଚ୍ଛାକୃତ ଭାବେ ଦେହ ବ୍ୟବସାୟ କରୁଛନ୍ତି, ତେଣୁ ସେମାନଙ୍କୁ ଉଦ୍ଧାର କରିବାର ପ୍ରଶ୍ନ ଉଠୁନାହିଁ। କୌଣସି ଦେହ ବ୍ୟବସାୟୀଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପୁନର୍ବାସ କରାଯିବା ଉଚିତ ନୁହେଁ। ପୁନର୍ବାସ ପ୍ରକ୍ରିୟା ବାଧତାମୂଳକ ନ ହୋଇ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହେବା ଦରକାର। ପୁନର୍ବାସ ପାଇଁ ସାମ୍ବିଧାନିକ ଅଧିକାର ଅନୁସାରେ ସରକାର ପୀଡ଼ିତଙ୍କୁ ଆବଶ୍ୟକ ସହାୟତା ଓ ସୁଯୋଗ ଦେବାକୁ ବାଧ୍ୟ। କିନ୍ତୁ ଏହା ସରକାରଙ୍କୁ କେବେ ହେଲେ ବି ପୀଡ଼ିତଙ୍କ ଇଚ୍ଛା ବିରୋଧରେ ତାଙ୍କ ଉପରେ ପୁନର୍ବାସ ପ୍ରକ୍ରିୟା ବଳପୂର୍ବକ ଲାଗୁ କରିବାକୁ ଅଧିକାର ଦେଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ବାଣିଜ୍ୟିକ ଯୌନ ଶୋଷଣ ପାଇଁ ମାନବ ଚାଲାଣର ଶିକାର ହୋଇଥିବା ପୀଡ଼ିତାଙ୍କ ଅଧିକାରର ସୁରକ୍ଷା ନେଇ ଦିଆଯାଇଥିବା ଐତିହାସିକ ରାୟରେ ସର୍ବୋଚ୍ଚ କୋର୍ଟ କହିଛନ୍ତି ଯେ, ପୁନର୍ବାସ, ସମାଜରେ ପୁନଃ ସାମିଲ ହେବା ଓ ସୁଧାର ଗୃହରେ ରଖିବା ସମ୍ପର୍କିତ ନିଷ୍ପତ୍ତିରେ ପ୍ରାପ୍ତବୟସ୍କ ଦେହ ବ୍ୟବସାୟୀଙ୍କ ସହମତିକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ।ବାଣିଜ୍ୟିକ ଯୌନ ଶୋଷଣ ପାଇଁ ହେଉଥିବା ମାନବ ଚାଲାଣ ବେଳେ ପୀଡ଼ିତାଙ୍କ ମୌଳିକ ଅଧିକାର ସୁରକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆବେଦନ ଦାଖଲ କରାଯାଇଥିଲା। ଏଥିପାଇଁ ଉପଯୁକ୍ତ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରିବାକୁ ଆବେଦନକାରୀ କହିଥିଲେ। ଏହି ଆବେଦନର ଶୁଣାଣି ବେଳେ ଡିଭିଜନ ବେଞ୍ଚ ଏପରି ରାୟ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଅପର୍ଣ୍ଣା ଭଟ୍ ପ୍ରସ୍ତୁତ କରିଥିବା 'ପୀଡ଼ିତ ସୁରକ୍ଷା ଯୋଜନା'କୁ ଗ୍ରହଣ କରି ସୁପ୍ରିମକୋର୍ଟ କହିଛନ୍ତି, ପୀଡ଼ିତାମାନଙ୍କୁ କେବଳ ଉଦ୍ଧାର ଓ ପୁନର୍ବାସର ନିଷ୍କ୍ରିୟ ବସ୍ତୁ ଭାବେ ଦେଖାଯାଇପାରିବ ନାହିଁ। ସେମାନଙ୍କ ପସନ୍ଦ ଓ ସ୍ୱାଧୀନତାକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ। କୋର୍ଟ ଆଇଟିପିଏର ଧାରା ୧୭ ଅଧୀନରେ ଥିବା "ଅଭିଭାବକ ଦୃଷ୍ଟିଭଙ୍ଗୀ"କୁ ମଧ୍ୟ ଅଗ୍ରାହ୍ୟ କରି ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏହି ପ୍ରାବଧାନ ଦେହ ବ୍ୟବସାୟ ଭଳି ସ୍ଥିତିରୁ ଉଦ୍ଧାର ହେଉଥିବା ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ। ସେମାନେ ମାନବ ଚାଲାଣ, ବଳପୂର୍ବକ କିମ୍ବା ସ୍ୱେଚ୍ଛାକୃତ ଭାବେ ସବୁ କିଛି କରୁଛନ୍ତି, ସେକଥାକୁ ବିଚାର କରାଯାଏ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଓମାନ ସହ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ : ଦେଶ ଓମାନ ସହ ମୁକ୍ତ ବାଣିଜ୍ୟ ରାନାମା ଆଜିଠାରୁ କାର୍ଯ୍ୟକ୍ଷମ ହୋଇଥିବା ନେଇ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ଏହି ରାଜିନାମା ଦ୍ୱାରା ଭାରତର ବୟନ, ଚମଡ଼ା ପ୍ରସ୍ତୁତ ସାମଗ୍ରୀ, ପ୍ଲାଷ୍ଟିକ୍, ସାମୁଦ୍ରିକ ଉତ୍ପାଦ, ଅଟୋମୋବାଇଲ୍, କ୍ରୀଡ଼ା ସାମଗ୍ରୀ ଓ କୃଷିଜାତ ସାମଗ୍ରୀ ରପ୍ତାନିକାରୀମାନେ ଉପକୃତ ହେବେ। ଓମାନ ବଜାରରେ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ତୁଳନାରେ ଅଗ୍ରାଧିକାର ମିଳିବ।୨୦୨୫ ଡିସେମ୍ବର ୧୮ରେ ଓମାନ ସହ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଉଭୟ ପକ୍ଷ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ କରିବା ପରେ ୨୦୨୬ ଜୁନ ୧ଠାରୁ ରାଜିନାମାକୁ କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ମୁମ୍ବାଇ, କୋଲକାତା ଓ ଚେନ୍ନାଇରୁ ୧୦ଟି ଜାହାଜ କୃଷିଜାତ ସାମଗ୍ରୀ ଏବଂ ରତ୍ନପଥର ଓ ଗହଣା ନେଇ ଓମାନ ଅଭିମୁଖେ ଯାତ୍ରା କରିଛନ୍ତି। ଓମାନକୁ ମଧ୍ୟପ୍ରାଚ୍ୟର ପ୍ରବେଶ ପଥ ଭାବେ ବିଚାର କରାଯାଉଛି। ଏହା ହେଉଛି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ମଧ୍ୟରେ ଭାରତ ଦ୍ୱିତୀୟ ବଡ଼ ବ୍ୟବସାୟ ସହଯୋଗୀ। ୨୦୨୪-୨୫ରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୬୧ କୋଟି ଡଲାର ଥିଲା। ୨୦୨୫-୨୬ରେ ତାହା ୧୧୧୮ କୋଟି ଡଲାରକୁ ବୃଦ୍ଧି ପାଇଛି।

## ଇରାନୀ ଦ୍ୱୀପପୁଞ୍ଜରେ ଆମେରିକାର ଏୟାର ଷ୍ଟ୍ରାଇକ୍

ୱାଶିଂଟନ : ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଆଉ ଏକ ବିପଦପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଅନ୍ତର୍ଜାତୀୟ ଜଳସୀମାରେ ଇରାନ ଦ୍ୱାରା ଗୁପ୍ତଚର ଡ୍ରୋନ୍ ଏମ୍କ୍ୟୁ-୧କୁ ଗୁଳି କରି ଖସାଇ ଦେବାର ଜବାବରେ ଆମେରିକୀୟ ସେନା ଇରାନ ବିରୋଧରେ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୋମବାର ଦିନ, ଆମେରିକାର ଲଢୁଆ ବିମାନ ଦୁଇଟି ଇରାନ ଦ୍ୱୀପପୁଞ୍ଜ ଉପରେ ପ୍ରବଳ ବୋମା ମାଡ଼ କରିଛି। ଯାହା ଫଳରେ ଏହି ଅଞ୍ଚଳରେ ପୁଣି ଯୁଦ୍ଧ ହେବାର ଆଶଙ୍କା ଘନେଇବାରେ ଲାଗିଛି। ଆମେରିକାର ପ୍ରତିରକ୍ଷା ବିଭାଗ କହିଛି, ଏହି ଏୟାର ଷ୍ଟ୍ରାଇକ୍ରେ



ଇରାନର ଗୋରୁକ ଏବଂ କ୍ୱେଶମ ଦ୍ୱୀପପୁଞ୍ଜକୁ ଟାର୍ଗେଟ କରିଥିଲା। ବୋମାମାଡ଼ରେ ଇରାନ ସେନାର ରାଡାର ସିଷ୍ଟମ, ଡ୍ରୋନ୍ ନିୟନ୍ତ୍ରଣ ଷ୍ଟେସନ ଏବଂ ମୁଖ୍ୟ କମାଣ୍ଡ ସେଣ୍ଟର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାସହିତ ଆମେରିକାର ଲଢୁଆ ବିମାନଗୁଡ଼ିକ ଦୁଇଟି ଇରାନୀ ଘାତକ ଡ୍ରୋନ୍କୁ ମଧ୍ୟ ଆକାଶ ମାର୍ଗରେ ଧ୍ୱଂସ କରିଦେଇଛି ।ଏହି ସଂଘର୍ଷ କେବଳ ଇରାନ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ସୀମିତ ହୋଇନାହିଁ। ରିପୋର୍ଟ ଅନୁଯାୟୀ କୁଏତରେ ଥିବା ଏକ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରି ଇରାନ ପ୍ରତିଶୋଧ ନେଇଛି। ଏହି ଘାତକ ଆକ୍ରମଣରେ ପାଞ୍ଚ ଜଣ ଆମେରିକୀୟ ସୈନିକ ଆହତ ହୋଇଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ଇରାନ ଜାଣିଶୁଣି କୁଏତକୁ ବାଛିଛି ଯାହା ଦ୍ୱାରା ଆମେରିକାକୁ ଏକ ବାର୍ତ୍ତା ପଠାଯାଇପାରିବ ଯେ, ଏହି ଅଞ୍ଚଳରେ ୱାସିଂଟନର ସହଯୋଗୀମାନେ ମଧ୍ୟ ସୁରକ୍ଷିତ ନୁହଁନ୍ତି।

## ତ୍ୱିଷା ଶର୍ମା ମୃତ୍ୟୁ ମାମଲା : ସିନ୍ ରିକ୍ରିଏଟ୍ କଲା ସିବିଆଇ

ଭୋପାଳ : ଅଭିନେତ୍ରୀ ତ୍ୱିଷା ଶର୍ମାଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଡମି ବ୍ୟବହାର କରି ସିନ୍ ରିକ୍ରିଏଟ୍ କରିଛି। ତ୍ୱିଷା ଶର୍ମାଙ୍କୁ ମେ ୧୨ ତାରିଖରେ ଭୋପାଳ ସ୍ଥିତ ତାଙ୍କ ଶ୍ୱଶୁର ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସ୍ୱାମୀ ସମର୍ଥ ସିଂହ ଓ ଶାଶୂ ଗିରିବାଳା ସିଂହଙ୍କୁ ଗିରଫ କରାଯାଇଛି। ସୋମବାର ସିବିଆଇ ଫୋରେନସିକ୍ ଓ କ୍ରାଇମ୍ ସିନ୍ ବିଶେଷଜ୍ଞଙ୍କୁ ନେଇ ସମର୍ଥ ସିଂହ ଓ ଗିରିବାଳା ସିଂହଙ୍କ ସହିତ ୧୨ ତାରିଖ ରାତିରେ କ'ଣ ଘଟଣା ଘଟିଥିଲା ସେହି ଦୃଶ୍ୟ ପୁନଃ ସ୍ଥାପନ କରିଥିଲେ। ତ୍ୱିଷା ଘରର ଟେରାସରେ ଆତ୍ମହତ୍ୟା କରିବା ପରର ଘଟଣା ବର୍ଣ୍ଣନା କରିବାକୁ ସିବିଆଇ ମା' ଓ ପୁଅଙ୍କୁ କହିଥିଲା। ମୃତକଙ୍କ ସମାନ ଓଜନର ଏକ ଡମିକୁ ଏଥିପାଇଁ ବ୍ୟବହାର କରାଯାଇଥିଲା। କେମିତି ମୃତଦେହ ତଳକୁ ଆଣିଥିଲେ ତାହାର ସବିଶେଷ ବିବରଣୀ ସିବିଆଇ ନେଇଥିଲା। ମେ ୧୨ ତାରିଖ ରାତି ୧୦ଟା ୨୦ରେ ତ୍ୱିଷା ଆତ୍ମହତ୍ୟା କରିବା ପରେ ସମର୍ଥ ତାଙ୍କୁ ଭୋପାଳ ଏମ୍ସ ନେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ଏମ୍ସ ଡାକ୍ତର ମେ ୧୩ ରାତି ୧୨ଟା ୫ ମିନିଟରେ ପୁଲିସକୁ ସୂଚନା ଦେଇଥିଲେ ଓ ତ୍ୱିଷାଙ୍କୁ ଏମ୍ସକୁ ଅଣାଯିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା କହିଥିଲେ।

## ଉତ୍ତର ପତ୍ର ଯାଞ୍ଚ : ସିବିଏସ୍ଇକୁ କଟାକ୍ଷ କଲେ ରାହୁଲ

ନୂଆଦିଲ୍ଲୀ : ଉତ୍ତର ପତ୍ର ଯାଞ୍ଚ ପାଇଁ ସିବିଏସ୍ଇ ଟଙ୍କା ନେଉଥିବାରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଏହି ପ୍ରସଙ୍ଗରେ ସେ ନରେନ୍ଦ୍ର ମୋଦୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ନିଜର ଅସନ୍ତୋଷ ପ୍ରକାଶ କରି ସିବିଏସ୍ଇକୁ ପକେଟମାର କହିବା ସହିତ ଏହାକୁ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି। ସେ କହିଛନ୍ତି, ଯେତେବେଳେ ଫୋନ୍ ମାଧ୍ୟମରେ ସ୍କାନିଂ କରାଯାଉଛି ଭୁଲ୍ ମାର୍କିଂ ହୋଇଥିବା ଚିହ୍ନିତ। ଏହାକୁ ସଂଶୋଧନ କରିବା ପାଇଁ ଛାତ୍ରଛାତ୍ରୀ ମୂଲ୍ୟ ଦେଉଛନ୍ତି। ଏଭଳି ପକେଟମାରଙ୍କଠାରୁ ସାବଧାନ ରୁହ, ସେମାନେ ସିବିଏସ୍ଇ ଭିତରେ ବସିଛନ୍ତି। ସିବିଏସ୍ଇ ଭୁଲ୍ ଯୋଗୁଁ ଭୁଲ୍ ମାର୍କ ମିଳିଛି ଏପରିସ୍ଥଳେ ପିଲା କ'ଣ ପାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏକ ଡିଜିଟାଲ୍ ସ୍କାନ କପିରେ ପ୍ରତି ବିଷୟ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ମାର୍କ ମିଶାଇବା ପାଇଁ ପ୍ରତି ପେପର ପିଛା ୧୦୦ ଟଙ୍କା ଖର୍ଚ୍ଚ ହେଉଛି। ପୁନଃମୂଲ୍ୟାୟନ ପାଇଁ ପ୍ରତି ପ୍ରଶ୍ନ ପାଇଁ ୨୫ ଟଙ୍କା ଖର୍ଚ୍ଚ ହେଉଛି। ଜଣେ ପିଲାକୁ ନିଜର ଉତ୍ତର ପତ୍ର ସଠିକ୍ ଭାବରେ ଯାଞ୍ଚ କରିବା ପାଇଁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। କଳ୍ପନା କରନ୍ତୁ, ଯେତେବେଳେ ୪ ଲକ୍ଷ ପିଲା ଏପରି କାମ ପାଇଁ ଆବେଦନ କରିଛନ୍ତି,



ସେତେବେଳେ ସିବିଏସ୍ଇ କେତେ ରୋଜଗାର କରୁଛି। ଦଣ୍ଡ ଭୋଗୁଛନ୍ତି ପିଲା। ରୋଜଗାର କରୁଛନ୍ତି ସରକାର। ରାହୁଲ ଗାନ୍ଧୀ କହିଥିଲେ ଯେ ଯେତେବେଳେ ଶିକ୍ଷାକୁ ସେବା ନୁହେଁ ବରଂ ବ୍ୟବସାୟରେ ପରିଣତ କରାଯାଇଛି।

## ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ଏମଓୟୁ

ନୂଆଦିଲ୍ଲୀ : ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର ଗୁଣବତା ବୃଦ୍ଧି କରିବା ପାଇଁ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ), ଗୁଜରାଟ ସରକାରଙ୍କ ସହ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ବିସ୍ତୃତ ପଦକ୍ଷେପ ସ୍ଥାୟୀ ସମୁଦାୟ ବିକାଶ ଓ ଲୋକଙ୍କ ଜୀବନରେ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ଟିକେଏମର ଦୃଢ଼ ପ୍ରତିବଦ୍ଧତାକୁ ସୂଚିତ କରୁଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, ବରିଷ୍ଠ ସରକାରୀ ଅଧିକାରୀ, କିର୍ଲୋସ୍କର ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡର ଅଧ୍ୟକ୍ଷା ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଗୀତାଞ୍ଜଳି ବିକ୍ରମ କିର୍ଲୋସ୍କର, ଟିକେଏମର କର୍ପୋରେଟ୍ ବ୍ୟାପାର ଓ ପରିଚାଳନା ବିଭାଗର ରାଷ୍ଟ୍ର ମୁଖ୍ୟ ଓ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ବିକ୍ରମ ଗୁଲାଟି, ଟିକେଏମର ସେଲ୍ସ-ସର୍ଭିସ-ୟୁଜର କାର ବିଭାଗର ପଶ୍ଚିମାଂଚଳ ଉପାଧ୍ୟକ୍ଷ ସୀମାନ୍ତ ଅରୁଣ ଏବଂ ଟୟୋଟା କିର୍ଲୋସ୍କର ମୋଟରର ଅନ୍ୟାନ୍ୟ ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର କର୍ପୋରେଟ୍ ବ୍ୟାପାର ଓ ପରିଚାଳନା ବିଭାଗର ରାଷ୍ଟ୍ର ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ବିକ୍ରମ ଗୁଲାଟି କହିଛନ୍ତି, ଗୁଜରାଟରେ ଆମର ପଦକ୍ଷେପଗୁଡ଼ିକ ସାମାଜିକ ଦାୟିତ୍ୱ ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଟୟୋଟାର ପଦକ୍ଷେପଗୁଡ଼ିକ ପ୍ରତି ପ୍ରୋତ୍ସାହନ ଏବଂ ସମର୍ଥନ ପାଇଁ ଆମେ ସରକାରଙ୍କୁ ଧନ୍ୟବାଦ ଦେଉଛୁ।

## ହେଲିକପ୍ଟର କ୍ରାଶ : ନବବିବାହିତ ସ୍ୱାମୀ ମୃତ, ସ୍ତ୍ରୀ ହସ୍ପିଟାଲରେ

ଜର୍ଜିଆ : ମାତ୍ର କିଛି ଘଣ୍ଟା ତଳେ ପରସ୍ପରର ହାତ ଧରିଥିଲେ। ବାହାଘର ପରେ ଖୁସିରେ କିଛି ସମୟ ବିତାଇଥିଲେ। ଏହାପରେ ବାହାଘର ଦିନକୁ ଆହୁରି ସ୍ମରଣୀୟ କରିବାକୁ ହେଲିକପ୍ଟରରେ ଯାତ୍ରା କରିଥିଲେ ନବ ଦମ୍ପତି। ହେଲେ ଅଧା ରାସ୍ତାରେ ଘଟିଲା ଅଘଟଣ। ନବ ଦମ୍ପତିକୁ ନେଇ ଯାଉଥିବା ହେଲିକପ୍ଟରଟି ହଠାତ୍ କରି ଯାଇଥିଲା କ୍ରାଶ। ଏହି ଦୁର୍ଘଟଣାରେ ପାଇଲଟଙ୍କ ସମେତ ମାତ୍ର କିଛି ଘଣ୍ଟା ତଳେ ବାହା ହୋଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏବେ ତାଙ୍କ ପତ୍ନୀ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆମେରିକାର ଜର୍ଜିଆରେ ଏତେ ବଡ଼ ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ପେଶାରେ ଜଣେ ପାଇଲଟ। ସେ ଭାରତୀୟ ବଂଶୋଦ୍ଭବ। ପତ୍ନୀଙ୍କ ସହ ସେ ହେଲିକପ୍ଟରରେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଆଟଲାଣ୍ଟାରେ ରହୁଥିବା ଓ ଡେଲ୍ଟା ଏୟାର ଲାଇନ୍ସର ପାଇଲଟ୍ ୨୫ ବର୍ଷୀୟ ଡେଭ ଫିଜି ଡସନ କାଉଣ୍ଟୀର ଡସନଭିଲ୍ ନିକଟରେ ପାଞ୍ଚ ଆସନ ବିଶିଷ୍ଟ ରବିନସନ୍ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ତାଙ୍କ ପତ୍ନୀ ଜେସ୍ମି ଆହତ ହୋଇଛନ୍ତି। ଡେଭଙ୍କ ବାପା ମା' ଜର୍ଜ ଓ ଫିବା ଫିଜି କେରଳର ଏର୍ଣ୍ଣାକୁଲମ୍



ଜିଲ୍ଲା ଅନ୍ତର୍ଗତ ମୁଭାଟ୍ଟୁପୁଝାର ମୂଳବାସିନ୍ଦା। କିନ୍ତୁ ସେମାନେ ଦୀର୍ଘ ବର୍ଷ ହେଲା ଆମେରିକା ଚାଲି ଯିବା ସହ ସେଠାକାର ସ୍ଥାୟୀ ବାସିନ୍ଦା ବନି ଯାଇଛନ୍ତି। ଜେସ୍ମିଙ୍କ ପରିବାରର ମଧ୍ୟ କେରଳର ଆଲାପୁଝା ଜିଲ୍ଲାରେ ରୁହନ୍ତି। •ଶୁକ୍ରବାର ବାହା ହୋଇଥିବା ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡେଭ ଫିଜିଙ୍କ ବ୍ୟତୀତ ହେଲିକପ୍ଟରର ପାଇଲଟ୍ ମଧ୍ୟ ଏହି ଦୁର୍ଘଟଣାରେ ଆଖି ବୁଜିଛନ୍ତି। ଘଟଣା ଦିନ ସକାଳେ ଡେଭ ଓ ଜେସ୍ମିଙ୍କ ବିବାହ ଡସନଭିଲ୍ ନିକଟସ୍ଥ 'ଦ ରିଭିଅର୍' ନାମକ ମଣ୍ଡପରେ ହୋଇଥିଲା। ଏଥିରେ ଶତାଧିକ ଅତିଥି ଯୋଗ ଦେଇଥିଲେ। ବେଳେ ଅତିଥିଙ୍କ ପାଇଁ ଭୋଜି ଭାତର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ଯାଏ ସବୁ କିଛି ଠିକ ଠାକ ଥିଲା। ଭୋଜି ଭାତ ରାତି ପ୍ରାୟ ୯.୩୦ରେ ଶେଷ ହୋଇଥିଲା ।ବିବାହ ମଣ୍ଡପରୁ ନବଦମ୍ପତି ହେଲିକପ୍ଟର ଯୋଗେ ପିଟ୍ସ-ଡିକାଲ୍ବ ବିମାନବନ୍ଦରକୁ ଯିବାର ଥିଲା। ସେମାନେ ଆଟଲାଣ୍ଟାର ଉପକଣ୍ଠରେ ଥିବା ଗୋଟିଏ ହୋଟେଲରେ ରାତି ବିତାଇବାକୁ ଯୋଜନା କରିଥିଲେ। କିନ୍ତୁ ବିବାହ ଉତ୍ସବ ଶେଷ ହେବା ବେଳକୁ କୁହୁଡ଼ି ଓ ବର୍ଷା ଯୋଗୁ ଦୃଶ୍ୟମାନତା ବହୁତ କମିଯାଇଥିଲା ।ଡେଭ ନିଜେ ଜଣେ ଅଭିଜ୍ଞ ବାଣିଜ୍ୟିକ ପାଇଲଟ୍ ହୋଇଥିବା ସତ୍ତ୍ୱେ ଏଭଳି ପାଣିପାଗରେ ସେ ଉଡ଼ାଣ କରିବାକୁ ମନା କରି ଦେଇଥିଲେ। ଏତିକି ବେଳେ ହେଲିକପ୍ଟରର ଆଉ ଜଣେ ପାଇଲଟ ଅଧିକ ଉଚ୍ଚତାରେ ଉଡ଼ାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସମସ୍ତେ ମଧ୍ୟ ଏଥିରେ ରାଜି ହୋଇ ଯାଇଥିଲେ। କିନ୍ତୁ ହେଲିକପ୍ଟରର ଉଡ଼ାଣ କିଛି ମିନିଟ ପରେ ଦକ୍ଷିଣ-ପଶ୍ଚିମ ଡସନଭିଲର ଗୋଟିଏ ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଏହା କ୍ରାଶ ହୋଇ ଯାଇଥିଲା। ଦୁର୍ଘଟଣା ଯୋଗୁ ଡେଭ ଓ ହେଲିକପ୍ଟର ପାଇଲଟ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ। ଜେସ୍ମି ପ୍ରାୟ ପାଞ୍ଚ ଘଣ୍ଟା ଧରି ହେଲିକପ୍ଟରର ଭଗ୍ନାଂବଶେଷ ଓ ଗଛରେ ଫସି ରହିଥିଲେ। ଏହାପରେ ଉଦ୍ଧାରକାରୀ ଟିମ ତାଙ୍କୁ ସେଠାରୁ ବାହାର କରିଥିଲା। ଜେସ୍ମିଙ୍କ ଶରୀରରେ ଅନେକ କ୍ଷତ ଓ ଆଘାତ ଲାଗିଥିଲେ ମଧ୍ୟ କୌଣସି ହାଡ଼ ଭାଙ୍ଗି ନାହିଁ। କିନ୍ତୁ ବାହାଘରରେ କିଛି ଘଣ୍ଟା ପରେ ସ୍ୱାମୀଙ୍କ ମୃତ୍ୟୁ ତାଙ୍କୁ ମାନସିକ ଭାବେ ପୂରା ଚୂରମାର କରି ଦେଇଛି। ଡସନ କାଉଣ୍ଟୀ ଶେରିଫ୍ କାର୍ଯ୍ୟାଳୟ ଶୁକ୍ରବାର ରାତିରେ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇଥିଲା। ପରେ ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ ନିଶ୍ଚିତ କରିଥିଲା ଯେ ତିନି ଜଣ ଆରୋହୀ ଥିବା ରବିନସନ୍ ଆର୬୬ ହେଲିକପ୍ଟର ରାତି ପ୍ରାୟ ୧୦:୩୦ରେ ଡସନଭିଲ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାସ୍ଥଳ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

# ଆଇପିଏଲର ଭାଗ୍ୟବାନ ଖେଳାଳି

ନୂଆଦିଲ୍ଲୀ: ଆଇପିଏଲ ୨୦୨୬ ଶେଷ ହୋଇଯାଇଛି । ଗୁଜରାଟ ଟାଇଟାନ୍ସକୁ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପୁନର୍ବାର ଚାମ୍ପିୟନ ହୋଇଛି । ଆଇପିଏଲର କେତେକ ଖେଳାଳି ଅଜେୟ ରହିଛନ୍ତି । ସେମାନେ ଖେଳିଥିବା ମ୍ୟାଚରେ ତାଙ୍କ ଦଳ ପରାଜିତ ହୋଇନାହିଁ । ଏଥର ଆରସିବି ପକ୍ଷରୁ ଜ୍ୟାକବ ଡଫି ୭ଟି ମ୍ୟାଚ ଖେଳିଛନ୍ତି । ବେଙ୍ଗାଲୁରୁ ଏହି ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛି । କୌଣସି ମ୍ୟାଚ ନ ହାରି ଆଇପିଏଲ ଟ୍ରଫି ଜିତିଥିବା ସେ




ପ୍ରଥମ ଆରସିବି ଖେଳାଳି ହୋଇଛନ୍ତି । ଡଫି ଆନ୍ତର୍ଜାତୀୟ ଟି ୨୦ରେ ୪୮ ମ୍ୟାଚରେ ୭୨ ୱିକେଟ ନେଇଛନ୍ତି । ପୂର୍ବରୁ ଆଇପିଏଲରେ ହରମିତ ସିଂ ୨୦୦୯ରେ ଡେକାନ ଚାର୍ଜର୍ସ ପକ୍ଷରୁ ୭ଟି ମ୍ୟାଚ ଖେଳି ସମସ୍ତ ମୁକାବିଲାରେ ବିଜୟ ହାସଲ କରିଛନ୍ତି । ୨୦୦୮ରେ ଚେନ୍ନାଇ ସୁପର କିଙ୍ଗସର ପଲାନୀ ଅମରନାଥ ୬ଟି ମ୍ୟାଚ ଖେଳିଥିଲେ । ଚେନ୍ନାଇ ଏହି ସମସ୍ତ ମ୍ୟାଚରେ ବିଜୟୀ ହୋଇଥିଲା । ୨୦୦୮ରେ ପଞ୍ଜାବ କିଙ୍ଗସ ପକ୍ଷରୁ ବ୍ଲ୍ୟାକ ପୋମର୍ଶବ୍ୟାକ ୬ଟି ମ୍ୟାଚ ଖେଳିଥିଲେ । ପଞ୍ଜାବ ସମସ୍ତ ମୁକାବିଲାରେ ବିଜୟ ହାସଲ କରିଥିଲା ।

## ସଚିନ ତେନ୍ଦୁଲକରଙ୍କ ମତ

# ଆଇପିଏଲରେ 'ଇମ୍ପାକ୍ଟ ଖେଳାଳି' ନିୟମ ହଟୁ

ମୁମ୍ବାଇ : ଆଇପିଏଲ୍‌ରେ ପ୍ରଚଳିତ 'ଇମ୍ପାକ୍ଟ ଖେଳାଳି' ନିୟମ ପୁଣି ଚର୍ଚ୍ଚାକୁ ଆସିଯାଇଛି । ଏହି ବ୍ୟବସ୍ଥାକୁ ହଟାଇଦେବାକୁ କିମ୍ବଦନ୍ତି ବ୍ୟାଟର୍ ସଚିନ ତେନ୍ଦୁଲକର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ନିୟମ ଏହା ବ୍ୟାଟିଂ ଓ ବୋଲିଂ ମଧ୍ୟରେ ବି ଭାରସାମ୍ୟ ବିଗାଡ଼ି ଦେଉଛି । ସେ କହିଛନ୍ତି, ଏକ ୨୦ ଓଭର ମ୍ୟାଚରେ ଯେତେବେଳେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ଖେଳାଯାଉଛି ତାହା ବୋଲରମାନଙ୍କ ଆଗରେ ଅତିରିକ୍ତ ଆହ୍ୱାନ ସୃଷ୍ଟି କରୁଛି । ଆଇପିଏଲରେ ବ୍ୟାଟିଂ ଅନୁକୂଳ ପିଚ୍ ଯୋଗୁଁ ରେକର୍ଡ ରନ୍ ସ୍କୋର୍ ହେଉଥିବାବେଳେ ଇମ୍ପାକ୍ଟ ଖେଳାଳି ନିୟମ ବ୍ୟାଟିଂ ଓ ବୋଲିଂ ମଧ୍ୟରେ ଥିବା ଭାରସାମ୍ୟ ହୀନତାକୁ ଆହୁରି ବଢାଇଦେଉଛି । ବ୍ୟାଟିଂ ଓ ବୋଲିଂ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପାୱାର ପ୍ଲେ ନିୟମରେ ବି ପରିବର୍ତ୍ତନ କରିବାକୁ ସେ ପରାମର୍ଶ ଦେଇଛନ୍ତି । 'ବ୍ୟାଟିଂ ପାୱାରପ୍ଲେ' ପରି 'ବୋଲିଂ ପାୱାରପ୍ଲେ' ଆରମ୍ଭ କରିବାକୁ ସେ କହିଛନ୍ତି । ମ୍ୟାଚର ପ୍ରଥମ ଛଅ ଓଭର ପାୱାରପ୍ଲେ ମଧ୍ୟରୁ ଚାରି ଓଭରରେ ପୂର୍ବବତ୍ ଫିଲ୍ଡିଂ କଟକଣା ରହୁ ଓ ଅବଶିଷ୍ଟ ଦୁଇ ଓଭର ପାୱାର ପ୍ଲେ କେତେବେଳେ ନିଆଯିବ ତାହାର ଅଧିକାର ବୋଲିଂ ଅଧିନାୟକଙ୍କୁ ଦିଆଯାଉ ଓ ସେହି ଦୁଇ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ଭିତର ବୃତ୍ତ ବାହାରେ ଯେକୌଣସି ସ୍ଥାନରେ ରଖିବାକୁ ଅନୁମତି ଦିଆଯାଉ । ପୂର୍ବରୁ ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ପରି ଖେଳାଳି ମଧ୍ୟ ଇମ୍ପାକ୍ଟ ଖେଳାଳି ନିୟମକୁ ସମାଲୋଚନା କରିଥିଲେ । ଏହା ଦଳରେ ଅଲରାଉଣ୍ଡରଙ୍କ ଭୂମିକା ଗୌଣ କରୁଛି ବୋଲି ସେ କହିଥିଲେ ।



# ହେବନି ଆରସିବିର ବିଜୟ ଶୋଭାଯାତ୍ରା

ବେଙ୍ଗାଲୁରୁ : ଲଗାତାର ଦ୍ୱିତୀୟ ଥର ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲ୍ ଚାମ୍ପିଅନ ହେବା ପରେ ବେଙ୍ଗାଲୁରୁ ସମେତ ସମଗ୍ର କର୍ଣ୍ଣାଟକରେ ଖୁସିର ଲହର ଖେଳିଯାଇଛି । ରବିବାର ମଧ୍ୟରାତ୍ରିରେ ପ୍ରଶଂସକମାନେ ରାସ୍ତାକୁ ଓହ୍ଲାଇ ଖୁସି ମନାଉଥିବା ଦେଖାଯାଇଥିଲା । ତେବେ ଗତ ବର୍ଷ ପରି ଏଥର ଆର୍ସିବି, କର୍ଣ୍ଣାଟକ କ୍ରିକେଟ୍ ସଂଘ ପକ୍ଷରୁ କୌଣସି ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହେବ ନାହିଁ । ଏ ନେଇ ଆର୍ସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି । ମୁଖ୍ୟତଃ ଦୁଇଟି କାରଣରୁ ବିଜୟ ଶୋଭାଯାତ୍ରାକୁ ବାତିଲ କରାଯାଇଥିବା କୁହାଯାଉଛି । ପ୍ରଥମତଃ ଗତ ବର୍ଷର ତିକ୍ତ ଅନୁଭୂତି । ଗତ ବର୍ଷ ଚିନ୍ନାସ୍ୱାମୀରେ ଯେପରି ବିଜୟ ଉତ୍ସବ ସମୟରେ ଦଳାଚକଟା ଘଟି ୧୧ ଲୋକ ପ୍ରାଣ ହରାଇଥିଲେ । ଏଥର ଆର୍ସିବି ପରିଚାଳନା କିମ୍ବା ପୁଲିସ୍ କେହି ଏପରି ଘଟଣାର ପୁନରାବୃତ୍ତି ଚାହୁଁନାହାନ୍ତି । ଏଣୁ ବିଜୟର ତୁରନ୍ତ ପରେ ଆର୍ସିବି ପକ୍ଷରୁ 'ଏକ୍ସ'ରେ ଏକ ନିବେଦନ କରାଯାଇଥିଲା ଯେ ପ୍ରଶଂସକମାନେ ଦାୟିତ୍ୱବାନ ହୋଇ ନିଜ ଘରେ ଉତ୍ସବ ପାଳନ କରନ୍ତୁ । ପୁଲିସ ମଧ୍ୟ ରାସ୍ତାରେ ଉତ୍ସବ ପାଳନକୁ ବାରଣ କରୁଥିବା ଦେଖାଯାଇଥିଲା । ଦ୍ୱିତୀୟ କାରଣ ହେଉଛି, କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଶପଥ । ସେ ବୁଧବାର ଅପରାହ୍ଣ ସାଢେ ୪ଟା ସମୟରେ ଲୋକ ଭବନରେ ଶପଥ ଗ୍ରହଣ କରିବେ । ଏଥିପାଇଁ ସାରା ରାଜ୍ୟରୁ ଲୋକ ଏକାଠି ହେବେ । ସେଥିପାଇଁ ବି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଉଛି । ପୁଣି ଲୋକଭବନଟି ଚିନ୍ନାସ୍ୱାମୀ ନିକଟରେ ଥିବାରୁ ଉକ୍ତ ଅଂଚଳରେ ପ୍ରବଳ ଗହଳି ହେବାର ସମ୍ଭାବନା ଥିଲା । ଏହାକୁ ଦୃଷ୍ଟିରେ ରଖି ପୁଲିସ ବି ସୁରକ୍ଷା ସବୁଜ ସଂକେତ ପ୍ରଦାନ କରିନଥିଲା ।

# ଅନ୍ତଃ ଜିଲ୍ଲା ସିମ କପ ଫୁଟବଲ ଚାମ୍ପିୟନସିପ ବ୍ରହ୍ମପୁର ଜୋନ ଉଦଘାଟିତ

ବ୍ରହ୍ମପୁର, (ସବ୍ୟୁ) ଆଜି ଅନ୍ତଃ ୧୪ ବର୍ଷୀୟ ଉଭୟ ବାଳକ ଓ ବାଳିକା ବର୍ଗ ସି.ମ୍ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ର ଦ୍ୱିତୀୟ ସଂସ୍କରଣ ବ୍ରହ୍ମପୁର ଜୋନରେ ଉଦଘାଟନ ହୋଇଯାଇଛି । ବ୍ରହ୍ମପୁର ଜୋନରେ ମୋଟ ୮ ଗୋଟି ଜିଲ୍ଲା ଅଂଶ ଗ୍ରହଣ କରିଛନ୍ତି । ଯଥା -ନବରଙ୍ଗପୁର, ରାୟଗଡା, କୋରାପୁଟ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଏବଂ ମାଲକାନଗିରି । ଉଦଘାଟନ ଦିବସ ରେ ଚାରିଗୋଟି ମ୍ୟାଚ ଖେଳା ଯାଇଥିଲା । ପ୍ରଥମ ମ୍ୟାଚ ବାଳିକା ବର୍ଗ ରେ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ୮-୦ ଗୋଲରେ ବିଜୟୀ ହାସଲ କରିଥିଲେ । ବାଳିକା ବର୍ଗ ର ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା ଏବଂ ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲ କରିଥିଲେ ଏବଂ ବାଳକ ବର୍ଗ ରେ ପ୍ରଥମ ମ୍ୟାଚ କୋରାପୁଟ ଓ ନବରଙ୍ଗପୁର ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ଦଳ ୩-୦ ଗୋଲ ରେ ବିଜୟ ହାସଲ କରିଥିଲେ ଓ ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ମାଲକାନଗିରି ବାଳକ ବର୍ଗ ମଧ୍ୟରେ ଖେଳାଯାଇଥିଲା, ମାଲକାନଗିରି ଦଳ ୩-୦ ଗୋଲ ରେ ବିଜୟୀ ହାସଲ କରିଥିଲେ । ଏହି ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ କେ. ଅନିଲ କୁମାର ବ୍ରହ୍ମପୁର ବିଧାୟକ, ଓ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଭାଗିରଥି ସ୍ୱାଇଁ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ , ପ୍ରଦୀପ କୁମାର ନାୟକ, ଶିବ ପ୍ରସାଦ ଦାସ, କେଦାରନାଥ ଚୌଧୁରୀ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଉପ - ସଭାପତି, ତାରିଣୀ ସାମନ୍ତରାୟ ଗଞ୍ଜାମ, ବିଜୟ କୁମାର ପଟନାୟକ, ରାଜ ନାରାୟଣ ପାତ୍ର, ଡ଼ି.ଡ଼ି ଗନ୍ତାୟତ, ଡ଼ି. ଆପା ରାଓ, ଜି.ଏମ ବାବୁ, ପ୍ରମୋଦ ମହାରଣା, ସୀତାରାମ ବବ୍ରେତ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ ଏବଂ ଡ଼ି. ବାବୁ ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ କୋଷାଧ୍ୟକ । ବାଳିକା ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ରାହାନ୍ତି ସରକା, ରେବତୀ ପେଡ଼ିକିକା, ରୋହିଲା ଭତ୍ରା ଏବଂ ବାଳକ ବର୍ଗ ଖେଳ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ଖଗପତି ଖରା, ବିଚିତ୍ର ଜେନା ଏବଂ ମ୍ୟାଚ ରେଫ୍ରିସୁଜିତ କୁମାର ପାତ୍ର, ମନୋଜ କୁମାର ନାୟକ ଖେଳକୁ ପରିଚାଳନା କରିଥିଲେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଭାପତି ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।



# ଭାରତରେ ଫିଫା ବିଶ୍ୱକପର ପ୍ରସାରଣ କରିବ ଜି

ନୂଆଦିଲ୍ଲୀ : ଭାରତୀୟ ଫୁଟବଲ ପ୍ରେମୀଙ୍କ ପାଇଁ ବଡ଼ ଖବର । ଜି ଏଣ୍ଟରଟେନମେଣ୍ଟ ସୋମବାର ୨୦୨୬ ଫିଫା ବିଶ୍ୱକପର ପ୍ରସାରଣ ଅଧିକାର ହାସଲ କରିଛି । ଭାରତରେ ଫିଫା ବିଶ୍ୱକପର ପ୍ରସାରଣକୁ ପ୍ରାୟ ଗୋଟିଏ ମାସ ହେଲା ଅନିଶ୍ଚିତତା ଲାଗି ରହିଥିଲା । ଭାରତୀୟ ଫୁଟବଲ ପ୍ରେମୀ ବିଶ୍ୱକପର ପ୍ରସାରଣ ଦେଖିପାରିବେ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା । କିନ୍ତୁ ଆଜି ସବୁ ଅନିଶ୍ଚିତତା ଓ ଆଶଙ୍କା ଦୂର ହୋଇଯାଇଛି । ବିଶ୍ୱକପ ଜୁନ ୧୧ରୁ ଆମେରିକା, କାନାଡା ଓ ମେକ୍ସିକୋରେ ଆରମ୍ଭ ହେବ । ଏହାର ୧୦ ଦିନ ପୂର୍ବରୁ ଜି ହାସଲ କରିଛି ପ୍ରସାରଣ ଅଧିକାର । କେବଳ ୨୦୨୬ ଫିଫା ବିଶ୍ୱକପ ନୁହେଁ, ୨୦୩୪ ଯାଏ ହେବାକୁ ଥିବା ଅନ୍ୟ ୩୮ ଟି ଫିଫା କାର୍ଯ୍ୟକ୍ରମର ପ୍ରସାରଣ କରିବାକୁ ଜି କୁ ଅନୁମତି ମିଳିଛି । ଜି କେତେ ଟଙ୍କାରେ ପ୍ରସାରଣ ଅଧିକାର ପାଇଛି, ତାହା ସ୍ପଷ୍ଟ ହୋଇନି । କିନ୍ତୁ ରୟଟର୍ସ ପୂର୍ବରୁ ରିପୋର୍ଟ କରିଥିଲା ଯେ ଫିଫା ପାରମ୍ଭିକ ପର୍ଯ୍ୟାୟରେ ଭାରତରେ ପ୍ରସାରଣ ଅଧିକାର ଦେବାକୁ ୧୦୦ ମିଲିୟନ ଡଲାର ଧାର୍ଯ୍ୟ କରିଥିଲା ।

# ଟିମ ଇଣ୍ଡିଆର ବ୍ୟସ୍ତବହୁଳ ଆନ୍ତର୍ଜାତୀୟ କାର୍ଯ୍ୟସୂଚୀ

ନୂଆଦିଲ୍ଲୀ: ଆଇପିଏଲର ୨୦୨୬ ସଂସ୍କରଣ ଶେଷ ହୋଇଛି । ଗୁଜରାଟ ଟାଇଟାନ୍ସକୁ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଛି । ଏବେ ଟିମ ଇଣ୍ଡିଆ ଅନ୍ତର୍ଜାତୀୟ ସିରିଜରେ ବ୍ୟସ୍ତ ରହିବ । ଜୁନ ୬ରୁ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ମାଧ୍ୟମରେ ଭାରତ ସିଜନ ଆରମ୍ଭ କରିବ । ଏହି ମ୍ୟାଚ ନ୍ୟୁ ଚଣ୍ଡୀଗଡରେ ଖେଳାଯିବ । ଏହା ପରେ ୧୩ରୁ ୨୦ ଜୁନ ପର୍ଯ୍ୟନ୍ତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ । ୨୬ରୁ ୨୯ ଜୁନ ପର୍ଯ୍ୟନ୍ତ ଟିମ ଇଣ୍ଡିଆ ୨ଟି ଟି ୨୦ ମ୍ୟାଚ ଖେଳିବ । ଜୁଲାଇ ୧ରୁ ଇଂଲଣ୍ଡ ଗସ୍ତରେ ଯିବ ଭାରତ । ସେଠାରେ ୧୧ ପର୍ଯ୍ୟନ୍ତ ୫ଟି ଟି୨୦ ମ୍ୟାଚ ଖେଳାଯିବ । ୧୪ରୁ ୧୯ ଜୁଲାଇ ପର୍ଯ୍ୟନ୍ତ ୩ଟି ଦିନିକିଆ ଓ ୨୩ରୁ ୨୬ ପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ ଖେଳାଯିବ । ଅଗଷ୍ଟରେ ଭାରତୀୟ ଟିମ ଶ୍ରୀଲଙ୍କା ଗସ୍ତରେ ଯିବ । ୨ଟି ଟେଷ୍ଟ ଓ ୩ଟି ଟି ୨୦ ମ୍ୟାଚ ଖେଳାଯିବାକୁ ଥିଲେ ମଧ୍ୟ ଏହାର କାର୍ଯ୍ୟସୂଚୀ ସ୍ଥିର ହୋଇନି । ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଜାପାନରେ ଭାରତୀୟ ଟିମ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବ । ସେହିପରି ୨୭ ସେପ୍ଟେମ୍ବରରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଭାରତ ୩ଟି ମ୍ୟାଚ ୱେଷ୍ଟଇଣ୍ଡିଜ ସହ ଖେଳିବ । ୬ରୁ ୧୭ ପର୍ଯ୍ୟନ୍ତ ୫ଟି ଟି୨୦ ମ୍ୟାଚ ଖେଳାଯିବ ।

# ବୟସ ୧୫, ହେଲେ ରୋଜଗାର ଅମାପ

ଅହମ୍ମଦାବାଦ : ଆଇପିଏଲ ପରି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି । ଏକାକୀ ରାଜସ୍ଥାନକୁ ଏକାଧିକ ମ୍ୟାଚ୍ ଜିତାଇଥିବା ନେଇ ଏବେ ଚାରିଆଡ଼େ ଚର୍ଚ୍ଚା । ଏହି ଯୁବ ତାରକା ଜଣଙ୍କ ପୂରା ସିଜିନରେ ଅନେକ ଷ୍ଟାର ଖେଳାଳିଙ୍କୁ ପଛରେ ପକାଇ ଜିତିଛନ୍ତି କମଳା ରଙ୍ଗର ଟୋପି । ଚଳିତ ସିଜିନରେ ସେ ମୋଟ ୭୭୬ ରନ କରିବାରୁ ତାଙ୍କୁ କମଳା ରଙ୍ଗର ଟୋପି ମିଳିଛି । ଏହାବାଦ ସବୁଠାରୁ ମୂଲ୍ୟବାନ ଖେଳାଳି ଓ ସୁପର ଷ୍ଟ୍ରାଇକର ଅଫ ଦି ସିଜିନ ପୁରସ୍କାର ମଧ୍ୟ ଜିତିଛନ୍ତି ବୈଭବ । ଆଇପିଏଲ ଇତିହାସରେ ଗୋଟିଏ ସିଜନରେ ୫ଟି ବ୍ୟକ୍ତିଗତ ପୁରସ୍କାର ଜିତିବାରେ ବୈଭବ ପ୍ରଥମ ଖେଳାଳି ବନି ଯାଇଛନ୍ତି । ଚଳିତ ସିଜନରେ ବୈଭବଙ୍କୁ କୋଟି କୋଟି ଟଙ୍କା ସହ ମିଳିଛି ଗୋଟିଏ ଦାମୀ କାର । ରାଜସ୍ଥାନ ରୟାଲ୍ସ ୨୦୨୫ ମେଗା ଅକ୍ସନ ପୂର୍ବରୁ ବୈଭବ ସୂର୍ଯ୍ୟବଂଶୀଙ୍କୁ ୧.୧୦ କୋଟି ଟଙ୍କାରେ କିଣିଥିଲା । ତାଙ୍କୁ ୨୦୨୫ ଆଇପିଏଲ ପରେ ସମାନ ଟଙ୍କାରେ ନିଜ ସହ ରଖିଥିଲା । ବୈଭବ ମଧ୍ୟ ସବୁଠାରୁ କନିଷ୍ଠ ଖେଳାଳି ଭାବେ ଆଇପିଏଲରେ ଡେବ୍ୟୁ କରିଥିଲେ । କେବଳ ସେ ଡେବ୍ୟୁ କରି ନଥିଲେ ବରଂ ଫ୍ରାଞ୍ଚାଇଜ ତାଙ୍କୁ କାହିଁକି ଏତେ ଟଙ୍କା ଦେଇ କିଣିଥିଲା, ତାହା ମଧ୍ୟ ସେ ସମସ୍ତଙ୍କୁ ପ୍ରମାଣିତ କରି ଦେଖାଇଛନ୍ତି । ରାଜସ୍ଥାନ ଆଇପିଏଲ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା । ହେଲେ ବୈଭବ ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠାନ ଆଇପିଏଲ ଫାଇନାଲରେ ସାମିଲ ହୋଇଥିଲେ । ଆରସିବି କ୍ରମାଗତ ଦ୍ୱିତୀୟ ଥର ଟ୍ରଫି ଜିତିବା ପରେ ଆରମ୍ଭ ହୋଇଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମ । ଅଉ ପ୍ରଥମେ ବୈଭବଙ୍କୁ ଚଳିତ ଆଇପିଏଲର ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ମିଳିଥିଲା । ଏହାବାଦ ତାଙ୍କୁ ଆହୁରି ଏକାଧିକ ପୁରସ୍କାର ମିଳିଛି । ବାର୍ଷିକ ରିଟେନ ଦାମ ୧.୧୦ କୋଟି ଓ ବ୍ୟକ୍ତିଗତ ପୁରସ୍କାର ବାବଦରେ ବୈଭବଙ୍କୁ ମିଳିଛି ୫୫ ଲକ୍ଷ ଟଙ୍କା । ଏହା ମଧ୍ୟରେ ଟାଟା ସିଆରା ବି ରହିଛି । ଏହାବାଦ ଆଇପିଏଲର ପ୍ରତିଟି ମ୍ୟାଚ୍ ପାଇଁ ତାଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏ ମ୍ୟାଚ୍ ଫି' ଆକାରେ ମିଳିଛି । ସେ ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ୧୬ଟି ମ୍ୟାଚ୍ ଖେଳିଛନ୍ତି । ଏହାର ଅର୍ଥ ମ୍ୟାଚ୍ ଫି' ବାବଦରେ ତାଙ୍କୁ ୧.୨୦ କୋଟି ଟଙ୍କା ଦିଆଯାଇଛି । ବୈଭବ ବିଭିନ୍ନ ମ୍ୟାଚରେ ନିଜର ବ୍ୟକ୍ତିଗତ ପ୍ରଦର୍ଶନ ପାଇଁ ମ୍ୟାନ ଅଫ ଦି ମ୍ୟାଚ୍ ଓ ଅନ୍ୟ ପୁରସ୍କାର ମଧ୍ୟ ଜିତିଛନ୍ତି । ସେ ଏକାଧିକ ଥର ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାଚରେ ସର୍ବାଧିକ ଛକା ମାରିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ପାଇଥିଲେ । ମୋଟ ଉପରେ ବୈଭବ ଚଳିତ ଆଇପିଏଲରେ ୨.୫୦ କୋଟିରୁ ଅଧିକ ଟଙ୍କା ଜିତିଛନ୍ତି ।




# ଗୁଜରାଟ ଟାଇଟନ୍ସର ଖେଳାଳିଙ୍କ ପାଇଁ ଅଶୁଭ

ଅହମ୍ମଦାବାଦ : ରବିବାର ସତେ ଯେମିତି ଆଇପିଏଲ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସର ବେଳା ଭଲ ନଥିଲା । ପ୍ରଥମେ ଦଳ ଫାଇନାଲ ମ୍ୟାଚରେ ଟସ୍ ହାରିଥିଲା । ପରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମାତ୍ର ୧୫୫ ରନ କରିବାକୁ ସକ୍ଷମ ହେଲା । ଶେଷରେ ରୟାଲ ଚ୍ୟାଲେଞ୍ଜର୍ସ ଏକତରଫା ଭାବେ ଫାଇନାଲ ମ୍ୟାଚକୁ ଜିତି ନେଲା । ଏହି ଦୁଃଖରେ ଭାଙ୍ଗି ପଡ଼ିଥିବା ଖେଳାଳିଙ୍କ ସହ ଆଉ ଗୋଟିଏ ବଡ଼ ଅଘଟଣ ଘଟିଛି । ମ୍ୟାଚ୍ ପରେ ସେମାନଙ୍କୁ ନେଇ ଯାଉଥିବା ବସରୁ ହଠାତ୍ ବାହାରିଛି ଧୂଆଁ । ଅଧା ବାଟରେ ଏପରି ଘଟଣା ଘଟିବାରୁ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ତୁରନ୍ତ ସେଠାରୁ ବାହାର କରାଯାଇଥିଲା । ଶଟ ସର୍କିଟ ଯୋଗୁ ଗୁଜରାଟ ଖେଳାଳିଙ୍କୁ ନେଇ ଯାଉଥିବା ବସରେ ଏତେ ବଡ଼ ଘଟଣା ଘଟିଥିଲେ ହେଁ କାହାର କୌଣସି କ୍ଷତି ହୋଇନାହିଁ । ପିଟିଆଇର ରିପୋର୍ଟ ଅନୁସାରେ, ଆଇପିଏଲ ଫାଇନାଲରେ ଆରସିବି ଠାରୁ ୫ ୱିକେଟରେ ଗୁଜରାଟ ପରାସ୍ତ ହୋଇଥିଲା । ଏହାପରେ ନରେନ୍ଦ୍ର ମୋଦି ଷ୍ଟାଡିୟମରୁ ଗୁଜରାଟର ଖେଳାଳି ଓ ଅନ୍ୟ ସଦସ୍ୟମାନେ ସେମାନଙ୍କ ହୋଟେଲକୁ ଫେରିଥିଲେ । କିନ୍ତୁ ଅଧା ରାସ୍ତାରେ ପୂରା ବସ ଧୂଆଁମୟ ହୋଇ ଯାଇଥିଲା । ଏହାକୁ ଦେଖି ସମସ୍ତେ ଛାନିଆ ହୋଇ ଯାଇଥିଲେ । ଏପରି ସ୍ଥିତିରେ କାଳବିଳମ୍ବ ନ କରି ଖେଳାଳି ଓ ଅନ୍ୟମାନଙ୍କୁ ବସରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ସର୍ଟ ଶର୍କିଟ ଜନିତ ଅଘଟଣରେ କୌଣସି ଖେଳାଳି ଓ ସପୋର୍ଟ ଷ୍ଟାଫ ଆହତ ହୋଇ ନାହାନ୍ତି । ତେବେ ବସର ଅଘଟଣ ଯୋଗୁ ସେମାନଙ୍କୁ ରାସ୍ତାକଡ଼ରେ ବେଶ କିଛି ସମୟ ବିତାଇବାକୁ ପଡ଼ିଥିଲା ।



# ସେମିରେ ଭୁବନେଶ୍ୱର 'ଏ'-ସୁନ୍ଦରଗଡ଼, କଟକ 'ଏ'-ରାଉରକେଲା

କଟକ : ୧୯ ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟର ରବିବାର ୪ଟି କ୍ୱାର୍ଟର ଫାଇନାଲ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଭୁବନେଶ୍ୱର-ଏ', କଟକ-ଏ', ସୁନ୍ଦରଗଡ଼, ରାଉରକେଲା ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଆଜି ଭୁବନେଶ୍ୱର-ଏ' ଓ ସୁନ୍ଦରଗଡ଼ ମଧ୍ୟରେ ପ୍ରଥମ ଏବଂ କଟକ-ଏ' ଓ ରାଉରକେଲା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ । ରବିବାର ଭୁବନେଶ୍ୱର-ଏ' ବ୍ୟାଟର କ୍ରୀଷ୍ଣା ସାସ୍ମଲ ଶତକ (୧୦୧ରନ, ୬୨ବଲ୍) ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସାଥୀ ଖେଳାଳି ସୌମ୍ୟରଞ୍ଜନ ମହାନ୍ତି ୫ଟି ୱିକେଟ ହାସଲ କରିଥିଲେ । ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ' ୭ ୱିକେଟରେ କନ୍ଧମାଳକୁ ପରାସ୍ତ କରିଛି । କନ୍ଧମାଳ ୩୩.୩ ଓଭରରେ ୧୭୫ରନ୍ କରିଥିଲା । ଆୟୁଷ ପ୍ରଧାନ ୪୮ରନ୍ କରିଥିବା ବେଳେ ସୌମ୍ୟରଞ୍ଜନ ମହାନ୍ତି ୫ଟି ୱିକେଟ୍ ନେଇଥିଲେ । ଜବାବରେ ଭୁବନେଶ୍ୱର-ଏ' ୨୦.୧ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୭୮ରନ୍ ହାସଲ କରି ନେଇଥିଲା । କ୍ରୀଷ୍ଣା ସାସ୍ମଲ ୧୦୧ ରନ୍ କରିଥିଲେ । ସୌମ୍ୟରଞ୍ଜନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଦ୍ୱିତୀୟ କ୍ୱାର୍ଟରରେ କଟକ-ଏ' ୨ ୱିକେଟରେ ନୟାଗଡ଼କୁ ପରାସ୍ତ କରିଛି । ନୟାଗଡ଼ ୧୬୫ରନ୍ କରିଥିଲା । ଆଦିତ୍ୟ ପ୍ରଧାନ ୬୬ରନ୍ କରିଥିବା ବେଳେ ଅଭିଶେକ ଓ ସାଇରାଜ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ କଟକ-ଏ' ୩୨.୧ ଓଭରରେ ୮ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅଭିଶେକ କଲିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ତୃତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୭ ୱିକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି । ଝାରସୁଗୁଡ଼ା ୩୫ ଓଭରରେ ୭ ୱିକେଟ୍ ହରାଇ ୨୦୦ ରନ୍ କରିଥିଲା । ଦୀପକ ଯାଦବ ୮୫ ଓ ଓମ୍ ସୁକୁନିଆ ୫୦ରନ୍ କରିଥିଲେ । ଜବାବରେ ସୁନ୍ଦରଗଡ଼ ୩୩ ଓଭରରେ ୩ ୱିକେଟ୍ ହରାଇ ୨୦୪ରନ୍ କରି ମ୍ୟାଚ୍ ଜିତିଥିଲା । ଆଦିତ୍ୟ ଆନନ୍ଦ ୮୭ରନ୍ କରିଥିଲେ । ତାଙ୍କୁ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା । ଶେଷ କ୍ୱାର୍ଟର ଫାଇନାଲରେ ରାଉରକେଲା ୮ ୱିକେଟରେ ଭୁବନେଶ୍ୱର-ବି' କୁ ପରାସ୍ତ କରିଛି । ଭୁବନେଶ୍ୱର-ବି' ୩୫ ଓଭରରେ ୯ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଅଂଶୁମାନ ଆଚାର୍ଯ୍ୟ ୫୦ରନ୍ କରିଥିବା ବେଳେ କ୍ରୀଷ୍ଣା ସିଂହ ୩ଟି ୱିକେଟ୍ ନେଇଥିଲେ । ଜବାବରେ ରାଉରକେଲା ୨୭.୪ ଓଭରରେ ୨ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୬୦ ରନ୍ କରି ନେଇଥିଲା । ପ୍ରଚେତ ସିଂହ ୯୨ ରନ୍(୯୭ବଲ୍) ସ୍କୋର୍ କରିଥିଲେ । ପ୍ରଚେତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଲାସିଫାଏଡ୍ ଡିସପ୍ଲେ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୫୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୫୪ରେ ଯୋଗାଯୋଗ କରନ୍ତୁ ।

# ଆରସିବି କ୍ୟାପଟେନଙ୍କ ସଫଳତା ପଛରେ ଗୁଞ୍ଜନ

ଅହମଦାବାଦ : ରଜତ ପାଟିଦାରଙ୍କ ଅଧିନାୟକତ୍ୱରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଚାମ୍ପିଅନ ହୋଇଛି । ପାଟିଦାରଙ୍କୁ ୨୦୨୫ର ସଂସ୍କରଣରେ ବେଙ୍ଗାଲୁରୁର ଅଧିନାୟକ କରାଯାଇଥିଲା । ସେ ନିଜର ପ୍ରଥମ ଦୁଇଟି ସଂସ୍କରଣରେ ଦଳକୁ ଚାମ୍ପିଅନ କରାଇଛନ୍ତି । ରଜତ ପାଟିଦାରଙ୍କ ସଫଳତାର ପଛରେ ତାଙ୍କର ପତ୍ନୀଙ୍କର ବଡ଼ ଅବଦାନ ରହିଛି । ସ୍ୱାମୀଙ୍କ ସଫଳତା ପାଇଁ ଗୁଞ୍ଜନ ମଧ୍ୟ ଯୋଜନା କରିଛନ୍ତି । ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗତକାଲି ରାତିରେ ଫାଇନାଲ ମ୍ୟାଚ୍ ପରେ ରଜତ ପାଟିଦାର ନିଜର ପତ୍ନୀ ଗୁଞ୍ଜନ ପାଟିଦାରଙ୍କ ସହିତ ଫଟୋସୁଟ୍ କରିଛନ୍ତି । ଏହି ଫଟୋରେ ଆଇପିଏଲ୍ ଟ୍ରଫି ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଝିରେ ଦେଖାଯାଉଛି । ରଜତ ପାଟିଦାର କ୍ରମାଗତ ଆଇପିଏଲର ୨ଟି ସଂସ୍କରଣରେ ଟ୍ରଫି ଜିତିସାରିଛନ୍ତି । କିନ୍ତୁ ତାଙ୍କର ପତ୍ନୀ ଗୁଞ୍ଜନ ସାମାଜିକ ଚର୍ଚ୍ଚା ଠାରୁ ଦୂରରେ ରହିଥାନ୍ତି । ରଜତଙ୍କ ସାମାଜିକ ମିଡିଆ ଆକାଉଣ୍ଟରେ ମଧ୍ୟ ଗୁଞ୍ଜନଙ୍କ ଫଟୋ ବହୁତ କମ୍ ଦେଖିବାକୁ ମିଳିଥାଏ । ସେହିପରି ଆଇପିଏଲ୍ ଟୁର୍ଣ୍ଣାମେଣ୍ଟ ସମୟରେ ମଧ୍ୟ ଗୁଞ୍ଜନଙ୍କୁ କମ୍ ଦେଖିବାକୁ ମିଳିଥିଲା । କିନ୍ତୁ ଯେତେବେଳେ ଆରସିବି ଚାମ୍ପିଅନ ହେଲା, ଗୁଞ୍ଜନ ପଡ଼ିଆ ଭିତରକୁ ପ୍ରବେଶ କରିଥିଲେ ଏବଂ ହାତରେ ଟ୍ରଫି ନେଇ ସ୍ୱାମୀ ରଜତ ପାଟିଦାରଙ୍କ ସହିତ ଫଟୋସୁଟ୍ କରାଇଥିଲେ । ରଜତ ପାଟିଦାରଙ୍କ ସଫଳତା ପଛରେ ପତ୍ନୀ ଗୁଞ୍ଜନଙ୍କ ବଡ଼ ଭୂମିକା ରହିଛି । ଆଇପିଏଲ୍ ୨୦୨୨ର ନିଲାମୀ ସମୟରେ ରଜତ ପାଟିଦାରଙ୍କୁ କେହି ନିଲାମ କରି ନଥିଲେ । ସେହି ସମୟରେ ସେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ବିବାହ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିଲା । ଏହି ସମୟରେ ରଜତ ପାଟିଦାରଙ୍କୁ ଆରସିବି ଡାକିଥିଲା । କିନ୍ତୁ ସେ ଯିବାକୁ ପ୍ରସ୍ତୁତ ନଥିଲେ । ଅମଙ୍ଗ ରଜତଙ୍କୁ ଗୁଞ୍ଜନ ବହୁତ ବୁଝାଇଥିଲେ । ଶେଷରେ ଆରସିବି କାର୍ଯ୍ୟାଳୟକୁ ରଜତ ଯାଇଥିଲେ । ବିବାହ ତାରିଖ ପରିବର୍ତ୍ତନ କରାଯାଇଥିଲା ଏବଂ ଆରସିବିରେ ରଜତ ଯୋଗ ଦେଇଥିଲେ । ଆଇପିଏଲ୍ ୨୦୨୨ର ଏଲିମିନେଟର ମୁକାବିଲାରେ ରଜତ ପାଟିଦାର ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ୫୪ ବଲ୍‌ରେ ୧୧୨ ରନ୍ ସଂଗ୍ରହ କରିଥିଲେ । ରଜତଙ୍କ ଏହି ଇନିଂସ ସବୁ କିଛି ପରିବର୍ତ୍ତନ କରିଦେଇଥିଲା । ୨୦୨୪ରେ ସେ ୩୯୫ ରନ୍ କରିଥିଲେ । ୨୦୨୫ ସଂସ୍କରଣ ପୂର୍ବରୁ ଆରସିବି ଭରସା ରଖି ରଜତଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥିଲା । ଟିମ ପ୍ରାରମ୍ଭିକ ୧୭ଟି ସଂସ୍କରଣରେ ଖାଲି ହାତରେ ଥିଲା, ଯାହାକୁ ରଜତ ପାଟିଦାର ପୂରଣ କରିଥିଲେ ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି